READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ଦୀପାବଳି ପାଇଁ ମାଟି ଦୀପ ପ୍ରସ୍ତୁତି...

ବର୍ଷ-୩ | ସଂଖ୍ୟା-୪୦ | ୨୧ - ୨୭ ଅକ୍ଟୋବର, ୨୦୧୯ | ଭୁବନେଶ୍ୱର | Monday Weekly | VOL-3 | ISSUE-40 | 21st - 27th OCTOBER, 2019 | BHUBANESWAR | ₹ 5/- (8 Pages)

### ରାଜଧାନୀରେ ବେଆଇନ ପାର୍କିଂ ଫି’ ପ୍ରସଙ୍ଗ

# ଚର୍ଚ୍ଚା ଥମୁନି, ଅସହାୟ ବିଡିଏ

**ଭୁବନେଶ୍ୱର, (ତାରକ ମହାନ୍ତି):** କଟକଣା ଲାଗୁ ହୋଇଥିବା ସ୍ଥାନରେ ଏବେବି ପାର୍କିଂ ଫି’ ଆଦାୟ କରାଯାଉଛି। ବିଡିଏ-ବିଏମ୍‌ସି ଭିତରେ ତାଳମେଳ ନଥିବାରୁ ନୂଆ ନିୟମ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ନିର୍ଦ୍ଦେଶନାମା ପ୍ରକାଶ କରି ଚୁପ୍ ବସି ପଡିଛି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)। ଯାଞ୍ଚ ନାହିଁ କି ଧରପଗଡ ବି ନାହିଁ। ଏଭଳି ଅବସ୍ଥାରେ ରାଜଧାନୀର ୯୦% ପାର୍କିଂ ସ୍ଥଳ ନିଲାମ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ବେଆଇନ ପାର୍କିଂ ଫି’ ଉପରେ ବିଡିଏ ରୋକ ଲଗାଇଛି। ଦୀର୍ଘବର୍ଷ ହେବ ରାଜଧାନୀରେ ସପିଂ ମଲ୍, ବ୍ୟାବସାୟିକ ପ୍ରତିଷ୍ଠାନ, ମଲ୍ଟିପ୍ଲେକ୍ସ୍, ହସ୍ପିଟାଲ, ଆପାର୍ଟମେଣ୍ଟ ଓ ଆବାସିକ ବାସଗୃହ ପ୍ରକଳ୍ପ ଅଞ୍ଚଳରେ ବେଆଇନ ଭାବେ ପାର୍କିଂ ଫି’ ଆଦାୟ କରି ଲୋକଙ୍କୁ ଶୋଷଣ



କରାଯାଉଥିଲେ ବି ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଏହା ବଢ଼ିଚାଲିଥିଲା। ଆଗରୁ ଏଥିପ୍ରତି ଆଖି ବୁଜି ଦେଇଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବେ ହଠାତ୍ ଚଳଚଞ୍ଚଳ ହୋଇଉଠିଛି। ବେଆଇନ ପାର୍କିଂ ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖା ଦେବାରୁ ତତ୍ପର ହୋଇଉଠିଛି ବିଡିଏ। ଏକ ନିର୍ଦ୍ଦେଶନାମା ଜାରି ହେବା ପରେ ଜନସାଧାରଣ ଆଶ୍ୱସ୍ତ ହୋଇଥିଲେ ବି ବାସ୍ତବ କ୍ଷେତ୍ରରେ ଏହି ନୂଆ ନିର୍ଦ୍ଦେଶନାମାର କାର୍ଯ୍ୟକାରିତାକୁ ନେଇ ତଥାପି ସନ୍ଦେହର ଅବସାନ ହୋଇନାହିଁ। ତେବେ ବିଡିଏ ଉପାଧ୍ୟକ୍ଷ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ସେଥିରେ ବେଆଇନ ପାର୍କିଂ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଯାଇଛି। ଏଭଳି କାର୍ଯ୍ୟ ବେଆଇନ ହୋଇଥିବାରୁ ଫି’ ଆଦାୟକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଏ ନିର୍ଦ୍ଦେଶ ଦେଇଛି। ମାଗଣାରେ ପାର୍କିଂ ସୁବିଧା ଯୋଗାଇବା ବଦଳରେ ଯେଉଁମାନେ ବେଆଇନ ପାର୍କିଂ ଫି’ ଆଦାୟ କରୁଛନ୍ତି ଏହା ନିୟମ ବିରୁଦ୍ଧ। ହେଲେ ଦୀର୍ଘବର୍ଷରୁ ରାଜଧାନୀରେ ଏହି କାର୍ଯ୍ୟ ଚାଲିଆସୁଥିଲେ ମଧ୍ୟ ବିଡିଏ ଓ ଏହି କାର୍ଯ୍ୟକୁ ତଦାରଖ କରୁଥିବା ବିଭିନ୍ନ ସଂସ୍ଥା ଅଣଦେଖା କରିବାରୁ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ଯାହାକି ବିଡିଏ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି। ତେବେ ଏଠି ପ୍ରଶ୍ନ ଉଠୁଛି ଖୋଦ୍ ରାଜଧାନୀରେ ଜନସାଧାରଣଙ୍କୁ ଲୁଣ୍ଠନ କରୁଥିବା ବେଆଇନ ପାର୍କିଂ ଫି’ ଆଦାୟକାରୀ ବେଧଡକ ଏଭଳି କରୁଥିଲେ କିପରି ? ରାଜ୍ୟର ମୁଣ୍ଡ ଭାବେ ନେତା, ମନ୍ତ୍ରୀ, ଶାସକ, ପ୍ରଶାସକ ଓ ବିଭାଗୀୟ ବଡ ବଡ ହାକିମମାନେ ରହୁଥିଲା ବେଳେ କେହି କେମିତି ଏ ବିଷୟ ଟେର ପାଉନଥିଲେ। ବିଡିଏ ଯେତେବେଳେ ବିଡିଏ ପ୍ଲାନ୍ ମଞ୍ଜୁର ଦିଏ ସେଥିରେ ଆପାର୍ଟମେଣ୍ଟ, ଆବାସିକ ଗୃହ ଓ ବ୍ୟାବସାୟିକ ପ୍ରତିଷ୍ଠାନ ତଥା ମଲ୍ଟିପ୍ଲେକ୍ସ୍ ପାଇଁ ଅନେକ ସର୍ତ୍ତ ଓ ନିୟମ ରହିଥାଏ। ଏଥିସହିତ କେଉଁ ସ୍ଥାନରେ ପାର୍କିଂ କରାଯିବ ତାହା ନକ୍ସାରେ ଚିହ୍ନଟ କରିଥାଏ ବିଡିଏ। ବିଡିଏ ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡସ ଅନୁସାରେ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ସହିତ ➤ ପୃ-୬

# ପରବର୍ତ୍ତୀ ପ୍ରଧାନ ବିଚାରପତି ଜଷ୍ଟିସ୍ ବୋବ୍‌ଡେ



**ନୂଆଦିଲ୍ଲୀ:** ନଭେମ୍ବର ୧୭ ତାରିଖରେ ଅବସର ଗ୍ରହଣ କରିବେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ। ନିଜର ଉତ୍ତରାଧିକାରୀ ଭାବେ ଜଷ୍ଟିସ ଏସ୍‌ଏ ବୋବ୍‌ଡେଙ୍କ ନାମକୁ ସୁପାରିସ କରିଛନ୍ତି ଜଷ୍ଟିସ ଗୋଗୋଇ। ତେଣୁ ଜଷ୍ଟିସ୍ ବୋବ୍‌ଡେ ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ହେବେ। ସୁପ୍ରିମକୋର୍ଟର ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇ ପରମ୍ପରା ଅନୁଯାୟୀ ତାଙ୍କ ପରେ ଏହି ସର୍ବୋଚ୍ଚ ପଦବୀ ଲାଗି ଜଷ୍ଟିସ୍ ବୋବ୍‌ଡେଙ୍କ ନାମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଜଷ୍ଟିସ ଗୋଗୋଇଙ୍କ ପରେ ୨ୟ ବରିଷ୍ଠ ବିଚାରପତି ହେଉଛନ୍ତି ଜଷ୍ଟିସ୍ ବୋବ୍‌ଡେ। ଜଷ୍ଟିସ୍ ଗୋଗୋଇ କେନ୍ଦ୍ରକୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ଜଷ୍ଟିସ ବୋବ୍‌ଡେଙ୍କୁ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ଦେବା ଲାଗି ସରକାର ପ୍ରକ୍ରିୟା ଆରମ୍ଭ କରନ୍ତୁ। ୬୩ ବର୍ଷୀୟ ଜଷ୍ଟିସ୍ ବୋବ୍‌ଡେ ସୁପ୍ରିମକୋର୍ଟରେ ବିଚାରପତି ହେବା ପୂର୍ବରୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ସେ ମଧ୍ୟ ମୁମ୍ବାଇ ସ୍ଥିତ ମହାରାଷ୍ଟ୍ର ନ୍ୟାସନାଲ ଲ’ ୟୁନିଭରସିଟି ଏବଂ ନାଗପୁର ସ୍ଥିତ ମହାରାଷ୍ଟ୍ର ନ୍ୟାସନାଲ ଲ’ ୟୁନିଭର୍ସିଟିର କୁଳାଧିପତି ଭାବେ କାର୍ଯ୍ୟ କରିଥିଲେ। ଜଷ୍ଟିସ ବୋବ୍‌ଡେ ୨୦୨୧ ଏପ୍ରିଲ ୨୩ରେ ଅବସର ଗ୍ରହଣ କରିବେ। ନାଗପୁର ବାସିନ୍ଦା ଜଷ୍ଟିସ୍ ବୋବ୍‌ଡେ ଏସ୍‌ଏଫ୍‌ଏସ୍ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରି ନାଗପୁର ୟୁନିଭରସିଟିରେ ଆଇନ ଅଧ୍ୟୟନ କରିଥିଲେ। ୧୯୯୮ରେ ସେ ଜଣେ ବରିଷ୍ଠ ଆଡଭୋକେଟ୍‌ର ମାନ୍ୟତା ପାଇଥିଲେ। ୨୦୦୦ ମସିହାରେ ସେ ବମ୍ବେ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୨ରେ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ହୋଇଥିଲେ ଏବଂ ୨୦୧୩ରେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ।

# ପୁଷ୍ଟିହୀନମୁକ୍ତ ପଞ୍ଚାୟତକୁ ମିଳିବ ପୁରସ୍କାର

**ଭୁବନେଶ୍ୱର:** ରାଜ୍ୟରୁ ପୁଷ୍ଟିହୀନତା ଦୂର ପାଇଁ ଆରମ୍ଭ ହୋଇଛି ‘ମୋ ଉପକାରୀ ବଗିଚା’। ରାଜ୍ୟ ଜୀବିକା ମିଶନ ମାଧ୍ୟମରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ଲୋକେ ଆବଶ୍ୟକ କରୁଥିବା ପନିପରିବା ଗୁଡିକୁ ନିଜ ନିଜ ବାଡି ବଗିଚାରେ ଫଳାଇବେ। ଏହାଦ୍ୱାରା ଲୋକେ ସତେଜ ଓ ଜୈବିକ ପନିପରିବା ପାଇପାରିବେ ଏବଂ ରାଜ୍ୟରୁ ପୁଷ୍ଟିହୀନତା



ଦୂରରେ ଯୋଜନା ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା। ଶୁକ୍ରବାର ଏଠାରେ ଆୟୋଜିତ ଆଜମୀ ପ୍ରେମଜୀ ଫିଲାନଥ୍ରୋପି ସଂସ୍ଥା ସହଯୋଗରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓ ରାଜ୍ୟ ଜୀବିକା ମିଶନ ଦ୍ୱାରା ଆୟୋଜିତ ପୁଷ୍ଟିସାର ପ୍ରୋତ୍ସାହନ ଆର୍ନ୍ତଜାତୀୟ କର୍ମଶାଳାକୁ ମନ୍ତ୍ରୀ ଶ୍ରୀ ଜେନା ଉଦଘାଟନ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୨୦୦୫-୦୬ ବେଳକୁ ରାଜ୍ୟରେ ଶିଶୁ ମୃତ୍ୟୁହାର ୬୫ ପ୍ରତିଶତ ଥିବାବେଳେ ୨୦୧୫-୧୬ ବେଳକୁ ଏହା ହ୍ରାସପାଇ ୪୦ ପ୍ରତିଶତରେ ପହଂଚିଛି । ଶିଶୁ ମୃତ୍ୟୁର ପ୍ରମୁଖ କାରଣ ପୁଷ୍ଟିହୀନତା ହୋଇଥିବାବେଳେ ରାଜ୍ୟକୁ କିଭଳି ପୁଷ୍ଟିହୀନ ମୁକ୍ତ କରାଯିବ ସରକାର ସେ ଦିଗରେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କର୍ମଶାଳାରେ ଯୋଗଦେଇ ରାଜ୍ୟ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଦେଓ ରଞ୍ଜନ ➤ ପୃ-୬

# ପାକିସ୍ତାନକୁ ଏଫ୍‌ଏଟିଏଫ୍ ଝଟକା

## ସନ୍ଦିଗ୍ଧ ତାଲିକାରେ ଇମ୍ରାନ୍ ସରକାର



**ପ୍ୟାରିସ୍ :** ପାକିସ୍ତାନକୁ ଶକ୍ତ ଧକ୍କା ଦେଇଛି ଫାଇନାନସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍)। ଆତଙ୍କବାଦୀଙ୍କୁ ସହଯୋଗ ଓ ପାଣ୍ଠି ଯୋଗାଣ କରୁଥିବାରୁ ଏଫ୍‌ଏଟିଏଫ୍ ପାକିସ୍ତାନ ଉପରେ କ୍ଷୁବ୍ଧ ହୋଇଛି। ଯଦି ପାକିସ୍ତାନ ୨୦୨୦ ଫେବୃଆରୀ ସୁଦ୍ଧା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବ, ତା’ହେଲେ ଏହାର ପରିଣାମ ଇମ୍ରାନ୍ ଖାନ୍ ସରକାରଙ୍କୁ ଭୋଗିବାକୁ ହେବ ବୋଲି ଏଫ୍‌ଏଟିଏଫ୍ ପକ୍ଷରୁ କୁହାଯାଇଛି। ସଂସ୍ଥା ପକ୍ଷରୁ ଆତଙ୍କବାଦୀଙ୍କ ଭୂସ୍ୱର୍ଗ ପାଲଟିଥିବା ପାକିସ୍ତାନକୁ ପୂର୍ବଭଳି ଗ୍ରେ ଲିଷ୍ଟରେ ରଖାଯାଇଛି। ଅର୍ଥାତ୍ ଆତଙ୍କବାଦ ବିରୋଧରେ ପାକିସ୍ତାନର କାର୍ଯ୍ୟ ସନ୍ଦେହ ଘେରରେ ରହିଛି। ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଫ୍‌ଏଟିଏଫ୍ ପାକିସ୍ତାନ ଆଗରେ ୨୭ଟି ସର୍ତ୍ତ ରଖିଥିଲେ ହେଁ ଇମ୍ରାନ୍ ସରକାର ଏଥିମଧ୍ୟରୁ ୨୨ଟି ପୂରଣ କରିପାରି ନାହାନ୍ତି ବୋଲି ଏଫ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଟେରର ଫଣ୍ଡିଂ ଓ ବିଶ୍ୱସ୍ତରୀୟ ମନିଲଣ୍ଡ୍ରିଂ ଭଳି କାର୍ଯ୍ୟ ଉପରେ ରୋକ ଲଗାଇବା ପାଇଁ ୧୯୮୯ ମସିହାରେ ଏଫ୍‌ଏଟିଏଫ୍ ଗଠନ ହୋଇଥିଲା। ପାକିସ୍ତାନ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ପ୍ରମାଣ ମିଳିବା ପରେ ୨୦୧୮ରେ ଉକ୍ତ ସଂସ୍ଥା ଇସଲାମାବାଦକୁ ତା’ର ଗ୍ରେ ଲିଷ୍ଟରେ ରଖିଥିଲା। ୨୦୧୯ ଅକ୍ଟୋବର ସୁଦ୍ଧା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲା। ହେଲେ ପାକିସ୍ତାନ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ଏଫ୍‌ଏଟିଏଫ୍ ଏହାକୁ କଳା ତାଲିକା ଭୁକ୍ତ କିମ୍ବା ଡାର୍କ ଗ୍ରେ ଲିଷ୍ଟରେ ସାମିଲ କରିବାକୁ ତର୍ଜମା ଆରମ୍ଭ କରିଥିଲା। ଏନେଇ ଗତ ୧୩ ତାରିଖରୁ ପ୍ୟାରିସରେ ବୈଠକ ମଧ୍ୟ ବସିଥିଲା। ଏହି ବୈଠକରେ ପାକିସ୍ତାନର କାର୍ଯ୍ୟକଳାପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଫ୍‌ଏଟିଏଫ୍ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ, ଆତଙ୍କବାଦୀଙ୍କ ବିରୋଧରେ ➤ ପୃ-୬

### ବକ୍ରବାଣୀ



ତେୟାଅଶୀ ସେନା ଚାକିରୀ ପାଇଁ
ଚାଳିଶ ହଜାର ଆଇଲେ ଧାଇଁ
ଚୋରି ଚାରି କରି ଭୋକ ମାଇଲେ
ରାଜରାସ୍ତା କଡେ ଯାଇ ଶୋଇଲେ
ଫେରିବାକୁ ପାଖେ ପଇସା ନାହିଁ
ଧସେଇ ପଶିଲେ ଗାଡିରେ ଯାଇ
ଗିରଫ ହେଇକି ଥାନାକୁ ଗଲେ
ମାମୁଁ ଛେଚ୍ଛା ଖାଇ ଘାଏଲା ହେଲେ
ବେକାରୀ ପିଲାଏ କାନ୍ଦନ୍ତି ବସି
ଲୁଟନ୍ତି ଦେଶକୁ ନେତାଏ ହସି।

——— ଟୁଟୁ

# ୨୦୨୦ ମାର୍ଚ୍ଚ ସୁଦ୍ଧା ସବୁ ବିଭାଗରେ ‘ମୋ ସରକାର’

**ଭୁବନେଶ୍ୱର:** ମୋ ସରକାର ଟିମର ୨ୟ ଦଫା ଗସ୍ତ ପରେ ସ୍ୱାସ୍ଥ୍ୟସେବା ନେଇ ମୁଖ୍ୟମନ୍ତ୍ରୀ ବଡ ଘୋଷଣା କରିଛନ୍ତି। ଫୁଲବାଣୀରେ ୫ଶହ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ଏବଂ ୫ଟି ଜିଲ୍ଲାରେ ଜିଲ୍ଲା ହସ୍ପିଟାଲ ପାଇଁ ଘୋଷଣା କରାଯାଇଛି। ସେଗୁଡିକ ହେଲା ବୌଦ୍ଧ,

### ଫୁଲବାଣୀରେ ମେଡିକାଲ କଲେଜ

ନୟାଗଡ଼, କଳାହାଣ୍ଡି, ରାୟଗଡ଼ା, ନୂଆପଡା ଆଦି ଜିଲ୍ଲାରେ ହସ୍ପିଟାଲ ହେବା ନେଇ ଘୋଷଣା କରାଯାଇଛି। ମୋ ସରକାର କାର୍ଯ୍ୟକ୍ରମ ଅନ୍ୟ ବିଭାଗକୁ ସମ୍ପ୍ରସାରଣ ହେବା ନେଇ ନବୀନ ପଟ୍ଟନାୟକ କହିଛନ୍ତି। ଡିସେମ୍ବର ୧ ସୁଦ୍ଧା ଆଉ ୫ଟି ବିଭାଗକୁ ସମ୍ପ୍ରସାରଣ ହେବା ସହ ମାର୍ଚ୍ଚ ୫ ସୁଦ୍ଧା ମୋ ସରକାର ସବୁ ବିଭାଗକୁ ସମ୍ପ୍ରସାରଣ କରାଯିବ ବୋଲି ନବୀନ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ଅବିଭକ୍ତ ଜିଲ୍ଲାରେ ଗୋଟିଏ ଲେଖାଏଁ ମେଡିକାଲ



କଲେଜ ପ୍ରତିଷ୍ଠା କରିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ମୋ ସରକାର କାର୍ଯ୍ୟକ୍ରମରେ ପ୍ରତିନିଧି ଦଳ ୨ୟ ପର୍ଯ୍ୟାୟରେ ୬ଟି ଜିଲ୍ଲା ଗସ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ଲୋକସେବା ଭବନରେ ଏହି ପ୍ରତିନିଧି ଦଳଙ୍କ ସହ ଆଲୋଚନା କରିବା ପରେ ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ଏହାସହିତ ରୋଗୀଙ୍କ ସହାୟତା ତଥା ସହଜରେ ଚିକିତ୍ସା ସମ୍ବନ୍ଧୀୟ ସୂଚନା ପ୍ରଦାନ ପାଇଁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନେଇଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। କଳାହାଣ୍ଡି ପରି ସମସ୍ତ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ସୂଚନା ଫଳକ ଲଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ତାଙ୍କ ଘୋଷଣାରେ କହିଛନ୍ତି ଯେ ରାଜ୍ୟର ସମସ୍ତ ଜିଲ୍ଲା ହସ୍ପିଟାଲରେ ଆଟେଣ୍ଡାଣ୍ଟମାନଙ୍କ ପାଇଁ ବିଶ୍ରାମ ଗୃହ କରାଯିବ। ରୋଗୀମାନଙ୍କୁ ଆର୍ଥିକ ସହାୟତା ଦେବାପାଇଁ ସବୁ ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କର ରିଲିଫ ପାଣ୍ଠିରୁ ଯୋଗାଇ ଦିଆଯିବ। ନୂଆପଡ଼ା, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ରକ୍ତଦାନ କାର୍ଯ୍ୟକ୍ରମକୁ ➤ ପୃ-୬

### ନିତି ଆୟୋଗ ଦ୍ୱାରା ଭାରତ ନବୋନ୍ମେଷ ସୂଚକାଙ୍କ ୨୦୧୯ ପ୍ରକାଶିତ

# ଶୀର୍ଷରେ କର୍ଣ୍ଣାଟକ, ଦ୍ୱାଦଶ ସ୍ଥାନରେ ଓଡ଼ିଶା

**ନୂଆଦିଲ୍ଲୀ,(ପିଆଇବି):** ନୀତି ଆୟୋଗ ଦ୍ୱାରା ୨୦୧୯ ବର୍ଷ ପାଇଁ ଭାରତ ନବୋନ୍ମେଷ ସୂଚକାଙ୍କ ପ୍ରକାଶ ପାଇଛି। ଦେଶର ବୃହତ ରାଜ୍ୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକ ସର୍ବାଧିକ ନବୋନ୍ମେଷୀ ରାଜ୍ୟ ଭାବେ ପ୍ରଥମ ସ୍ଥାନ ହାସଲ କରିଛି। ଏହାପଛକୁ ଶୀର୍ଷ ୧୦ଟି ସ୍ଥାନରେ ଯଥାକ୍ରମେ ତାମିଲନାଡୁ, ମହାରାଷ୍ଟ୍ର, ତେଲଙ୍ଗାନା, ହରିୟାଣା, କେରଳ, ଉତର ପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଏବଂ ଆନ୍ଧ୍ର ପ୍ରଦେଶ ରହିଛନ୍ତି। ଶୀର୍ଷ ୧୦ଟି ରାଜ୍ୟ ମଧ୍ୟରେ ଅଧିକ ଦକ୍ଷିଣ ଓ ପଶ୍ଚିମ ଭାରତୀୟ ରାଜ୍ୟ ରହିଛନ୍ତି। ଉତର-ପୂର୍ବ ଏବଂ ପାର୍ବତ୍ୟ ରାଜ୍ୟଗୁଡ଼ିକ ମଧ୍ୟରେ ସିକ୍କିମ ଶୀର୍ଷରେ ରହିଥିବା ବେଳେ କେନ୍ଦ୍ରଶାସିତ ପ୍ରଦେଶ/



ନଗର ରାଜ୍ୟ/କ୍ଷୁଦ୍ର ରାଜ୍ୟଗୁଡ଼ିକ ମଧ୍ୟରେ ଦିଲ୍ଲୀ ସର୍ବୋଚ୍ଚ ସ୍ଥାନ ହାସଲ କରିଛି। ନିବେଶ (ଇନପୁଟ)କୁ ଫଳାଫଳ (ଆଉଟପୁଟ)ରେ ରୂପାନ୍ତରିତ କରିବାରେ ସବୁଠୁ ଦକ୍ଷ ରାଜ୍ୟଗୁଡ଼ିକ ମଧ୍ୟରେ ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ତେଲଙ୍ଗାନା ଓ ଉତରପ୍ରଦେଶ ରହିଛନ୍ତି। ଅନ୍ୟପକ୍ଷରେ ଭାରତ ନବୋନ୍ମେଷ ସୂଚକାଙ୍କର ବୃହତ ରାଜ୍ୟ ବର୍ଗରେ ଓଡ଼ିଶା ଦ୍ୱାଦଶ ସ୍ଥାନରେ ରହିଛି। ତେବେ ଏନେବଲର୍ସ ଓ ପରଫର୍ମାନ୍ସ ର୍‍ୟାଙ୍କରେ ଓଡ଼ିଶାକୁ ଯଥାକ୍ରମେ ଦଶମ ଓ ଏକାଦଶ ସ୍ଥାନ ମିଳିଛି। ନୀତି ଆୟୋଗ ଉପାଧ୍ୟକ୍ଷ ଡ. ରାଜୀବ କୁମାର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତାଭ କାନ୍ତ, ବିଜ୍ଞାନ ବିଭାଗ ସଚିବ ଆଶୁତୋଷ ଶର୍ମା, ବାୟୋ-ଟେକନୋଲୋଜି ବିଭାଗ

### ପ୍ରଥମ ୪ଟି ସ୍ଥାନରେ ତାମିଲନାଡୁ, ମହାରାଷ୍ଟ୍ର ଓ ଦିଲ୍ଲୀ

ସଚିବ ରେଣୁ ସ୍ୱରୂପ, ଆୟୁଷ ସଚିବ ବୈଦ୍ୟ ରାଜେଶ କୋଟେଚାଙ୍କ ଉପସ୍ଥିତିରେ ଏହି ସୂଚକାଙ୍କ ଜାରି କରାଯାଇଥିଲା। ଡ. ରାଜୀବ କୁମାର ଏହି ଅବସରରେ ଆଶା ବ୍ୟକ୍ତ କରିଥିଲେ ଯେ ନବୋନ୍ମେଷ ପରିସଂସ୍ଥାନରେ ଥିବା ବିଭିନ୍ନ ଅଂଶୀଦାରଙ୍କ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଖାଦ୍ୟ ଓ ପୁଷ୍ଟିସାଧନ କ୍ଷେତ୍ରରେ ସୃଷ୍ଟି ହେବ ନୂତନ ନିଯୁକ୍ତି ସୁଯୋଗ

**ନୂଆଦିଲ୍ଲୀ,(ପିଆଇବି):** ନୂଆଦିଲ୍ଲୀ ଠାରେ ବିଶ୍ୱ ଖାଦ୍ୟ ଦିବସ ୨୦୧୯ ସମାରୋହରେ 'ଖାଦ୍ୟ ସୁରକ୍ଷା ମିତ୍ର (ଏଫଏସଏମ)' ଯୋଜନାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନ। ଏହା ସହିତ ଖାଦ୍ୟ ସୁରକ୍ଷା ପରିଚାଳନାକୁ ସୁଦୃଢ଼ କରିବା ତଥା 'ଇଟ ରାଇଟ ଇଣ୍ଡିଆ' ଆନ୍ଦୋଳନକୁ ବ୍ୟାପକ କରିବା ଲାଗି 'ଇଟ ରାଇଟ ଜ୍ୟାକେଟ' ଓ 'ଇଟ ରାଇଟ ଝୋଲା' ଯୋଜନାର ମଧ୍ୟ ଶୁଭାରମ୍ଭ କରାଯାଇଛି। ଲୋକଙ୍କ ପାଖରେ ସହଜରେ ପହଁଚିପାରୁଥିବା ସମାଜର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ନେଇ ଆମେ ପ୍ରତ୍ୟେକଙ୍କ ନିକଟରେ ପହଁଚିପାରିବା। ଆମକୁ ସମାଜର ସବୁ ବର୍ଗର ଲୋକଙ୍କୁ 'ଇଟ ରାଇଟ ଇଣ୍ଡିଆ' ଆନ୍ଦୋଳନରେ ସାମିଲ କରିବାକୁ ହେବ। ଯଦ୍ଦ୍ୱାରା ଏହି ଆନ୍ଦୋଳର ସାରା ଦେଶରେ ପ୍ରସାର ଲାଭ କରିପାରିବ ବୋଲି ନିଜ ଉଦବୋଧନରେ କହିଛନ୍ତି ଡା. ହର୍ଷ ବର୍ଦ୍ଧନ। ଏହି ଦିବସର ବିଷୟବସ୍ତୁ ଥିଲା କ୍ଷୁଧା ମୁକ୍ତ ବିଶ୍ୱ ପାଇଁ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ। ସାମାଜିକ ଏବଂ ଅଭ୍ୟାସଗତ ପରିବର୍ତ୍ତନ ଲାଗି 'ଇଟ ରାଇଟ ଇଣ୍ଡିଆ' ଆନ୍ଦୋଳନ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ଡା. ହର୍ଷ ବର୍ଦ୍ଧନ କହିଥିଲେ। ଏହି ଆନ୍ଦୋଳନର ସଫଳତାକୁ ସମାଜର ପ୍ରତ୍ୟେକ ବର୍ଗଙ୍କ ନିକଟରେ ପହଁଚାଇବାକୁ ହେଲେ ସଠିକ ରଣନୀତି ଏବଂ ପଦକ୍ଷେପର ଆବଶ୍ୟକତା ରହିଛି। ଡା. ହର୍ଷ ବର୍ଦ୍ଧନ କହିଥିଲେ ଯେ ଆମେ ସମସ୍ତେ ଗାନ୍ଧୀଜୀଙ୍କ ବାର୍ତ୍ତାକୁ ଗ୍ରହଣ କରି ସଠିକ ପରିମାଣର ଖାଦ୍ୟ ଖାଇବା, ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଖାଇବା ଏବଂ ଖାଦ୍ୟ ନଷ୍ଟକୁ ଏଡ଼ାଇବା ସହିତ ବଳକା ଖାଦ୍ୟ ବାଣ୍ଟି ଦେବାର ଅଭ୍ୟାସ କରିବା ଉଚିତ। ଆମ ସମସ୍ତଙ୍କୁ ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଏହି ଦାୟିତ୍ୱ ତୁଲାଇବାକୁ ହେବ। ଆମେ ସମସ୍ତେ ମିଳିତ ଭାବେ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ଦେଖାଦେଉଥିବା ଆହ୍ୱାନର ମୁକାବିଲା ପାଇଁ ନୂଆ ଆଭିମୁଖ୍ୟ ବିକଶିତ କରିପାରିବା। ଖାଦ୍ୟ ସୁରକ୍ଷା ମିତ୍ର ଯୋଜନା କ୍ଷୁଦ୍ର ଏବଂ ମଧ୍ୟମ ଧରଣର ଖାଦ୍ୟ ବ୍ୟବସାୟକୁ ସୁହାଇବ। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଏହା ସେମାନଙ୍କ ଲାଇସେନ୍ସ ଓ ପଞ୍ଜିକରଣ, ପରିଚ୍ଛନ୍ନତା ମାନ୍ୟତା ଓ ତାଲିମ କ୍ଷେତ୍ରରେ ସହାୟତା ଯୋଗାଇଦେବ। ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଏହି ଯୋଜନା ଯୁବକମାନଙ୍କ ପାଇଁ ବିଶେଷ କରି ଖାଦ୍ୟ ଓ ପୁଷ୍ଟିସାଧନ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଖାଦ୍ୟ ସୁରକ୍ଷା ମିତ୍ରମାନଙ୍କୁ ଏଫଏସଏସଏଆଇ ଦ୍ୱାରା ତାଲିମ ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯିବ। ଫଳରେ ସେମାନେ ଖାଦ୍ୟ ବ୍ୟବସାୟ କ୍ଷେତ୍ରରେ କାର୍ଯ୍ୟ କରି ଅର୍ଥ ରୋଜଗାର କରିପାରିବେ। ଆଜି ପ୍ରଥମ ପର୍ଯ୍ୟାୟରେ ୧୫ ଜଣ ଖାଦ୍ୟ ସୁରକ୍ଷା ମିତ୍ରଙ୍କୁ ତାଲିମ ପ୍ରମାଣପତ୍ର ଦିଆଯାଇଛି। ସେହିପରି ଆଜି ଆରମ୍ଭ ହୋଇଥିବା 'ଇଟ ରାଇଟ ଜ୍ୟାକେଟ' ଯୋଜନା କ୍ଷେତ୍ରୀୟ କର୍ମଚାରୀଙ୍କ ଦ୍ୱାରା ଉପଯୋଗ କରାଯିବ। ସ୍ମାର୍ଟ ଡିଜାଇନ ସଂଯୁକ୍ତ ଏହି ଜ୍ୟାକେଟ ଟାବଲେଟ/ସ୍ମାର୍ଟ ଫୋନରେ ରହିପାରିବ। ଚିହ୍ନଟ ଓ ଠାବ କରିବା ଲାଗି ଏକ କ୍ୟୁଆର କୋଡ ଏବଂ ଆରଏଫଆଇଡି ଟ୍ୟାଗ ରହିଛି। କର୍ତ୍ତବ୍ୟରତ କ୍ଷେତ୍ରୀୟ କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ଏହା ଖାଦ୍ୟ ସୁରକ୍ଷା ପରିଚାଳନା କ୍ଷେତ୍ରରେ ଦକ୍ଷତା, ପେସାଦାର ଭାବନା ଓ ସ୍ୱଚ୍ଛତା ଆଣିବ। 'ଇଟ ରାଇଟ ଝୋଲା' ଯୋଜନାରେ ତେଜରାତି ସାମଗ୍ରୀ କ୍ରୟ ଲାଗି ପ୍ଲାଷ୍ଟିକ ବ୍ୟାଗ ସ୍ଥାନରେ ପୁନଃବ୍ୟବହାର ଯୋଗ୍ୟ କପଡ଼ା ବ୍ୟାଗ ଉପଯୋଗ କରାଯିବ। ସାରା ଦେଶର ଘରୋଇ ଶ୍ରମିକ ଓ ଗୃହିଣୀଙ୍କ ପାଇଁ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନ ଘରୋଇ ଶ୍ରମିକ କ୍ଷେତ୍ର ଦକ୍ଷତା ପରିଷଦ (ଡିଡବ୍ଲ୍ୟୁଏସଏସସି) ସହିତ ଏଫଏସଏସଏଆଇ ସହ ଭାଗୀଦାର ହୋଇଛି।

# ଭାରତରେ ଶିଶୁ ଅପପୁଷ୍ଟି ହାର ସର୍ବାଧିକ



ବିଶ୍ୱ କ୍ଷୁଧା ସୂଚୀ

**ନୂଆଦିଲ୍ଲୀ:** ଭୋକରେ ରହୁଛି ଭାରତ। ଦକ୍ଷିଣ ଏସିଆରେ ଥିବା ଦେଶ ମାନଙ୍କରେ ଭାରତର ସ୍ଥାନ ସବୁଠୁ ଖରାପ ରହିଛି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ଏହି ରିପୋର୍ଟ ପ୍ରକାଶ କରିଛି। ୧୧୭ଟି ଦେଶକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ରିପୋର୍ଟରେ ଭାରତର ସ୍ଥାନ ୧୦୨ ରହିଛି। ପାକିସ୍ତାନ ୯୪ତମ ସ୍ଥାନ ସହ ଭାରତ ଅପେକ୍ଷା ଭଲରେ ରହିଛି। ବ୍ରିକସ (ବ୍ରାଜିଲ, ଋଷ, ଇଣ୍ଡିଆ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା) ଦେଶ ମାନଙ୍କରେ ଦକ୍ଷିଣ ଆଫ୍ରିକା ୫୯ ନମ୍ବର ସ୍ଥାନରେ ରହିଛି। ୨୦୧୫ରେ ମଧ୍ୟ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ପ୍ରକାଶ ପାଇଥିଲା। ଯେଉଁଥିରେ ଭାରତ ୯୩ ନମ୍ବର ସ୍ଥାନରେ ରହିଥିଲା। ସେହିପରି ଦକ୍ଷିଣ ଏସିଆରେ କେବଳ ପାକିସ୍ତାନ ହିଁ ଗୋଟିଏ ଦେଶ ଥିଲା ଯିଏକି ଭାରତ ତଳେ ରହିଥିଲା। ୨୦୧୬ରେ ଭାରତର ସ୍ଥାନ ୧୧୮ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୯୭, ୨୦୧୭ରେ ୧୧୭ଟି ଦେଶରୁ ଭାରତର ସ୍ଥାନ ୧୦୦, ୨୦୧୮ରେ ୧୧୯ଟି ଦେଶ ମଧ୍ୟରୁ ୧୦୩ ନମ୍ବରରେ ଥିଲା ଭାରତ। ଚଳିତ ବର୍ଷ ୧୦୨ ନମ୍ବର ସ୍ଥାନରେ ରହିଛି ଭାରତ। ୨୦୧୪ରୁ ୨୦୧୮ ମଧ୍ୟରେ ବିଭିନ୍ନ ଦେଶର ଅପପୃଷ୍ଟିର ଶିକାର ହୋଇଥିବା ଛୋଟ ଛୁଆ, ସେମାନଙ୍କ ମଧ୍ୟରେ ବୟସ ତୁଳନାରେ କମ୍ ଉଚ୍ଚତା ଥିବା ଛୁଆ ଏବଂ ୫ ବର୍ଷରୁ କମ୍ ବୟସରେ ମୃତ୍ୟୁବରଣ କରିଥିବା ଛୋଟ ଛୁଆଙ୍କୁ ନେଇ ଏହି ରିପୋର୍ଟ ପ୍ରକାଶ କରିଛି ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ। ଚଳିତବର୍ଷ ୨୦୧୪ରୁ ୨୦୧୮ର ସର୍ଭେ ରିପୋର୍ଟକୁ ନେଇ ପ୍ରସ୍ତୁତ ହୋଇଛି। ଭାରତରେ ୬ରୁ ୨୩ମାସ ମଧ୍ୟରେ ଥିବା ୯.୬% ଛୋଟ ଛୁଆଙ୍କୁ ଆବଶ୍ୟକ ଖାଦ୍ୟ ମିଳିପାରୁଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିକଟରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେଉଁଥିରେ ଏହାର ହାର ୬.୪ ପ୍ରତିଶତ ରହିଥିଲା। ତେବେ ୨୦୦୦ ମସିହା ପରେ ନେପାଳ ଏହି ମାମଲାରେ ସବୁଠାରୁ ଅଧିକ ପ୍ରଗତି କରିଛି। ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟ ଅନୁସାରେ ଶୂନ ଅଙ୍କରେ ଥିବା ଦେଶର ସ୍ଥିତି ବହୁତ ଭଲ। ଏହି ଶୂନ ଅଙ୍କରେ କୌଣସି ଦେଶ ବିଶ୍ୱରେ ନାହାନ୍ତି। ୧୦ରୁ କମ୍ ଅଙ୍କରେ ରହିଥିବା ଦେଶ ମାନେ ଭୋକର ସମସ୍ୟା କମ୍ ରହିଛି। ୨୦ରୁ ୩୪.୯ ଅଙ୍କ ମଧ୍ୟରେ ରହିଥିବା ଦେଶମାନେ ଗମ୍ଭୀର ସଙ୍କଟ। ସେହିପରି ୩୫ ରୁ ୪୯.୯ ଅଙ୍କ ମାନେ ସ୍ଥିତି ଚ୍ୟାଲେଞ୍ଜ ରହିଛି। ସେହିପରି ୫୦ରୁ ଅଧିକ ଅଙ୍କରେ ଥିବା ଦେଶର ସ୍ଥିତି ବହୁତ ଖରାପ ରହିଛି। ଭାରତକୁ ୩୦.୩ ଅଙ୍କ ମିଳିଛି। ଏହାର ଅର୍ଥ ଦେଶରେ ଭୋକର ସ୍ଥିତି ଗମ୍ଭୀର। ଭୋକର ସମସ୍ୟା ନେଇ ଚ୍ୟାଲେଞ୍ଜ ରହିଥିବା ଦେଶମାନଙ୍କରେ ୪ଟି ଦେଶ ରହିଛି। ଜଳବାୟୁ ପରିବର୍ତ୍ତନ ପାଇଁ ଦେଶରେ ଭୋକର ସମସ୍ୟା ଅଧିକ ରହିଛି ବୋଲି ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରେ କୁହାଯାଇଛି। ଖାଲି ଏତିକି ନୁହେଁ ଜଳବାୟୁ ପରିବର୍ତ୍ତନ ପାଇଁ ଖାଇବାର ଗୁଣବତ୍ତା ଏବଂ ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଭାବ ପକାଉଛି। ସୂଚନାଥାଉ କି, ଭୋକରେ କେହି ରହିବେ ନାହିଁ ବୋଲି କେନ୍ଦ୍ର ସରକାର ଖାଦ୍ୟ ସୁରକ୍ଷା ଆଇନ ଲାଗୁ କରିଛନ୍ତି। ହେଲେ ଏହାର ବାସ୍ତବ ସ୍ଥିତି କ'ଣ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ ରିପୋର୍ଟରୁ ଜଣାପଡିଛି। ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ବିକାଶର ନାରା ଦେଇ କ୍ଷମତାକୁ ଆସିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ହେଲେ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସର ଏହି ରିପୋର୍ଟ କେନ୍ଦ୍ର ସରକାରର ବିକାଶ ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଏଣିକି ସୈନିକ ସ୍କୁଲ୍‌ରେ ପାଠ ପଢ଼ିବେ ବାଳିକା

**ନୂଆଦିଲ୍ଲୀ:** ସୈନିକ ସ୍କୁଲ୍‌ରେ ବାଳିକାଙ୍କ ନାମ ଲେଖା ପାଇଁ ଏକ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅନୁମୋଦନ କରିଛନ୍ତି। ୨୦୨୧-୨୨ ଶିକ୍ଷା ବର୍ଷ ଠାରୁ ଏହି ପ୍ରସ୍ତାବ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ଦୁଇ ବର୍ଷ ପୂର୍ବେ ମିଜୋରାମର ଛିଙ୍ଗଛିପ ସୈନିକ ସ୍କୁଲ୍‌ରେ ବାଳିକାଙ୍କ ନାମ ଲେଖା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି ପ୍ରକଳ୍ପର ସଫଳତା ପରେ ଦେଶର ଅନ୍ୟ ସମସ୍ତ ସୈନିକ ସ୍କୁଲରେ ବାଳିକାଙ୍କ ପାଠପଢ଼ା ପାଇଁ ଅନୁମତି ମିଳିଛି। ଏହି ନିର୍ଦ୍ଦେଶନାମାର ପ୍ରଭାବୀ କାର୍ଯ୍ୟକାରିତା ଲାଗି ସୈନିକ ସ୍କୁଲ୍‌ଗୁଡ଼ିକରେ ଆବଶ୍ୟକ ଭିତିଭୂମି ଏବଂ ଯଥେଷ୍ଟ ସଂଖ୍ୟାରେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲିଙ୍ଗଗତ ସମାନତା, ସଶସ୍ତ୍ର ସେନାରେ ଅଧିକ ସଂଖ୍ୟକ ମହିଳାଙ୍କୁ ସାମିଲ କରିବା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନକୁ ସାକାର କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

## ଆୟୁଷ୍ମାନ ଭାରତ ମାଧ୍ୟମରେ ୫୦ ଲକ୍ଷ ହିତାଧିକାରୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା

**ନୂଆଦିଲ୍ଲୀ:** ଆୟୁଷ୍ମାନ ଭାରତ ଯୋଜନା ଏକ ବଡ ସଫଳତା ହାସଲ କରିଛି। ଏହି ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଆୟୁଷ୍ମାନ ଭାରତର ଏକବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, 'ଏକ ସୁସ୍ଥ ଭାରତ ନିର୍ମାଣ କରିବାର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ! ଏହାକୁ ନେଇ ପ୍ରତ୍ୟେକ ଭାରତୀୟ ଗର୍ବିତ। ମାତ୍ର ଏକ ବର୍ଷ ମଧ୍ୟରେ ଆୟୁଷ୍ମାନ ଭାରତ ମାଧ୍ୟମରେ ୫୦ ଲକ୍ଷରୁ ଅଧିକ ନାଗରିକଙ୍କୁ ମାଗଣା ଚିକିତ୍ସାର ଲାଭ ମିଳିଛି। ଚିକିତ୍ସା ବ୍ୟତୀତ, ଏହି ଯୋଜନା ଅନେକ ଭାରତୀୟଙ୍କୁ ସଶକ୍ତ କରିଛି।' ଠିକ ଏକ ବର୍ଷ ପୂର୍ବରୁ ୨୦୧୮ରେ ଶୁଭାରମ୍ଭ କରାଯାଇଥିବା ଆୟୁଷ୍ମାନ ଭାରତ ବିଶ୍ୱର ସବୁଠାରୁ ବଡ ସ୍ୱାସ୍ଥ୍ୟ ବୀମା ଯୋଜନା, ଯାହାର ଉଦ୍ଦେଶ୍ୟ ହେଉଛି ଦେଶର ୧୦.୭୪ କୋଟିରୁ ଅଧିକ ଗରିବ ନାଗରିକମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରିବା। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ (ପିଏମ-ଜିଏୱାଇ) ଅନ୍ତର୍ଗତ, ୧୬,୦୮୫ ଡାକ୍ତରଖାନାକୁ ତାଲିକାଭୁକ୍ତ କରାଯାଇଛି ଏବଂ ୧୦ କୋଟିରୁ ଅଧିକ ଲୋକଙ୍କୁ ଇ-କାର୍ଡ ପ୍ରଦାନ କରାଯାଇଛି। ଆୟୁଷ୍ମାନ ଭାରତ ଅନ୍ତର୍ଗତ ସମଗ୍ର ଦେଶରେ ପାଖାପାଖି ୧୭,୧୫୦ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାର୍ଯ୍ୟ କରୁଛି।

# ଜାତିସଂଘରେ ଆର୍ଥିକ ସଙ୍କଟ; ନୂଆ ନିଯୁକ୍ତି ବନ୍ଦ

**ନୂଆଦିଲ୍ଲୀ :** ବିଭିନ୍ନ ରାଷ୍ଟ୍ରମାନଙ୍କ ପାଇଁ ବିକାଶମୂଳକ ନୀତି ପ୍ରଣୟନ କରୁଥିବା ଜାତିସଂଘ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ସ୍ଥିତି ଏମିତି ଯେ ଯଦି ଏନେଇ ବିହିତ ପଦକ୍ଷେପ ନ ନିଆଯାଏ ତେବେ ଡିସେମ୍ବର ପରଠାରୁ ଏହା ଠିକ୍‌ରେ କାର୍ଯ୍ୟ କରିବା ବନ୍ଦ କରିଦେବ। ଏଭଳି ଜରୁରୀକାଳୀନ ସ୍ଥିତିରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗଟ୍‌ରେସ୍ ଖର୍ଚ୍ଚ କାଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଯୁକ୍ତିରେ ବିରତି ଦେବା ସହ ବୈଠକ ସବୁ ବାତିଲ କରାଯାଉଥିବା ସୂଚନା ମିଳିଛି। ଏପରିକି ଏସ୍କାଲଟର୍ ବ୍ୟବହାର ବନ୍ଦ କରାଯାଇଛି, ଅଫିସିଆଲ ଗସ୍ତ ବନ୍ଦ କରାଯାଇଛି, ଏସି ଏବଂ ରୁମ୍ ହିଟର ଆଦିର ବ୍ୟବହାର ମଧ୍ୟ ବନ୍ଦ କରାଯାଇଛି। ବିଶ୍ୱର ପ୍ରମୁଖ ଅନୁଷ୍ଠାନ ଜାତିସଂଘର ସ୍ଥିତି ଅଧିକ ବିଗିଡିବାରୁ ବଞ୍ଚାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। କୁହାଯାଉଛି ଗତ କିଛି ଦଶନ୍ଧିରେ ଏହି ସଙ୍କଟ ସବୁଠାରୁ ଭୟଙ୍କର। ଗଟ୍‌ରେସ୍ ଜାତିସଂଘ ସହ ଜଡିତ ଅନ୍ୟ ଅନୁଷ୍ଠାନକୁ ଲେଖିଛନ୍ତି, ଆଗାମୀ ନୋଟିସ୍ ପର୍ଯ୍ୟନ୍ତ ଏଭଳି କଟକଣା ବଳବତ୍ତର ରହିବ। ତେବେ ପ୍ରଶ୍ନ ଉଠୁଛି ଏଭଳି ସ୍ଥିତି କାହିଁକି ଉପୁଜିଲା ଏବଂ ଏହାର ଆୟର ଉତ୍ସ କେଉଁଠୁ। ୟୁଏନ୍ ଚାର୍ଟର ଅନୁଯାୟୀ ପ୍ରତିବର୍ଷ ସଦସ୍ୟ ରାଷ୍ଟ୍ରମାନେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦେଇଥାନ୍ତି। ଜାତିସଂଘର ଅନୁଚ୍ଛେଦ ୧୭ରେ ମଧ୍ୟ ବର୍ଣ୍ଣିତ ରହିଛି, ଏହି ସଂସ୍ଥାର ଖର୍ଚ୍ଚ ସଦସ୍ୟ ରାଷ୍ଟ୍ରମାନେ ବହନ କରିବେ। ରାଷ୍ଟ୍ରମାନେ ନିଜର ବାର୍ଷିକ ଜାତୀୟ ଅନୁଯାୟୀ ଅର୍ଥ ଦେଉଥିବାରୁ ଏହା ବିଭିନ୍ନ ରାଷ୍ଟ୍ର ପାଇଁ ଭିନ୍ନ। ଜାତିସଂଘର ସ୍ଥାୟୀ ସଦସ୍ୟ ଯେପରିକି ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଚାଇନା ଏବଂ ଋଷ ସବୁଠାରୁ ଅଧିକ ଅର୍ଥ ଦେଇଥାନ୍ତି। ଆମେରିକା ସର୍ବାଧିକ ଅର୍ଥାତ୍ ମୋଟ ୨୨% ଅର୍ଥ ଦେଇଥାଏ। ଋଷ ୨.୪୦%, ବ୍ରିଟେନ୍ ୪.୫%, ଫ୍ରାନ୍ସ ୪.୪୨% ଏବଂ ଚାଇନା ୧୨% ଦେଇଥାଏ। ଭାରତର ଏଥିରେ ଅବଦାନ ୦.୮୩୪%। ଏହା ବିଭିନ୍ନ ସମୟରେ ବଦଳା ଯାଇଥାଏ। ତେବେ ଅକ୍ଟୋବର ୪ ସୁଦ୍ଧା ୬୫ଟି ରାଷ୍ଟ୍ର ଏହି ଅର୍ଥ ଭରିନାହାନ୍ତି। ଏହାର ରାଷିକୃତ ପରିମାଣ ୧୩୮ କୋଟି ଡଲାର ହେଲାଣି। ଏହା ହିଁ ଜାତିସଂଘକୁ ଅଡୁଆରେ ପକାଇଛି। କୁହାଯାଉଛି ଡିସେମ୍ବର ପରଠାରୁ ଏହା କର୍ମଚାରୀଙ୍କୁ ମଧ୍ୟ ଦରମା ଦେଇପାରିବନି। ଏହାପରେ ଗଟ୍‌ରେସ୍ ୬୫ଟି ରାଷ୍ଟ୍ରଙ୍କୁ ଆହ୍ୱାନ କରିଛନ୍ତି, ସେମାନେ ଏହି ଅର୍ଥ ଯଥାଶୀଘ୍ର ଭରନ୍ତୁ। ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୭୮% ଅର୍ଥ ବକେୟା ପଡିଛି। ଜାତିସଂଘର କାର୍ଯ୍ୟକ୍ରମ ଏବଂ ପରିଚାଳନା ପ୍ରଭାବିତ ହେଲେ ସମସ୍ତ ରାଷ୍ଟ୍ରଙ୍କ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବ।



# ଟୋଲ ପ୍ଲାଜାରେ ଟିକସ ଠକେଇ ରୋକିବ ସମନ୍ୱିତ ଟୋଲ ଆଦାୟ ବ୍ୟବସ୍ଥା : ଗଡ଼କରୀ

**ନୂଆଦିଲ୍ଲୀ,(ପିଆଇବି):** କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ଏବଂ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନିତିନ ଗଡ଼କରୀ ନୂଆଦିଲ୍ଲୀଠାରେ 'ଏକ ରାଷ୍ଟ୍ର ଏକ ଟ୍ୟାଗ-ଫାଷ୍ଟ ଟ୍ୟାଗ' ଉପରେ ଏକ ସମ୍ମିଳନୀର ଉଦଘାଟନ କରିଛନ୍ତି। ସାରା ଦେଶରେ ଗୋଟିଏ ବୈଦ୍ୟୁତିକ ଟୋଲ ଆଦାୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ର ମନ୍ତ୍ରୀ ଅବସରପ୍ରାପ୍ତ ଜେନେରାଲ ଭି.କେ. ସିଂ ଓ ବିଭିନ୍ନ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଜାତୀୟ ବୈଦ୍ୟୁତିକ ଟୋଲ ଆଦାୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ରାଜପଥର ଟୋଲ ପ୍ଲାଜାଗୁଡ଼ିକରେ ଆରଏଫଆଇଡି ଆଧାରିତ ଫାଷ୍ଟ ଟ୍ୟାଗ ଜରିଆରେ ଟୋଲ ଆଦାୟ କରାଯାଉଛି। ତେବେ ରାଜ୍ୟ ରାଜପଥର ଟୋଲ ପ୍ଲାଜାଗୁଡ଼ିକରେ ସାଧାରଣ ପଦ୍ଧତି କିମ୍ବା ଅନ୍ୟ ଟ୍ୟାଗ ଜରିଆରେ ଟୋଲ ଆଦାୟ କରାଯାଏ। ଏହାଦ୍ୱାରା ଗାଡ଼ି ଚାଳକମାନେ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସବୁ ରାଜ୍ୟକୁ ଫାଷ୍ଟ ଟ୍ୟାଗ' ଅଧୀନକୁ ଆଣିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ କରାଯାଉଛି। ଫଳରେ ସାରା ଦେଶରେ ବାଧାମୁକ୍ତ ପରିବହନ ସୁନିଶ୍ଚିତ ହୋଇପାରିବ। ଏଥିପାଇଁ ଭାରତୀୟ ରାଜପଥ ପରିଚାଳନା ନିଗମ ଲିଃ (ଆଇଏଚଏମସିଏ) ପକ୍ଷରୁ ସମସ୍ତ ରାଜ୍ୟ ଓ ସହରର ଟୋଲ ପ୍ଲାଜାଗୁଡ଼ିକୁ ଫାଷ୍ଟ ଟ୍ୟାଗ ଅଧୀନରେ ସାମିଲ କରିବା ଲାଗି ସବୁ ରାଜ୍ୟକୁ ଯୋଜନା ଗାଇଡଲାଇନ ପ୍ରଦାନ କରାଯାଇଛି। ଆଧୁନିକ ଫାଷ୍ଟ ଟ୍ୟାଗ ବ୍ୟବସ୍ଥାରେ ୬୦ ଲକ୍ଷ ଟ୍ୟାଗକୁ ସାମିଲ କରାଯାଇପାରିବ ଏବଂ ଦୈନିକ ୧୦ ଲକ୍ଷ କାରବାର ହୋଇପାରିବ। ତେଣୁ ଏହି ବୃହତ ବ୍ୟବସ୍ଥା ମଧ୍ୟକୁ ଯଥାଶୀଘ୍ର ରାଜ୍ୟ କର୍ତ୍ତୃପକ୍ଷ ଏବଂ ଏଜେନ୍ସିଗୁଡ଼ିକୁ ଆଣିବା ଲାଗି ଯୋଜନାରେ ବ୍ୟବସ୍ଥା ରହିଛି। ଏହି ଯୋଜନା ଅନ୍ତର୍ଗତ ଆଇଏଚଏମସିଏଲ ପକ୍ଷରୁ ରାଜ୍ୟଗୁଡ଼ିକୁ ବୈଦ୍ୟୁତିକ ଟୋଲ ଆଦାୟ ଭିତିଭୂମି ନିର୍ମାଣ ଲାଗି ୫୦% ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ପ୍ରତ୍ୟେକ ଦୁଇ ଲେନ ବିଶିଷ୍ଟ ଟୋଲ ପ୍ଲାଜା ପାଇଁ ସର୍ବାଧିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ସହିତ ବୈଦ୍ୟୁତିକ ଟୋଲ ଆଦାୟ କାର୍ଯ୍ୟକ୍ରମ ପରିଚାଳନା ଦେୟର କିଛି ଅଂଶ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯିବ। ଆଇଏଚଏମସିଏଲ ପକ୍ଷରୁ କେତେକ ରାଜ୍ୟ/ କର୍ତ୍ତୃପକ୍ଷଙ୍କ ସହିତ ଫାଷ୍ଟ ଟ୍ୟାଗ ବ୍ୟବସ୍ଥା ସହ ଯୋଡ଼ି ହେବା ଲାଗି ବୁଝାମଣା ସ୍ୱାକ୍ଷର କରାଯାଇଛି। ଚଳିତ ବର୍ଷ ଡିସେମ୍ବର ପହିଲା ଠାରୁ ସମସ୍ତ ଜାତୀୟ ରାଜପଥର ଟୋଲ ପ୍ଲାଜାଗୁଡ଼ିକରେ ଫାଷ୍ଟ ଟ୍ୟାଗ ଜରିଆରେ ଟୋଲ ଆଦାୟକୁ ବାଧ୍ୟତାମୂଳକ କରାଯିବ। ଏହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ସେହିପରି ଫାଷ୍ଟ ଟ୍ୟାଗ ସହିତ ଇ-ୱେ ବିଲ ବ୍ୟବସ୍ଥାକୁ ଯୋଡ଼ିବା ଲାଗି ଆଇଏଚଏମସିଏଲ ଏବଂ ଜିଏସଟି ନେଟୱାର୍କ (ଜିଏସଟିଏନ) ମଧ୍ୟରେ ଆଉ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ବସ୍ତୁ ଓ ସେବା କର (ଜିଏସଟି) ଇ-ୱେ ବିଲ (ଇଡବ୍ଲ୍ୟୁବି) ବ୍ୟବସ୍ଥାକୁ ଖୋଜିବା ଓ ଠାବ କରିବା କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଦୂର କରିବା ଏବଂ ଅନୁଧ୍ୟାନ ବ୍ୟବସ୍ଥାର ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଏହା କରାଯାଇଛି। ଏପ୍ରିଲ ୨୦୨୦ ଠାରୁ ସର୍ବଭାରତୀୟ ସ୍ତରରେ ଏହାକୁ ବାଧ୍ୟତାମୂଳକ କରାଯିବ। ଯାହାଫଳରେ ଜିଏସଟି ୱେ-ବିଲ ଖୋଜିବା ଓ ଠାବ କରିବା ବ୍ୟବସ୍ଥା ଅଧିକ ଦକ୍ଷ ହୋଇପାରିବ। ଏହାଛଡ଼ା ଟୋଲ ପ୍ଲାଜା ଗୁଡ଼ିକରେ ରାଜସ୍ୱ ଠକେଇକୁ ଧରିବା ସହଜ ହେବ। ଏହି ସଂଯୋଗ ଫଳରେ ରାଜସ୍ୱ ଆଦାୟ କର୍ତ୍ତୃପକ୍ଷ ସାମଗ୍ରୀ ପରିବହନ କରୁଥିବା ବାହନଗୁଡ଼ିକ ସଠିକ୍ ଲକ୍ଷ୍ୟପଥରେ ଯାଉଛନ୍ତି କି ନାହିଁ ଧରିବା ଲାଗି ସକ୍ଷମ ହୋଇପାରିବେ। ପ୍ରତ୍ୟେକ ଟୋଲ ପ୍ଲାଜା ନିକଟରୁ ମିଳୁଥିବା ଏସଏମଏସ ଆଲର୍ଟ ଜରିଆରେ ଯୋଗାଣକାରୀ ଏବଂ ପରିବହନକାରୀ ସେମାନଙ୍କ ବାହନକୁ ଠାବ କରିବାରେ ସକ୍ଷମ ହେବ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି ଯେ ବ୍ୟାପକ ସ୍ତରରେ ପରିବହନ ସଂସ୍କାର ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁତ୍ୱାରୋପ କରିଆସୁଛନ୍ତି। ଦେଶବ୍ୟାପୀ ଗୋଟିଏ ଆନ୍ତଃପରିଚାଳିତ ଆରଏଫଆଇଡି ଆଧାରିତ ଟ୍ୟାଗ ବ୍ୟବସ୍ଥା ଏ ଦିଗରେ ଏକ ବୃହତ ପଦକ୍ଷେପ। ଏହି ବ୍ୟବସ୍ଥା ଜରିଆରେ ଗୋଟିଏ ପ୍ରକାରର ଫାଷ୍ଟ ଟ୍ୟାଗ ବାହନର ଝରକା କାଚରେ ଲଗାଯିବ। ଏହାରି ମାଧ୍ୟମରେ ଦେଶବ୍ୟାପୀ ସମସ୍ତ ଟୋଲ ପ୍ଲାଜାରେ ଟୋଲ ପଇଠ କରାଯାଇପାରିବ। ଏହି ପଦକ୍ଷେପ ଦ୍ୱାରା ବ୍ୟବସ୍ଥାଗତ ବାଧା ଦୂର ହେବା ସହିତ ବାଧାମୁକ୍ତ ପରିବହନ ସୁନିଶ୍ଚିତ ହୋଇପାରିବ। ଏଥିସହିତ ଟୋଲ ଫି' ଆଦାୟ ପ୍ରକ୍ରିୟା ଅଧିକ ପ୍ରଭାବୀ ହୋଇପାରିବ। ସେ ଆହୁରି କହିଥିଲେ ଯେ ଏହା ଦେଶର ଜିଡିପି କ୍ଷତି ମଧ୍ୟ ହ୍ରାସ କରିବ। କାରଣ ଟୋଲ ପ୍ଲାଜାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ଯୋଗୁ ହେଉଥିବା ଇନ୍ଧନ ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ। ଏହି ପଦକ୍ଷେପ ସମୟ ବଂଚାଇବା ସହିତ ପ୍ରଦୂଷଣ ମଧ୍ୟ କମାଇବ। ଖୁବଶୀଘ୍ର ଦେଶର କୌଣସି ଟୋଲ ପ୍ଲାଜାରେ କାହାରିକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ। ଟୋଲ ପଇଠ କରିବା ବ୍ୟତୀତ ଇନ୍ଧନ ଭରିବା ଫି', ପାର୍କିଂ ଫି' ଆଦି ପାଇଁ ଫାଷ୍ଟ୍ୟାଗ ବ୍ୟବସ୍ଥାର ଉପଯୋଗ କରାଯିବା ଲାଗି ଚିନ୍ତା କରାଯାଉଥିବା ମନ୍ତ୍ରୀ କହିଥିଲେ।

## କେମିତି କଟିବ ଏ ସପ୍ତାହ

**ମେଷ** — ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବନ୍ ହେବେ।

**ବୃଷ** — ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** — ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** — ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** — ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** — ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିକୁ ଉଚ୍ଚପଦ ମିଳିପାରେ।

**ତୁଳା** — ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** — ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** — ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** — ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** — ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସୁବିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** — ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହେବ ଭାରତ : ଧର୍ମେନ୍ଦ୍ର

**ଭୁବନେଶ୍ୱର:** ଆଗାମୀ ଦଶକ ଗୁଡିକରେ ଭାରତ ବିଶ୍ୱ ଉର୍ଜା ଚାହିଦାର କେନ୍ଦ୍ର ବିନ୍ଦୁ ହେବ ବୋଲି ନୂଆଦିଲ୍ଲୀ ଠାରେ ଇଣ୍ଡିଆନ୍ ଏନର୍ଜୀ ଫୋରମ୍ ର ଅନ୍ତରାଷ୍ଟ୍ରୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଆମେରିକା ଓ ଚୀନ୍ ପରେ ଭାରତ ବିଶ୍ୱର ତୃତୀୟ ବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର । ଭାରତ ବିଶ୍ୱର ଷଷ୍ଠ ବୃହତ୍ ଅର୍ଥନୀତି ହୋଇଥିବା ବେଳେ ଉର୍ଜା ବ୍ୟବହାର କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିବା ;ଭାରତ ଆଗାମୀ ଦିନରେ ବିଶ୍ୱ ଉର୍ଜା ବ୍ୟବହାର ନେତୃତ୍ୱ ନେବା ସମ୍ଭାବନାର ପ୍ରମାଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଇବ୍ରାଂଟ ଗଣତନ୍ତ୍ର , ସ୍ଥିର ସରକାର ଓ ନୀତି , ଅର୍ଥନୈତିକ ସଂସ୍କାର ଆଧାରିତ ଅର୍ଥ ବ୍ୟବସ୍ଥା , ଦୃଢ ଢାଂଚାଗତ ବ୍ୟବସ୍ଥା ଓ ସର୍ବୋପରି ଉଚ୍ଚାଭିଳାଷୀ ଭାରତୀୟ ସମାଜ ଓ ଯୁବପୀଢୀ ପାଇଁ ଦେଶ ୫ ମିଲିୟନ୍ ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥା ଆଡକୁ ଦ୍ରୁତ ଅଗ୍ରସର ହେଉଛି। ଏହି ଦ୍ରୁତ ଅଭିବୃଦ୍ଧି ଅଭିମୁଖୀ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଉର୍ଜା କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଶ୍ରୀ ପ୍ରଧାନ କହିଛନ୍ତି ଭାରତରେ ଉତମ ବ୍ୟବସାୟ ବାତାବରଣ ଥିବା କାରଣରୁ ବିଶ୍ୱର ଆଗୁଆ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନୀମାନେ ଏଠାରେ ପୁଂଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏଥିପାଇଁ ଦେଶର ଦ୍ରୁତ ଆର୍ଥିକ ବିକାଶ ଦିଗରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ବଡ ଯୋଗଦାନ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଭାରତକୁ କମ୍ କାର୍ବନ ନିର୍ଗମନ ଅର୍ଥ ବ୍ୟବସ୍ଥା କରିବାପାଇଁ ତଥା ଉର୍ଜାର ନିରନ୍ତର ଆବଶ୍ୟକତା ପୂରଣ ପାଇଁ ମୋଦି ସରକାର ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବାପାଇଁ ଯୋଜନାବଦ୍ଧ ଉଦ୍ୟମ ଜାରୀ ରଖିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଆଜି ଦିନରେ ଭାରତର ମୁଣ୍ଡପିଛା କାର୍ବନ ଗ୍ୟାସ୍ ନିର୍ଗମନ ବିଶ୍ୱର ହାରାହାରି ହାର ଠାରୁ କମ୍ ରହିଛି। ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥବ୍ୟବସ୍ଥା କରିବାପାଇଁ ୬୦ ନିୟୁତ ଆମେରିକୀୟ ଡଲାର ବ୍ୟୟ ବରାଦରେ ଗ୍ୟାସ୍ ଭିତିଭୂମି ଯଥା ଗ୍ୟାସ୍ ପାଇପ୍ ଲାଇନ୍, ଟର୍ମିନାଲ, ସିଟି ଗ୍ୟାସ୍ ବିତରଣ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ କ୍ରିୟାନ୍ୱୟନ ଚାଲିଛି। ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବାପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଦେଶର ନୂଆ ଜୈବ ଉର୍ଜା ନୀତି ଦେଶର ଅନ୍ନଦାତା କୃଷକଙ୍କୁ ଉର୍ଜାଦାତା କରିବାପାଇଁ ବିଧିବଦ୍ଧ ଯୋଜନା କ୍ରିୟାନ୍ୱିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ପରିମଳ କାର୍ଯ୍ୟକ୍ରମରେ ଗାନ୍ଧୀବାଣୀକୁ ମୂଳମନ୍ତ୍ର କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର:** ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ସ୍ଥାନ ଏବଂ ଗାନ୍ଧୀଙ୍କ ନାମରେ ନାମିତ ରାସ୍ତାକୁ ଜବରଦଖଲ ମୁକ୍ତ ଏବଂ ପରିଷ୍କାର କରାଯିବ। ଏନେଇ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ସମ୍ପୃକ୍ତ ସହରାଞ୍ଚଳ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସଂସ୍କୃତି ଓ ଭାଷା ସାହିତ୍ୟ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଜୟନ୍ତୀ ପାଳନର କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସଦ୍ୟତମ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ 'ବାପୁଜୀଙ୍କର ଜୀବନ ଧାରଣ ଓ ସାମାଜିକ ବ୍ୟବସ୍ଥା ସମ୍ବନ୍ଧିତ ବାଣୀ ଅତି ସରଳ ଏବଂ ପ୍ରଭାବଶାଳୀ।' ଗାନ୍ଧୀବାଣୀ ଦିଗଦର୍ଶନର ଭଣ୍ଡାର। ଏହା ବର୍ତ୍ତମାନ ଏବଂ ଆଗାମୀ ପିଢ଼ି ପାଇଁ ଏକ ପୁସ୍ତିକା ଆକାରରେ ପ୍ରକାଶ କରିବାକୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଗାନ୍ଧୀଙ୍କର ଓଡ଼ିଶା ଭ୍ରମଣ ଫଟୋ ସହିତ ଏହି ବାର୍ତ୍ତାଗୁଡ଼ିକ ସନ୍ନିବେଶିତ କରି ପ୍ରସ୍ତୁତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ମହାତ୍ମାଗାନ୍ଧୀ ଓଡ଼ିଶାକୁ ୮ ଥର ଗସ୍ତ କରି ବିଭିନ୍ନ ସ୍ଥାନରେ ସମୁଦାୟ ୭୯ ଦିନ ଅତିବାହିତ କରିଥିଲେ ବୋଲି



ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ। ତାଙ୍କର ଭ୍ରମଣ ଓ ସାଧାରଣ ସଭା ସମ୍ବନ୍ଧିତ ତତ୍କାଳୀନ ଫଟୋଚିତ୍ରଗୁଡ଼ିକୁ ସଂଗ୍ରହ କରି ପୁସ୍ତିକାରେ ସ୍ଥାନିତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସଂସ୍କୃତି ଓ ଭାଷା ସାହିତ୍ୟ ନିର୍ଦ୍ଦେଶକ ବିଜୟ ନାୟକ ଜଣାଇଥିଲେ ଯେ ୨୦୧୮ରୁ ଓଡ଼ିଶାରେ ଆରମ୍ଭ କରାଯାଇଥିବା ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ୨୦୨୦ ମସିହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ସଦର ମହକୁମା ରାଜ୍ୟସ୍ତରରେ ଚାଲିବ। ପୂର୍ବ ନିଷ୍ପତ୍ତି ଅନୁସାରେ ଇତି ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ 'ଓଡ଼ିଶାରେ ଗାନ୍ଧୀ ଓ ଗାନ୍ଧୀ ଚର୍ଚ୍ଚା', 'ଗାନ୍ଧୀ କଥା ଓ କାହାଣୀ' ଏବଂ 'କବି ମାନସରେ ଗାନ୍ଧୀ' ଆଦି ତିନୋଟି ତଥ୍ୟ ସମ୍ବଳିତ ସଂକଳନ ପ୍ରକାଶିତ ହୋଇଛି। ବିଭିନ୍ନ ଜିଲ୍ଲା ସଦର ମହକୁମାରେ ଏକ ପ୍ରମୁଖ ରାସ୍ତାକୁ ମହାତ୍ମାଗାନ୍ଧୀଙ୍କ ନାମରେ ନାମିତ କରାଯାଇଛି। ସହିଦ ଦିବସ ତଥା ଗାନ୍ଧୀଙ୍କ ସହ ସଂଯୋଜିତ ପ୍ରମୁଖ ସ୍ମରଣୀୟ ଦିବସଗୁଡ଼ିକୁ ଉପଯୁକ୍ତ ମର୍ଯ୍ୟାଦାର ସହ ପାଳନ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ୨ ଲକ୍ଷ ଲେଖାଏଁ ଟଙ୍କା ଯୋଗାଇ ଦିଆଯାଇଛି। ଗାନ୍ଧୀବାଦୀ ନେତାମାନଙ୍କର ଅନୁଭବକୁ ଦୃଶ୍ୟ-ଶ୍ରାବ୍ୟ ଦସ୍ତାବିଜ ମାଧ୍ୟମରେ ସଂରକ୍ଷଣ କରାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଗାନ୍ଧୀସ୍ମୃତି ସହ ଜଡ଼ିତ ୧୭ଟି ଅନୁଷ୍ଠାନକୁ ଗାନ୍ଧୀଙ୍କ ସମ୍ପର୍କରେ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ୧୯ କୋଟି ୧୫ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଚଳିତ ଓ ଆଗାମୀ ବର୍ଷରେ ଶିକ୍ଷାନୁଷ୍ଠାନମାନଙ୍କରେ ଗାନ୍ଧୀ ଦର୍ଶନ ସମ୍ବନ୍ଧିତ ସଚେତନତା ଭିତ୍ତିକ ପ୍ରତିଯୋଗିତାମାନ ଆୟୋଜନ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିଭଳି ସ୍ୱଚ୍ଛ ଜଳ ଓ ପରିମଳ କାର୍ଯ୍ୟକ୍ରମରେ ମହାତ୍ମାଙ୍କ ବାର୍ତ୍ତାକୁ ସଚେତନତାର ମୂଳମନ୍ତ୍ର କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ସମିତି ଓ ଗ୍ରାମପଞ୍ଚାୟତ ଦ୍ୱାରା ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ କସ୍ତୁରବା ଆଦର୍ଶ ପଞ୍ଚାୟତ ଚିହ୍ନଟ କରି ଗାନ୍ଧୀଙ୍କ ଦର୍ଶନ ଭିତ୍ତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ, ଶତପ୍ରତିଶତ ମହିଳା ସାକ୍ଷରତା, ଅଧାରୁ ପାଠପଢ଼ା ଛାଡ଼ିବା ନିବାରଣ, ପାରିବାରିକ ଓ ଗ୍ରାମ୍ୟ ବିବାଦର ଆପୋସ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ, ଗାଁ ପରିମଳ, ସାମୂହିକ ଜୀବନ ଓ କୁଟୀରଶିଳ୍ପ ଆଦିର ବିକାଶ ପାଇଁ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ଏ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଗ୍ରାମପଞ୍ଚାୟତଙ୍କୁ ପୁରସ୍କୃତ ଓ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ସଂଜୟ କୁମାର ସିଂ, ସଂସ୍କୃତି ଓ ଭାଷା ସାହିତ୍ୟ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସୁବାସ ସିଂହଙ୍କୁ ମିଳିଲା ରାଷ୍ଟ୍ରମନ୍ତ୍ରୀ ପାହ୍ୟା

**ଭୁବନେଶ୍ୱର:** ଶ୍ରମିକ ନେତା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ମହାସଚିବ ସୁବାସ ସିଂହଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦରେ ପୁନର୍ବାର ନିଯୁକ୍ତି ଦେବା ସହ ପୂର୍ବପରି ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛନ୍ତି। ଏସମ୍ପର୍କରେ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୭ ତାରିଖ ସୁଦ୍ଧା ସମଗ୍ର ରାଜ୍ୟରେ ୨୮,୬୨,୭୦୪ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଇପାରିଛି। ୨୦,୬୦,୫୨୯ ଜଣ ଶ୍ରମିକଙ୍କୁ ୧୪୫୬, ୧୦,୮୫, ୨୨୧ ଟଙ୍କା ବିଭିନ୍ନ ସହାୟତା ବାବଦରେ ପ୍ରଦାନ କରାଯାଇଛି। ଅଦ୍ୟାବଧି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୨୧୧୬,୯୬,୪୬,୭୦୧ ଟଙ୍କା ସେସ୍ ଆଦାୟ କରାଯାଇଛି। ଗତବର୍ଷ ସର୍ବାଧିକ ୪୨୭ କୋଟି ଟଙ୍କା ଟିକସ୍ ଆଦାୟ କରାଯାଇଛି। ଓଡ଼ିଶାର ଦାଦନ ଶ୍ରମିକ ପ୍ରବଣ ଜିଲ୍ଲାଗୁଡ଼ିକରୁ ୫୬,୫୯୧ ଜଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୫,୪୨୬ ଜଣ ହିତାଧିକାରୀଙ୍କ ଆବେଦନ ଅନୁମୋଦିତ ହୋଇଛି ଏବଂ ୧୦,୯୩୮ ଘର ପୂର୍ଣ୍ଣାଙ୍ଗ କରାଯାଇପାରିଛି। ନିର୍ମାଣ ଶ୍ରମିକମାନଙ୍କ ଲାଗି କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାରେ ଓଡ଼ିଶା ସମଗ୍ର ଦେଶରେ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇଛି। ସେହିପରି ପ୍ରାୟ ଏକ କୋଟି ଲୋକ ସାମାଜିକ ସୁରକ୍ଷା ପରିସରଭୁକ୍ତ ହୋଇପାରିଛନ୍ତି। ଆନ୍ତର୍ଜାତିକ ଶ୍ରମିକ ସଂଗଠନ ସହାୟତାରେ ମୁଖ୍ୟମନ୍ତ୍ରୀ ସବୁ ସ୍ତରରେ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଶ୍ରମ ବିଭାଗକୁ ଅଧିକ କ୍ରିୟାଶୀଳ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ପ୍ରତି ୩ ମାସରେ ଉଚ୍ଚସ୍ତରୀୟ ସମୀକ୍ଷା କରାଯାଉଛି। ପ୍ରତିବର୍ଷ ୨ ଥର ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ପ୍ରମୁଖ ଏଜେଣ୍ଡା ରଖାଯାଇ ଏହି ଯୋଜନାକୁ ସଫଳ କରାଯିବାକୁ ପ୍ରୟାସ ଜାରି ରହିଛି। ୩୦ଟି ଜିଲ୍ଲାରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକୃତ ଓ ସହାୟତା ପ୍ରଦାନ କରାଯାଉଛି। ୫ 'ଟି' ଜରିଆରେ ସ୍ୱଚ୍ଛତା, ସମୟାନୁବର୍ତିତା ଏବଂ ଅଧିକ କ୍ରିୟାଶୀଳ କରିବାରେ ଶ୍ରମ ବିଭାଗ ପୂରା ଦମ୍‌ରେ ଲାଗିପଡ଼ିଛି ବୋଲି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ସିଂହ ପ୍ରକାଶ କରିଛନ୍ତି।

# ବିଭାଗୀୟ କାର୍ଯ୍ୟର ସମୀକ୍ଷା କଲେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ରାଜ୍ୟ ଲୋକ ସଂପର୍କ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଭାଗୀୟ ଶାସନ ସଚିବ ସଂଜୟ କୁମାର ସିଂହ, ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଓ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀଙ୍କ ଉପସ୍ଥିତିରେ ମନ୍ତ୍ରୀ ଶ୍ରୀ ଦାସ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଥିଲେ । ସ୍ଥାନାଭାବକୁ ଦୃଷ୍ଟିରେ ରଖି ସ୍ଥାନୀୟ ଜୟଦେବ ଭବନରୁ ଚଳିତ ମାସ ଅକ୍ଟୋବର ୧୪ ତାରିଖରୁ ଗୀତ ଗୋବିନ୍ଦ ସଦନକୁ ସ୍ଥାନାନ୍ତରିତ ହୋଇଥିବା ନୂତନ ପାଠାଗାର ଓ ଅଧ୍ୟୟନ କେନ୍ଦ୍ରର ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ମନ୍ତ୍ରୀ ଶ୍ରୀ ଦାସ ପଚାରି ବୁଝିବା ସହିତ ଆବଶ୍ୟକ ପରାମର୍ଶ ଦେଇଥିଲେ। ପାଠକପାଠିକାମାନଙ୍କୁ ଶୃଙ୍ଖଳାର ସହ ପାଠାଗାର ଓ ଅଧ୍ୟୟନ ସୁବିଧା ଯୋଗାଇ ଦେବା ପାଇଁ ଆଗାମୀ ନଭେମ୍ବର ୧ ତାରିଖରୁ ସେମାନଙ୍କ ପାଇଁ ମାସିକିଆ ବା ବର୍ଷିକିଆ ମେମ୍ବରସିପ୍ କାର୍ଡ( ପରିଚୟ ପତ୍ର) ପ୍ରଦାନ କରିବାକୁ ବୈଠକରେ ନିଷ୍ପତି ହୋଇଛି। ବିଭାଗରେ ଡିଜିଟାଲ ଆର୍କାଇଭିଂ( ପୁରାତନ ଦୁର୍ଲଭ ଫଟୋ, ପ୍ରାମାଣିକ ଚଳଚିତ୍ର, ଚଳଚିତ୍ର ଆଦିର ସଂରକ୍ଷଣ) ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଉପରେ ବିଶଦ୍‌ଭାବେ ଆଲୋଚନା କରାଯାଇଥିଲା । ତତ୍ ସହିତ ଯୋଗ୍ୟ ବିବେଚିତ ଥିବା ଯେଉଁ ସାମ୍ବାଦିକମାନେ ଅଦ୍ୟାବଧି ଗୋପବନ୍ଧୁ କର୍ମଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା କାର୍ଡ ପାଇନାହାଁନ୍ତି, ସେମାନଙ୍କୁ କାର୍ଡ ପ୍ରଦାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ, ସରକାରୀ-ବେସରକାରୀ ସହଭାଗିତାରେ ବିଭାଗୀୟ ସୂଚନା କେନ୍ଦ୍ର ଓ ପାଠାଗାର ପରିସର ବା ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ସୂଚନା ଓ ଜନ ସଚେତନତା ଉଦ୍ଦେଶ୍ୟରେ ଭିଡିଓ ୱାଲ ସ୍ଥାପନ ବ୍ୟବସ୍ଥା, ବିଭାଗରେ ଖାଲିଥିବା ବିଭିନ୍ନ ପଦବୀ ପୂରଣ ଏବଂ ବିଭାଗୀୟ ଅନ୍ୟାନ୍ୟ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ବିପିନି ବିହାରୀ ବାରିକୀ ଓ ସୁବାସ ଚନ୍ଦ୍ର ସୁପକାର, ଉପ ଶାସନ ସଚିବ ଦୁର୍ଗାପ୍ରସାଦ ମହାରଣାଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ଶାଖାର ଅନୁବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# କୃଷି ବିଭାଗର ୧୫ ଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଜିଲ୍ଲାର ଦାୟିତ୍ୱ

**ଭୁବନେଶ୍ୱର:** ପ୍ରଶାସନିକ ସ୍ତରରେ ନିଆଯାଉଥିବା ନିଷ୍ପତି ଓ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟକାରିତା ଓ ଏହାର ସୁଫଳ ସିଧାସଳଖ ଚାଷୀମାନଙ୍କ ନିକଟରେ ପହଂଚାଇବା କାର୍ଯ୍ୟର ତଦାରଖ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଜିଲ୍ଲା ଗସ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ୧୫ ଜଣ ବରିଷ୍ଠ ଅଧିକାରୀ ପ୍ରତ୍ୟେକ ୨ଟି ଲେଖାଏଁ ଜିଲ୍ଲା ଗସ୍ତ କରିବେ। ଏଣିକି ବରିଷ୍ଠ ଅଧିକାରୀ ସିଧାସଳଖ ଚାଷୀମାନଙ୍କୁ ଭେଟିବେ ଏବଂ ସେମାନଙ୍କ ସହ ଆଲୋଚନା କରି ସେମାନଙ୍କର ଆବଶ୍ୟକତା ସଂପର୍କରେ ବୁଝିବେ। କ୍ଷେତ୍ର ପ୍ରଦର୍ଶନ ସମୟରେ ଫସଲର ସ୍ଥିତି ଅନୁଧ୍ୟାନ କରିବେ ଏବଂ ଚାଷୀମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଦେବେ। କୃଷି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତିତ ୫ 'ଟି' ଆଧାରରେ କାର୍ଯ୍ୟ କରିବା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ଏହି ବରିଷ୍ଠ ଅଧିକାରୀମାନେ ଗସ୍ତ ସମୟରେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଏହାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅଧିକାରୀମାନେ ସାର ଓ କୀଟନାଶକ ଔଷଧର ଉପଲବ୍ଧତା ଓ ଏହାର ଗୁଣବତା ଏବଂ ମାନକୁ ନିଶ୍ଚିତ କରିବେ। ଫସଲରେ ରୋଗପୋକର ସ୍ଥିତି ଅନୁଧ୍ୟାନ କରିବେ। ମୃତ୍ତିକା କାର୍ଡ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କାଯର୍ୟକାରୀ ହେଉଥିବା ପ୍ରକଳ୍ପର ଅଗ୍ରଗତି ପ୍ରଧାନମନ୍ତ୍ରୀ କୃଷକ ସିଂଚାଇ ଯୋଜନା, ମୃତ୍ତିକା ସଂରକ୍ଷଣ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, କୃଷି ସେବା କେନ୍ଦ୍ରଗୁଡ଼ିକର ସ୍ଥିତି ଓ ଏହାର ପରିଚାଳନା, 'ଆତ୍ମା'ର କାର୍ଯ୍ୟକାରିତା, ବ୍ଲକ୍ ସ୍ତରରେ ଫାର୍ମ ଇନ୍‌ଫରମେସନ୍ ଆଡ୍‌ଭାଇଜରୀ କେନ୍ଦ୍ରର ନିୟମିତ ବୈଠକ, ଆଡାପ୍ଟ(ଏଡିଏପିଟି) କାର୍ଯ୍ୟକ୍ରମରେ ତଥ୍ୟଗୁଡ଼ିକ ଅପ୍‌ଲୋଡ୍ କରିବା, ଭିଏଡବ୍ଲ୍ୟୁମାନଙ୍କର ଗ୍ରାମ ପଞ୍ଚାୟତରେ ଉପସ୍ଥାନ, ଜନଜାତି ଅଧ୍ୟୁଷିତ ଜିଲ୍ଲାଗୁଡ଼ିକରେ ଓଡ଼ିଶା ମିଲେଟ୍ ମିଶନର କାର୍ଯ୍ୟର ଅଗ୍ରଗତି, ପରମ୍ପରାଗତ କୃଷି ବିକାଶ ଯୋଜନାରେ ଜୈବିକ ଉପାୟରେ କୃଷି କାର୍ଯ୍ୟ ଆଦି ସଂପର୍କରେ ଅଧିକାରୀମାନେ ତଦାରଖ କରିବେ। ଏଥିସହିତ ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦନ ସଂଗଠନର କର୍ମକର୍ତାଙ୍କୁ ଭେଟିବା ସହିତ ଜିଲ୍ଲାସ୍ତରରେ ବୈଠକ କରି ଜିଲ୍ଲାର କୃଷି ପରିସ୍ଥିତି ସଂପର୍କରେ ଆକଳନ କରିବେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ପତ୍ର ଅନୁଯାୟୀ ଅତିରିକ୍ତ ଶାସନ ସଚିବ ଦୁଃଖୀଶ୍ୟାମ ପାଇକ କୋରାପୁଟ ଓ ରାୟଗଡ଼ା, ମେରି ଲାକ୍ରା ଅନୁଗୋଳ ଓ ଢେଙ୍କାନାଳ, ଚିତରଞ୍ଜନ ପାତ୍ର କନ୍ଧମାଳ ଓ ବଲାଙ୍ଗୀର, ଡ. ବନାନୀ ମହାନ୍ତି ସୁବର୍ଣ୍ଣପୁର ଓ ବୌଦ୍ଧ, ମନ୍ମଥ କୁମାର ପାଣି କେନ୍ଦୁଝର ଓ ଦେବଗଡ଼, ଚିନ୍ମୟ କବି ଭଦ୍ରକ ଓ ଯାଜପୁର ଜିଲ୍ଲା ଗସ୍ତ କରିବେ। ସେହିପରି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍‌ର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ମୟୂରଭଞ୍ଜ ଓ ବାଲେଶ୍ୱର, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ସୁନ୍ଦରଗଡ଼ ଓ ଝାରସୁଗୁଡ଼ା, ଅତିରିକ୍ତ ନିର୍ଦ୍ଦେଶକ ଶିବନାରାୟଣ ନନ୍ଦ ଖୋର୍ଦ୍ଧା ଓ ପୁରୀ, ଆପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରେନ୍ଦୁ ଶେଖର ଦେ କଟକ ଓ ନୟାଗଡ଼ ଜିଲ୍ଲା ଗସ୍ତ କରିବେ। ଉପଶାସନ ସଚିବ ପ୍ରାଚୀ ମହାପାତ୍ର କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା, ଯୁଗ୍ମ ଶାସନ ସଚିବ ପଦ୍ମଲୋଚନ ନାୟକ ମାଲକାନଗିରି ଓ ନବରଙ୍ଗପୁର, ଯୁଗ୍ମ ଶାସନ ସଚିବ ଅଶ୍ୱିନୀ କୁମାର ସୁରଜିତ କଳାହାଣ୍ଡି ଓ ନୂଆପଡ଼ା, ଉପଶାସନ ସଚିବ ବିପିନ ବିହାରୀ ପାଣିଗ୍ରାହୀ ଗଞ୍ଜାମ ଓ ଗଜପତି ଏବଂ ଉପଶାସନ ସଚିବ ଗୋବର୍ଦ୍ଧନ ଦେବତା ସମ୍ବଲପୁର ଓ ବରଗଡ଼ ଜିଲ୍ଲା ଗସ୍ତ କରିବେ। ଏହି ଅଧିକାରୀମାନେ ନଭେମ୍ବର ୨ ତାରିଖ ମଧ୍ୟରେ ସେମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଜିଲ୍ଲା ଗସ୍ତ କରି ନଭେମ୍ବର ୧୦ ତାରିଖ ସୁଦ୍ଧା ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ।

# ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମର ସମୀକ୍ଷା କଲେ ସିଇଓ

**ଭୁବନେଶ୍ୱର:** ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଭିଡ଼ିଓ କନ୍‌ଫରେନ୍‌ସିଂ ଜରିଆରେ ସମସ୍ତ ଜିଲ୍ଲାପାଳମାନଙ୍କ ସହ ଚାଲୁ ରହିଥିବା ଭୋଟର ତାଲିକାର ସଂଶୋଧନ କାର୍ଯ୍ୟକ୍ରମ ସଂପର୍କରେ ସମୀକ୍ଷା କରିଥିଲେ। ନାଗରିକମାନେ କିପରି ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ଜରିଆରେ ସେମାନଙ୍କର ଭୋଟର ତାଲିକାରେ ଥିବା ତ୍ରୁଟିକୁ ନିଜେ ନିଜେ ସଂଶୋଧନ କରିପାରିବେ ଏବଂ ତ୍ରୁଟି ନଥିଲେ ସେମାନେ ତାଙ୍କର ତଥ୍ୟ ସଠିକ୍ ବୋଲି ମଧ୍ୟ ଅପ୍‌ଲୋଡ୍ କରିବେ ସେ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଶ୍ରୀ ଲୋହାନୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ପ୍ରତିବର୍ଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ କରାଯାଇଥାଏ। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ମାସରୁ ଆରମ୍ଭ କରାଯାଇଛି। ସଦ୍ୟ ଭୋଟର ତାଲିକାରେ ରହିଯାଇଥିବା ତ୍ରୁଟି ବିଚ୍ୟୁତିଗୁଡ଼ିକୁ ସ୍ୱତନ୍ତ୍ର ଯାଞ୍ଚ କରାଯାଇ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଜନସାଧାରଣ ଭୋଟର ତାଲିକାରେ ନାମ ଯୋଗ ନିମନ୍ତେ ଫର୍ମ ନଂ-୬, ନାମ ବାଦ ନିମନ୍ତେ ଫର୍ମ ନଂ-୭ ଏବଂ ତ୍ରୁଟି ସଂଶୋଧନ ନିମନ୍ତେ ଫର୍ମ ନଂ୮ରେ ଆବେଦନ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଜିଲ୍ଲାସ୍ତରରେ ଉପସ୍ଥିତ ଥିବା ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଜଣେ ନାଗରିକ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଭୋଟର ତାଲିକାରେ ଥିବା ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ କରିପାରିବେ। ଏତଦ୍‌ବ୍ୟତୀତ ଭୋଟର ସହାୟତା କେନ୍ଦ୍ର ଓ ବିଏଲ୍‌ଓ ନେଟ୍ ଆପ୍ ମାଧ୍ୟମରେ ମଧ୍ୟ ତ୍ରୁଟି ସଂଶୋଧନ କାର୍ଯ୍ୟ କରାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍‌ଲାଇନ୍‌ରେ ଡାଟା ଅପ୍‌ଲୋଡ୍ କରିବାକୁ ଶ୍ରୀ ଲୋହାନୀ ସବୁ ଜିଲ୍ଲାର ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଧାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ନଭେମ୍ବର ୧୮ ତାରିଖ ସୁଦ୍ଧା ଶତପ୍ରତିଶତ ଡାଟା ସଂଗ୍ରହ ସହ ଶତପ୍ରତିଶତ ଡାଟା ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରିବାକୁ ଉପଜିଲ୍ଲାପାଳ ତଥା ଭୋଟର ପଞ୍ଜୀକରଣ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି।

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସେବା ଦେବେନି ଘରୋଇ ମେଡିକାଲ

**ଭୁବନେଶ୍ୱର:** ଏଣିକି ଘରୋଇ ମେଡିକାଲ ଓ ନର୍ସିଂହୋମ୍ ମାନଙ୍କରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରୋଗୀ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ମିଳିବ ନାହିଁ।୨୦୧୭ ମସିହାରୁ ଘରୋଇ ହସ୍ପିଟାଲ ଗୁଡିକ ପକ୍ଷରୁ ଉକ୍ତ ଯୋଜନା ମାଧ୍ୟମରେ ଯୋଗାଇ ଦିଆଯାଇଥିବା ସ୍ୱାସ୍ଥ୍ୟସେବା ବାବଦ ଅର୍ଥ ରାଜ୍ୟ ସରକାର ଦେଇ ନାହାନ୍ତି। ଏଥିପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିବାପାଇଁ ଅଲ୍ ଓଡିଶା ପ୍ରାଇଭେଟ୍ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ୍ ନିଷ୍ପତି ନେଇଛି। ଫୋରମ୍‌ର ସମ୍ପାଦକ ଇନ୍ଦ୍ରମଣି ଜେନା କହିଛନ୍ତି ଯେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବା ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ନର୍ସିଂହୋମ୍ ଏହି ଫୋରମ୍ ସହ ଅନୁବନ୍ଧିତ ଅଛନ୍ତି। ୨୦୧୭ ମସିହାରୁ ଏହି ନର୍ସିଂହୋମ୍ ମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇଆସୁଛନ୍ତି। ମାତ୍ର ରାଜ୍ୟ ସରକାର ଏହାର ଭରଣା କରୁ ନାହାନ୍ତି। ରାଜ୍ୟ ସରକାରଙ୍କ ଉପରେ ପ୍ରାୟ ୩୦ କୋଟି ଟଙ୍କା ଏବାବଦରେ ବାକିଆ ରହିଛି। ଉକ୍ତ ବାକିଆ ଅର୍ଥ କିପରି ମିଳିବ ସେଥିନେଇ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀଙ୍କ ସହ ଆଲୋଚନା କରିବାପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ତେଣୁ ଫୋରମ୍ ଏହି ସେବାକୁ ବନ୍ଦ କରିବାକୁ ନିଷ୍ପତି ନେଇଛି ବୋଲି ସେ କହିଛନ୍ତି।

# 'ମୋ ସରକାର ପୂର୍ବରୁ ଓଡିଶାରେ କାହା ସରକାର ଥିଲା'

**ଭୁବନେଶ୍ୱର:** ଓଡିଶାର ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ରକୁ ଲୁଚାଇବା ପାଇଁ ରାଜ୍ୟ ସରକାର ନୂଆ ନୂଆ ଭେଳିକି ଦେଖାଉଛନ୍ତି ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଓ ଦଳୀୟ ମୁଖପାତ୍ର ଗୋଲକ ମହାପାତ୍ର। ସମୀର ମହାନ୍ତି ପ୍ରଶ୍ନ କରିଛନ୍ତି ଯେ ମୋ ସରକାର ଯୋଜନା ପୂର୍ବରୁ ଓଡିଶାରେ କେଉଁ ସରକାର ଥିଲା ? କାହାର ଭାବମୂର୍ତ୍ତି ବୃଦ୍ଧି କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫ଟି ସଚିବଙ୍କ ଗସ୍ତ ପ୍ରଶ୍ନ ସୃଷ୍ଟି କରୁଛି । ୫ଟି ସଚିବଙ୍କ ମାରାଥନ ଗସ୍ତ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ କି ସ୍ୱାସ୍ଥ୍ୟ ସଚିବ ନାହାନ୍ତି କାହିଁକି ? ଆୟୁଷ୍ମାନ ଭାରତ ଲାଗୁ କରିବାକୁ ରାଜ୍ୟ ସରକାରଙ୍କୁ ବାରମ୍ବାର କୁହାଯାଉଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । କାରଣ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଲାଗୁ କରାଯାଇଥିଲେ ରାଜ୍ୟ ଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପଦାରେ ପଡିଥାନ୍ତା। ତେଣୁ ଭାବମୂର୍ତି ମଳିନ ନପଡିବା ପାଇଁ ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା ଲାଗୁ କରୁନାହାନ୍ତି। ରାଜ୍ୟରେ କେବଳ ଅମଲା ଶାସନ ଚାଲିଛି ଯାହା ପ୍ରମାଣିତ ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ରାଜ୍ୟରେ ଭୁବନେଶ୍ୱର ଓ ଭଦ୍ରକରେ ସ୍ୱାସ୍ଥ୍ୟ ସେବାରେ ବିକଳ ଚିତ୍ର ଦେଖାଯାଇଛି। ବିଜେପି ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ କାର୍ଯ୍ୟରେ ଅବହେଳା ପାଇଁ ସୁନ୍ଦରଗଡ ଏସଡିଏମଓଙ୍କୁ ନିଲମ୍ବନ କରାଯାଇଛି । ମାତ୍ର ସେହି ହସ୍ପିଟାଲରେ ମାତ୍ର ୬ ଜଣ ଲାବରୋଟୋରୀ ଟେକ୍‌ନିସିଆନ୍ ଅଛନ୍ତି । ତେବେ ହସ୍ପିଟାଲକୁ ମାସରେ ୨୫ ହଜାର ଲୋକ ଆସୁଥିବା ବେଳେ ମାତ୍ର ୬ ଜଣ ଲାବରୋଟୋରୀଙ୍କ ଦ୍ୱାରା ସମସ୍ତଙ୍କ ପରୀକ୍ଷା ହେବା ପ୍ରଶ୍ନ ସୃଷ୍ଟି କରୁଛି । ବାସ୍ତବରେ ଲୋକଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ନବଢାଇ ସସପେଣ୍ଡ କରାଯିବା କେତେଦୂର ଠିକ୍ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ପ୍ରଶ୍ନ କରିଛନ୍ତି ଶ୍ରୀ ମହାପାତ୍ର। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ଓଡିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ତଳଆଡୁ ୩ ନମ୍ବରରେ ଅଛି। ୨୦ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ଶାସନ ପରେ ୨୦୧୫-୧୬ ତୁଳନାରେ ୨୦୧୭-୧୮ରେ ଓଡିଶା ସ୍ୱାସ୍ଥ୍ୟ କ୍ଷେତ୍ରରେ ୩.୪୬ ପ୍ରତିଶତ ପଛେଇଛି। ଏହାର ପ୍ରମୁଖ କାରଣ



ପୂର୍ବବର୍ଷ ଟିକାଦାନ ହାର ୮୫.୩ ଥିବାବେଳେ ଏହା ୫୯.୮ ପ୍ରତିଶତ ତଳକୁ ଖସିଆସିଛି। ଆନୁଷ୍ଠାନିକ ପ୍ରସବ ହାରରେ ରାଜ୍ୟ ଗତବର୍ଷ ତୁଳନାରେ ୭୩ ପଏଣ୍ଟରୁ ୭୦ ପଏଣ୍ଟକୁ ଖସିଆସିଛି। ଟିବି ନୋଟିଫିକେସନ ରେଟ୍ ପ୍ରତି ୧ ଲକ୍ଷ ଲୋକରେ ୧୫୯ରେ ପହଁଚିଛି। ଯାହା ପୂର୍ବରୁ ୯୯ ଥିଲା। ଟିବି ଚିକିତ୍ସା ସଫଳତା ରେଟ୍ ୭୨.୫ ପ୍ରତିଶତକୁ ଖସିଆସିଛି । ଯାହା ପୂର୍ବରୁ ୮୮.୯ ପ୍ରତିଶତ ଥିଲା । ପିଏଚସି ମାନଙ୍କରେ ମେଡିକାଲ ଅଫିସରଙ୍କ ଖାଲିପଦ ୩୧.୯ ପ୍ରତିଶତରେ ପହଁଚିଛି । ଯାହା ପୂର୍ବରୁ ୨୬.୯ ଥିଲା । ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ପେଶାଲିଷ୍ଟଙ୍କ ଖାଲି ପଦବୀ ୨୭.୪ ପ୍ରତିଶତରେ ପହଁଚିଛି ଯାହା ପୂର୍ବରୁ ୧୯ ପ୍ରତିଶତ ଥିଲା । ମ୍ୟାଲେରିଆ ମୃତ୍ୟୁ ହାରରେ ମଧ୍ୟ ଓଡିଶା ତୃତୀୟ ସ୍ଥାନରେ ରହିଛି । ଦିନରାତି ୨୪ ଘଣ୍ଟିଆ କାମ କରୁଥିବା ପିଏଚସି ସଂଖ୍ୟା ୩୦ ପ୍ରତିଶତରୁ ୨୭ ପ୍ରତିଶତକୁ ଖସିଛି । ଜନ୍ମ ପଞ୍ଜିକରଣ ମଧ୍ୟ ହ୍ରାସ ପାଇଛି ବୋଲି ସେ କହିଛନ୍ତି। ସେହିପରି ଓଡିଶା ସରକାରଙ୍କ ଅର୍ଥନୈତିକ ଓ ସର୍ଭେରୁ ଜଣାପଡିଛି ଯେ ଭାରତବର୍ଷରେ ୧ ଲକ୍ଷ ଲୋକରେ ୧୦.୬ ପ୍ରତିଶତ ଡାକ୍ତର ଥିବାବେଳେ ଓଡିଶାରେ ତାହା ପ୍ରାୟ ୮.୪ ପ୍ରତିଶତ । ସେହିପରି ଟିଏମଏସଟି ରିପୋର୍ଟରୁ ଜଣାପଡିଛି ଯେ ୮୦ ପ୍ରତିଶତ ଲୋକ ସରକାରୀ ମାଗଣା ଔଷଧ ନକିଣି ନିଜ ପକେଟରୁ ଖର୍ଚ୍ଚ କରି ଔଷଧ କିଣୁଛନ୍ତି । ଯାହା ସରକାରଙ୍କ ମାଗଣା ଔଷଧ ବଂଟନ ନିରାମୟ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଧାନସଭା ପ୍ରଦତ ତଥ୍ୟରୁ ଜଣାପଡିଛି ଯେ ରାଜ୍ୟରେ ୨୮୫୧ ଡାକ୍ତର ପଦବୀ ଖାଲି ପଡିଛି। ୧୧୨ ପିଏଚସିରେ ବିଜୁଳି ନାହିଁ। ୫୨୯୮ ଉପ ସ୍ୱାସ୍ଥ୍ୟ କେନ୍ଦ୍ରରୁ ୧୨୩୯ଟି ଉପକେନ୍ଦ୍ରର ନିଜସ୍ୱ ଘର ନାହିଁ । ୧୮ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ନାହିଁ। ୮୭ ପ୍ରତିଶତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ନାହାନ୍ତି । ୫୭ ପ୍ରତିଶତ ପିଏଚସିରେ ନିୟମିତ ଡାକ୍ତର ନାହାନ୍ତି । ୨୫ ପ୍ରତିଶତ ପିଏଚସିରେ ସ୍ୱାସ୍ଥ୍ୟ ସହାୟକ ପଦବୀ ଖାଲି ପଡିଛି । ଏଥିରୁ ଓଡିଶାର ବାସ୍ତବ ସ୍ୱାସ୍ଥ୍ୟ ଚିତ୍ର ସମ୍ପୂର୍ଣ୍ଣ ପ୍ରତିଫଳିତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ସ୍ୱାସ୍ଥ୍ୟ ସେବାର ବାସ୍ତବ ଚିତ୍ରକୁ ଲୁଚାଇବା ପାଇଁ ନୂଆ ନୂଆ ନାଟକ କରୁଛନ୍ତି ବୋଲି ସେ କହିଛନ୍ତି।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୧ - ୨୭ ଅକ୍ଟୋବର, ୨୦୧୯

# ସ୍ୱାଭିମାନ ଓ ଗୌରବ

ଏବେ ୭୪ ବର୍ଷରେ ପାଦ ଦେଲେ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୨ ବର୍ଷ ତଳେ ଯେତେବେଳେ ନବୀନ ରାଜ୍ୟ ଶାସନର ଦାୟିତ୍ୱ ନେଲେ ସେତେବେଳେ ସିଏ କେବଳ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୁତ୍ର ଓ ତିନିଖଣ୍ଡ ପୁସ୍ତକର ରଚୟିତା ବୋଲି ସମସ୍ତେ ଜାଣିଥିଲେ। ବାହାରକୁ ତାଙ୍କ ଜୀବନଚର୍ଯ୍ୟା ଅତ୍ୟନ୍ତ ନିରାଡମ୍ବର ଜଣାପଡୁଥିଲେ ବି ବାସ୍ତବରେ ତାଙ୍କ ଚାଲିଚଳଣ ଓ ବ୍ୟକ୍ତିଗତ ଜୀବନକୁ ନେଇ କେହି କେବେ ସ୍ପଷ୍ଟ ମତ ଦେଇପାରିନାହାନ୍ତି। ନୂଆଦିଲ୍ଲୀରୁ ଓଡ଼ିଶାକୁ ଆସିବା ପରେ ନବୀନଙ୍କ ଦୁଇଦଶନ୍ଧିର ଜୀବନ ଅତ୍ୟନ୍ତ ଘଟଣାବହୁଳ। ସ୍ୱଳ୍ପଭାଷୀ ହୋଇଥିବା ହେତୁ ତାଙ୍କ ସହ ସାଧାରଣ ଲୋକ ବା ରାଜନୈତିକ ବ୍ୟକ୍ତିମାନେ ସହଜରେ ମିଶି ପାରନ୍ତିନାହିଁ। କୋଳାହଳକୁ ଭଲ ପାଉନଥିବା ଏହି ନେତା ଯେ ଏତେ ଅଭିଜ୍ଞ ଓ ପୋଖତ ରାଜନେତାର ସ୍ଥାନ ନେଇପାରିବେ ଓ ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟରେ ଦୀର୍ଘକାଳ ଶାସନ କରିବେ ଏହା କେହି କେବେ କଳ୍ପନା କରିନଥିଲେ। ତାଙ୍କ ଅସାଧାରଣ ବ୍ୟକ୍ତିତ୍ୱ ହିଁ ରାଜନୀତିରେ ତାଙ୍କର ଗୁରୁତ୍ୱ ବୃଦ୍ଧି କରିଛି। ପ୍ରଥମରୁ ଦୁର୍ନୀତି ବିରୋଧରେ ତାଙ୍କର କାର୍ଯ୍ୟାନୁଷ୍ଠାନ ଓ ନିଜର ଭାବମୂର୍ତ୍ତିକୁ ସ୍ୱଚ୍ଛ ରଖିବା ପାଇଁ ସେ ଯେପରି ପ୍ରୟାସ କରି ଆସିଛନ୍ତି ତାହାର ଅନେକ ଉଦାହରଣ ସହରରୁ ଗାଁ ଦେଖିବାକୁ ମିଳେ। ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଜାୟ ରଖିବା ଦିଗରେ ନବୀନ ଏଯାବତ୍ ଯେଉଁଳି ରଣନୀତି ଆପଣାଇଛନ୍ତି ତାହା ତାଙ୍କ ପୂର୍ବରୁ କୌଣସି ରାଜନେତାଙ୍କ ନିକଟରେ ଦେଖିବାକୁ ମିଳିନଥିଲା। ଶସ୍ତା ଭାଷଣବାଜି ଓ ବିତଣ୍ଡା ବିତର୍କରେ ସେ ଆଦୌ ବିଶ୍ୱାସ କରନ୍ତିନି। ୧୯୯୯ ମହାବାତ୍ୟାରେ ବିଧ୍ୱସ୍ତ ହୋଇଥିବା ଓଡ଼ିଶାରେ ନବୀନଙ୍କ ଶାସନକାଳ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସମଗ୍ର ବିଶ୍ୱକୁ ନୂଆ ଦିଗ୍‌ଦର୍ଶନ ଦେଇଛି। ତାଙ୍କର ରାଜନୈତିକ ଗୋଟିଚାଳନା ପ୍ରତିପକ୍ଷଙ୍କ ଶିବିରରେ କମ୍ପନ ସୃଷ୍ଟି କରେ। ଗୋଟିଏ ଆଞ୍ଚଳିକ ଦଳର ସୁପ୍ରିମୋ ଥାଇ ନବୀନ ଜାତୀୟ ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହେବା ନିଶ୍ଚୟ ଗୌରବର ବିଷୟ। ତାଙ୍କର ବ୍ୟକ୍ତିଗତ ଓ ରାଜନୈତିକ ସମ୍ପର୍କ କାହା ସହ ବା କେଉଁ ଦଳ ସହ ଠିକ୍ ରହିଛି ଏହା ଏଯାବତ୍ ପରିପ୍ରକାଶ ହୋଇପାରିନାହିଁ। ତାଙ୍କ ନେତୃତ୍ୱରେ ଗଠିତ ବିଜୁ ଜନତା ଦଳ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇ ଏଯାବତ୍ କାର୍ଯ୍ୟ କରିଆସୁଛି। ସାମାଜିକ ସୁରକ୍ଷା, ଖାଦ୍ୟ ଓ ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ଦିଗରେ ସେ ସାଧାରଣ ଲୋକଙ୍କ ଯେତିକି ନିକଟତର ହୋଇଛନ୍ତି ସେତିକି ଭଲପାଇବା ଲୋକଙ୍କ ନିଟକରୁ ମଧ୍ୟ ପାଇଛନ୍ତି। ସମସ୍ୟା ବହୁଳ ଗୋଟିଏ ରାଜ୍ୟରେ ବିକଶିତ କରିବା କଠିନ କାର୍ଯ୍ୟ ହୋଇଥିଲେ ବି ନିଜର ରାଜନୈତିକ ପଟୁତା ଯୋଗୁ ନବୀନ ବାବୁ ଏଥିରେ ସଫଳ ହୋଇପାରିଛନ୍ତି। ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରଠାରୁ କମ୍‌ରେ ରହିବା ନିଶ୍ଚୟ ରାଜ୍ୟ ପାଇଁ ଏକ ବଡ ସଫଳତା। ଏହା କେବଳ ଗୋଟିଏ ଉଦାହରଣ ନୁହେଁ। ଏଭଳି ଅନେକ ଉଦାହରଣ ତାଙ୍କ ଶାସନ ସମୟରେ ଦେଖିବାକୁ ମିଳିଛି। ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ମାଧ୍ୟମରେ ମହିଳା ସଶକ୍ତିକରଣ କରାଇବା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଆଗରେ ରହିଛି। ପ୍ରମିଳା ବିଶୋୟୀଙ୍କ ଭଳି ଜଣେ ଚୁଲିମୁଣ୍ଡର ମହିଳାଙ୍କୁ ନେଇ ସଂସଦରେ ପହଞ୍ଚାଇବା ଯେତିକି ମଜାଦାର ଲାଗୁଛି ସେତିକି ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ରାଜ୍ୟର ସବୁ ବର୍ଗଙ୍କ ପାଇଁ ମାଳମାଳ ଯୋଜନା କରି ସାଧାରଣ ଲୋକଙ୍କ ହୃଦୟରେ ସେ ଯେଭଳି ସ୍ଥାନ ପାଇଛନ୍ତି ତାହା ବାସ୍ତବିକ ବିରଳ ଓ ଅସାଧାରଣ ମନେ ହୁଏ। ହକିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ କଳିଙ୍ଗ ଷ୍ଟାଡିୟମରେ ସେ ଯେଭଳି ହକି ମହାକୁମ୍ଭର ଆୟୋଜନ କଲେ ସାରା ବିଶ୍ୱ ଏଥିପାଇଁ ନବୀନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ତାଙ୍କ ଶାସନକାଳର ଅନେକ ସଫଳତା ମଧ୍ୟରେ ଓଡ଼ିଆ ଭାଷାକୁ ସରକାରୀ ମାନ୍ୟତା, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଶ୍ରୀମନ୍ଦିର ଚତୁପାର୍ଶ୍ୱର ବିକାଶ ଉଲ୍ଲେଖନୀୟ ଅବଦାନ ବୋଲି କହିବାରେ କୁଣ୍ଠାବୋଧ ରହିବନାହିଁ।

ସମ୍ପାଦକୀୟ
ତାରକ ମହାନ୍ତି



ହେଲେ ଏତେସବୁ ସଫଳତା ସତ୍ତ୍ୱେ ତାଙ୍କ ସାମ୍ନାରେ ଅନେକ ଆହ୍ୱାନ ରହିଛି। 'ମୋ ସରକାର' କାର୍ଯ୍ୟକ୍ରମ ଜରିଆରେ ବର୍ତ୍ତମାନ ତାଙ୍କ ପଦକ୍ଷେପ ଅନେକ ଅସାଧୁ ସରକାରୀ କର୍ମଚାରୀଙ୍କ ଛାତି ଥରାଇ ଦେଇଛି। ବିରୋଧୀ ମାନେ ତାଙ୍କର କାର୍ଯ୍ୟଧାରା ପ୍ରତି ବାରମ୍ବାର ଅଙ୍ଗୁଳି ଉଠାଉଥିଲେ ମଧ୍ୟ ସେଭଳି କିଛି ସଫଳତା ପାଇପାରି ନାହାନ୍ତି। କାରଣ ଯେଉଁ ସମୟରେ ଗୋଟିଏ ବଡ ସମସ୍ୟା ତାଙ୍କ ନିକଟରେ ଉଭା ହୋଇଛି ସେ ତାହାର ସରଳ ଓ ତୁରନ୍ତ ସମାଧାନ କରିବାକୁ ପଛାଇ ନାହାନ୍ତି। କାଳିଆ ଯୋଜନା ହେଉ କି ଖାଦ୍ୟ ସୁରକ୍ଷା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହଜ ହୋଇନଥିଲେ ବି ଏ କ୍ଷେତ୍ରରେ ସେ ପଛାଇ ଯାଇନାହାନ୍ତି। ମହାତ୍ମା ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସମ୍ବିଧାନର ପ୍ରସ୍ତାବନା ବା ମୁଖବନ୍ଧରେ ଅହିଂସା ସ୍ଥାନିତ କରିବା ନେଇ ନବୀନଙ୍କ ଆହ୍ୱାନ ଏବେ ତମାମ ଦେଶରେ ଆଲୋଡନ ସୃଷ୍ଟି କରିଛି। ଅହିଂସାକୁ ନେଇ ନବୀନ ଓଡ଼ିଶାରୁ ଯେଉଁ ଆନ୍ଦୋଳନ ଆରମ୍ଭ କରିଥିଲେ ଏହା ଏକ ବୌଦ୍ଧିକ ଆନ୍ଦୋଳନ ନିଶ୍ଚୟ ଏବଂ ଏହାର ପ୍ରଭାବ କେନ୍ଦ୍ର ସରକାର ଶୁଣିବାକୁ ବାଧ୍ୟ। ଏଭଳି ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଓ ଅପରାଜେୟ ନେତାଙ୍କୁ ବାଦ୍ ଦେଇ ଜାତୀୟ ରାଜନୀତି କେବେ ଆଗକୁ ବଢ଼ିପାରିବ ନାହିଁ। ଓଡ଼ିଆ ଜନଜୀବନରେ ନବୀନ ପଟ୍ଟନାୟକ ଜଣେ ଯୁଗପୁରୁଷ ଭାବେ ନିଜର ଖ୍ୟାତି ବଢ଼ାଇ ଚାଲିଥିଲା ବେଳେ ତାଙ୍କର ଗତିରୋଧ କଲା ଭଳି କୌଣସି ଓଡ଼ିଆ ନେତା ସକ୍ଷମ ହେବା ଅସମ୍ଭବ। ତ୍ୟାଗପୁତ କର୍ମ ସମ୍ପାଦନ ସହିତ ସେ ଓଡ଼ିଶାକୁ ନୂତନ ଦିଗ୍‌ଦର୍ଶନ ଦେଇ ଯେଭଳି ଅନୁପ୍ରେରିତ କରୁଛନ୍ତି ତାହା ଅତୁଳନୀୟ। ଅକ୍ଟୋବର ୧୬ ତାରିଖ ନବୀନଙ୍କ ଜନ୍ମଦିନ। କ୍ରମାଗତ ଭାବେ ୫ଥର କ୍ଷମତାରେ ରହି ବି ଦୁର୍ନୀତି, ପ୍ରିୟାପ୍ରୀତି ଓ ପାତରଅନ୍ତର ଭଳି ରାଜନୀତି ସେ କରିନାହାନ୍ତି। ଲୋକଙ୍କୁ ଭଲପାଇବା ଓ ସାଧାରଣ ଲୋକଙ୍କ ପାଇଁ ସେବା ମନୋଭାବ ରଖି ତାଙ୍କର କାର୍ଯ୍ୟଧାରା ଯେଭଳି ସ୍ୱଚ୍ଛ ସେଭଳି କଳଙ୍କହୀନ। ଜାତୀୟ ସ୍ତରରେ ନବୀନଙ୍କୁ ଉପେକ୍ଷା କରି କୌଣସି କାର୍ଯ୍ୟକ୍ରମ ଏଯାବତ୍ ହୋଇନାହିଁ। ବିରୋଧୀମାନେ ନବୀନଙ୍କ ଶାସନକୁ ନିର୍ବାଚନ ସର୍ବସ୍ୱ କହୁଥିଲା ବେଳେ ନବୀନଙ୍କ ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର ଓ ତାଙ୍କ ଚିନ୍ତାଧାରା ବାସ୍ତବଧର୍ମୀ। ଶାସନ କ୍ଷମତାରେ ଥାଇ ଅହଂକାର ବର୍ଜନ କରିବା ସହିତ ସରଳ ଜୀବନ ଯାପନ କରିବା ପାଇଁ ସେ ତାଙ୍କ ଦଳର ସମସ୍ତଙ୍କୁ ବାରମ୍ବାର ଉପଦେଶ ଦେବା ସହିତ ସାଧାରଣ ମଣିଷ ହୋଇ ବଞ୍ଚିବାକୁ ପରାମର୍ଶ ଦିଅନ୍ତି। କୋଟି ଜନଜୀବନର ନେତା ଭାବେ ନିଜର ପରିଚୟ ସୃଷ୍ଟି କରିଥିବା ନବୀନ ବାବୁଙ୍କ ନେତୃତ୍ୱ ଏ ରାଜ୍ୟକୁ ସଙ୍କଟରୁ ମୁକ୍ତି ଦେବା ସହିତ ବିକାଶ ପଥରେ ଆଗେଇ ନେଇଛି ଏହାକୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ। ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ତାଙ୍କ ସହ ରହିଛି ଓ ରହିଥିବ। ଓଡ଼ିଆ ସ୍ୱାଭିମାନ ଓ ଗୌରବର ପ୍ରତୀକ ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ତାଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରୋଚକ ରାଜନୀତିରେ ଲେମ୍ବୁ, ଓଁ ଓ ରାଫେଲ୍



ଡାକ୍ତର ନୀଳମାଧବ ପୃଷ୍ଟି

ଚଳିତ ବିଜୟା ଦଶମୀ ଦଶହରାରେ ଭାରତ ତା ପାରମ୍ପରିକ ସନାତନ ସଂସ୍କୃତିର ନିଦର୍ଶନ ପ୍ରମାଣିତ କରିଛି ବିଦେଶରେ। ନିକଟରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଦୃଢ଼ ଭାରତୀୟତାର ନେତୃତ୍ୱକୁ ପରିପ୍ରକାଶ କରିବାକୁ ଯାଇ ନିଜ ଦେଶପ୍ରୀତିର ଜ୍ୱଳନ୍ତ ନମୁନା ପ୍ରଦର୍ଶନ କରିଛନ୍ତି। ଫ୍ରାନ୍ସର ବନ୍ଦର ସହର ବୋରୋଡ୍ୟୁକ୍ସରେ ଫ୍ରାନ୍ସ ନିର୍ମିତ ଯୁଦ୍ଧ ବିମାନ ରାଫେଲକୁ ଗ୍ରହଣ କରିଛନ୍ତି। ଏହି ବିମାନକୁ ଗ୍ରହଣ କରିବା ଓ ଭାରତକୁ ଆଣିବା ସମୟରେ ନିଜ ଦେଶପ୍ରୀତି ଓ ଅଖଣ୍ଡ ଭାରତୀୟତାର ମହାମନ୍ତ୍ରକୁ ସମଗ୍ର ବିଶ୍ୱ ସାମ୍ନାରେ ପରିପ୍ରକାଶ କରିବା ପାଇଁ ସାମାନ୍ୟ କୁଣ୍ଠାବୋଧ ପ୍ରକାଶ କରିନାହାଁନ୍ତି ତାଙ୍କର ଏହି କାର୍ଯ୍ୟଟି ତମାମ ଭାରତୀୟଙ୍କ ହୃଦୟଙ୍କ ଭିତରେ ଜ୍ୱଳନ୍ତ ଦେଶପ୍ରେମର ଭାବନାର ହୃଦୟକୁ ଛୁଇଁଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେକି ଭାରତ ସ୍ୱାଧୀନ ହେବାର ସେହି ସ୍ମରଣୀୟ ମଧ୍ୟରାତ୍ରରେ ରାଷ୍ଟ୍ରକୁ ସମ୍ବୋଧନ କରୁଥିବାବେଳେ ବିଦେଶରେ ଉଚ୍ଚଶିକ୍ଷା ପାଇଥିବା ତତ୍କାଳୀନ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ନିଜକୁ 'ଆକ୍ସିଡେଣ୍ଟାଲ ହିନ୍ଦୁ' ବୋଲି ମତବ୍ୟକ୍ତ କରିଥିଲେ। ଅର୍ଥ ନିଜକୁ ହିନ୍ଦୁ ବୋଲି କହିବା ପାଇଁ ସମ୍ଭବତଃ ତାଙ୍କ ନିକଟରେ ସାହସ, ଦୃଢ଼ତା ଓ ସାମର୍ଥ୍ୟର ଅଭାବ ଥିଲା। ଏଠାରେ ଶୁଦ୍ଧି ପାଠକବୃନ୍ଦଙ୍କୁ ଏହି ଲେଖକ ମନେପକାଇ ଦେବାପାଇଁ ଚାହୁଁଛି ଯେ ନରସିଂହ ରାଓ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ପର୍ତ୍ତୁଗାଲ ଗସ୍ତ କରିଥିଲେ। ସେ ସମୟରେ ସେଠାରେ ସ୍ଥାନୀୟ ଭାରତୀୟ ହିନ୍ଦୁ ଧର୍ମାବଲମ୍ବୀମାନେ ଏକ ନବ ନିର୍ମିତ ମନ୍ଦିର ନିର୍ମାଣ କରିଥିଲେ ଏବଂ ସେମାନଙ୍କ ବଡ଼ ସ୍ୱପ୍ନ ଓ ଇଛା ଥିଲା ଭାରତର ପ୍ରଧାନମନ୍ତ୍ରୀଙ୍କ ହାତରେ ଏହାର ଉଦ୍‌ଘାଟନ ହେବା ପାଇଁ। କିନ୍ତୁ ସେ ସମୟର ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏକ ଧର୍ମନିରେପକ୍ଷ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ହୋଇଥିବାରୁ ମନ୍ଦିର ଉଦ୍‌ଘାଟନ କରି ପାରିବେ ନାହିଁ ବୋଲି ଆୟୋଜକ ମାନଙ୍କୁ ଜଣାଇ ଦେଇଥିଲେ। ବର୍ତ୍ତମାନର ସମୟ ସମ୍ପୂର୍ଣ୍ଣ ରୂପେ ଅଲଗା ହୋଇଯାଇଛି। ସମଗ୍ର ବିଶ୍ୱ ଦରବାରରେ ଭାରତର ଦୃଢ଼ ଲୋକନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଓ ମଜଭୁତ୍ ସରକାର ପ୍ରତିଷ୍ଠିତ ହୋଇଛି। ସମଗ୍ର ବିଶ୍ୱରେ ଜଣେ ଅଦ୍ୱିତୀୟ ନେତା ଭାବେ ମୋଦି ପରିଚିତ ହେବା ସହ ସମଗ୍ର ବିଶ୍ୱରେ ଭାରତର ଦବ୍‌ଦବା, ପ୍ରଭାବ ଓ ପ୍ରତିଷ୍ଠାକୁ ବଢ଼ାଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିଦେଶ ଗସ୍ତରେ ଯାଉଥିବାବେଳେ କେବଳ ହିନ୍ଦୁ ମନ୍ଦିର ନୁହେଁ ଅନ୍ୟ ଧର୍ମାବଲମ୍ବୀଙ୍କ ପୀଠକୁ ମଧ୍ୟ ଗସ୍ତ କରୁଛନ୍ତି ଦର୍ଶନ ଲାଭ କରି ଦେଶ ପାଇଁ ଆଶୀର୍ବାଦ ଭିକ୍ଷା କରୁଛନ୍ତି। ବର୍ତ୍ତମାନର ସମୟ ଯାହା ଭାରତୀୟତାକୁ ନେଇ ସମସ୍ତଙ୍କ ସାମ୍ନାରେ ପରିଚୟ ଦେବାକୁ ଭାରତୀୟ ନେତାମାନେ ତିଳେମାତ୍ର କୁଣ୍ଠବୋଧ କରୁନାହାଁନ୍ତି। ଯାହାର ବଳିଷ୍ଠ ପ୍ରମାଣ ହେଉଛନ୍ତି ରାଜନାଥ ସିଂହ। ଆମେ ଆଲୋଚନା କରୁଥିବା ଇଏ ସେଇ କଂଗ୍ରେସ ଦଳ ଯେଉଁମାନେ ଓମ୍ ବା ଦେବାଦେବୀଙ୍କ ଆରାଧନା ବଦଳରେ ବୋଫରସ୍‌ର କୁଖ୍ୟାତ କ୍ୱାଟ୍ରୁର୍‌ଚି ଅଙ୍କଲଙ୍କ ଦର୍ଶନ କରିବା ସହ ତାଙ୍କ ନାମ ଜପିବାକୁ ମଧ୍ୟ ଭଲ ପାଆନ୍ତି।

ଭାରତର ସେନାବାହିନୀ ଓ ଦେଶର ଅଖଣ୍ଡ ସୁରକ୍ଷା ପାଇଁ ରାଫେଲ ବିମାନ ଅପରିହାର୍ଯ୍ୟ ହୋଇଥିବାବେଳେ କଂଗ୍ରେସ ଦଳ ଅତି ନିମ୍ନସ୍ତରକୁ ଯାଇ ଏ ମାମଲା ସୁପ୍ରିମକୋର୍ଟରେ ପହଞ୍ଚାଇଥିଲା। ସୂଚନାଥାଉକି ଭାରତ ଓ ଫ୍ରାନ୍ସ ଭିତରେ ସେପ୍ଟେମ୍ବର ୨୩, ୨୦୧୬ରେ ୩୬ଟି ରାଫେଲ ବିମାନ ପାଇଁ ଚୁକ୍ତି ହୋଇଥିଲା। ଗତ ବିଜୟା ଦଶମୀ ମଙ୍ଗଳବାର ଥିଲା ଏବଂ ଏହି ଦିନ ଥିଲା ଦଶହରା ଯାହାକି ଏକ ଶୁଭ ଦିବସ ଭାବେ ବିବେଚନା କରାଯାଏ। ଭାରତରେ ଏହି ଦିନରେ ଲୋକମାନେ ନିଜ ଗାଡ଼ି, ଅସ୍ତ୍ରଶସ୍ତ୍ର ପୂଜା ପାଠ କରିଥାନ୍ତି। ଘରକୁ ନୂଆ ଜିନିଷଟିଏ ଆଣିଲେ ଯେପରି ପୂଜା କରାଯାଏ ସେହିପରି ଫ୍ରାନ୍ସରୁ ରାଫେଲ ଆଣିବା ସମୟରେ ନିଜ ଭାରତୀୟତା ଓ ଦେଶପ୍ରୀତି ସହ ଅକ୍ଷୁର୍ଣ୍ଣ ପରମ୍ପରାକୁ ଅଣଦେଖା କରିନାହାଁନ୍ତି ରାଜନାଥ ମହୋଦୟ। ପୂର୍ବରୁ ଦେଶର ଅନେକ ନେତା ରାଷ୍ଟ୍ର ବାହାରେ ନିଜ ପରମ୍ପରାକୁ ଉଲ୍ଲେଖ କରିବାରେ କୁଣ୍ଠାବୋଧ ପ୍ରକାଶ କରନ୍ତି। ସମ୍ଭବତଃ ଭୋଟ ରାଜନୀତି ସେମାନଙ୍କୁ ବିଚଳିତ କରିଥାଏ। ଦେଶ ଓ ଦେଶର ସଂସ୍କୃତି ପରମ୍ପରାକୁ ନେଇ ପ୍ରତିଟି ଭାରତୀୟ ଗର୍ବିତ ହେବା ଉଚିତ। ନିଜେ ପ୍ରତିରକ୍ଷା ମନ୍ତ୍ରୀ ରାଫେଲ ବିମାନର ଚକତଳେ ଲେମ୍ବୁ ଥୋଇଥିଲେ, ବିମାନ ଉପରେ ଶ୍ରୀଫଳ ନଡ଼ିଆ ରହିଥିଲା ଓ ବିମାନ ସିନ୍ଦୁରରେ ଓଁ ଲେଖିଥିଲେ ରାଜନାଥ ମହୋଦୟ। ତେବେ କଂଗ୍ରେସ ଏହି ପ୍ରସଙ୍ଗରେ ଦୁଇଫାଳ ହୋଇଯାଇଛି। ଅଭିଶେକ ମନୁସିଂଗଭିଙ୍କ ପରି ଟାଣୁଆ ନେତାମାନେ ଏହା ଭାରତୀୟ ପରମ୍ପରା ଏବଂ ଏ ପ୍ରସଙ୍ଗରେ କୌଣସି ରାଜନୀତି ରହିବା ଅନୁଚିତ ବୋଲି ମତ ଦେବାପରେ କଂଗ୍ରେସ ନିଜ ଦଳରୁ ଉପହସିତ ହୋଇଛି। ଇଏ ସେହି କଂଗ୍ରେସ ଦଳ ଯେଉଁମାନେ କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଥିବା ଗୁରୁତର ଅଭିଯୋଗ ଆଣି ବ୍ରିଟେନର ଲେବର ପାର୍ଟି ମୁଖ୍ୟ ଜେରେମି କୋର୍ବିନଙ୍କୁ ସାକ୍ଷାତ କରିଛନ୍ତି। ବ୍ରିଟେନର ଏହି ନେତା କାଶ୍ମୀର ପ୍ରସଙ୍ଗରେ ସମଗ୍ର ବିଶ୍ୱ ସମାଜରେ ଭାରତର କାଶ୍ମୀର ନୀତିକୁ ନେଇ ବିଭ୍ରାନ୍ତକର ମତ ଦେଉଛନ୍ତି। ସେହିଭଳି ଚୀନର ଡୋକ୍‌ଲାମ ଅନୁପ୍ରେବଶ ସମୟରେ କଂଗ୍ରେସ ଦଳର ସେ ସମୟର ମୁଖିଆ ରାହୁଲଗାନ୍ଧୀ ଚୀନର ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା କରିଥିଲେ। ଦେଶଦ୍ରୋହର ଓ ରାଷ୍ଟ୍ରବାଦର ବଡ଼ ଅପମାନ ଏହି କଂଗ୍ରେସ ଦଳ ହିଁ କରୁଛି। କାରଣ ସେମାନଙ୍କ ବୁନିଆଦି ଓ ଉ□ାନର ଚେର ବର୍ତ୍ତମାନର ଗାନ୍ଧୀ ପିଢ଼ି ପାଇଁ ଇଟାଲୀରୁ ହିଁ ଆସିଛି। ଭାରତର ବିକାଶ ପ୍ରସଙ୍ଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦେଶର ଅଖଣ୍ଡତା, ଦେଶପ୍ରୀତି ଓ ଅଖଣ୍ଡ ଭାରତ ପାଇଁ ବଳୀଦାନ। ଆଜି ପ୍ରତିଟି ଭାରତୀୟ ଜାମ୍ମୁ-କାଶ୍ମୀର ପ୍ରସଙ୍ଗରେ ଦେଶ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକଜୁଟ ହୋଇ ନୈତିକ ସମର୍ଥନ ଦେଉଛନ୍ତି କିନ୍ତୁ ଦୁର୍ଭାଗ୍ୟର ପ୍ରସଙ୍ଗ ଗୃହ ଶତ୍ରୁ ବିଭୀଷଣ ପରି କଂଗ୍ରେସ ପାକିସ୍ଥାନର ପ୍ରବକ୍ତାପରି ଏବଂ ପାକିସ୍ତାନକୁ ସୁହାଇବାପରି ନିୟମିତ ଭାବରେ ମନ୍ତବ୍ୟ ଦେଉଛି। ଏହାଠାରୁ ଦୁର୍ଭାଗ୍ୟର ପ୍ରସଙ୍ଗ ଆଉ କ'ଣ ଥାଇପାରେ? କଂଗ୍ରେସ ଦଳ ପାଇଁ କିଛି ରାଜ୍ୟରେ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ତାଙ୍କର ତଥାକଥିତ ଯୁବରାଜ ବିଦେଶ ବୁଲିବା ପାଇଁ ଯାଉଛନ୍ତି। ତାଙ୍କ ବ୍ୟକ୍ତିଗତ ଭ୍ରମଣକୁ ନେଇ ଏହି ଲେଖକ ପ୍ରଶ୍ନ ଉଠାଉନାହିଁ କିନ୍ତୁ ନିୟମିତ ବ୍ୟବଧାନରେ ଭାରତରୁ ଅନ୍ତର୍ଦ୍ଧାନ ହୋଇଯାଉଥିବା ଏହି ଯୁବରାଜ ବିଦେଶରେ କ'ଣ କରନ୍ତି ତାହା ଦୟାପୂର୍ବକ ଦେଶବାସୀଙ୍କୁ ଜଣାଇବେ କି? ଦେଶକୁ ଜାତିକୁ ନେଇ ଯେଉଁମାନେ ଅପମାନିତ କରିପାରନ୍ତି ସେମାନଙ୍କର ତିଳେମାତ୍ର ନୈତିକତା ନାହିଁ ନିଜକୁ ଭାରତୀୟ କହିବାରେ। ଆଜି ଆମେ ପ୍ରତିଟି ଭାରତୀୟ ଗର୍ବିତ ଯେ ଏପରି ଏକ ଅଖଣ୍ଡ ଭାରତ ଦେଶର ଆମେ ଗର୍ବିତ ନାଗରିକ। ଆମ ନେତୃତ୍ୱର ସୁଦୃଢ଼ ଆଉ ଦେଶ ମଧ୍ୟ ସମଗ୍ର ବିଶ୍ୱ ଦରବାରରେ ଏକ ବେଗମାନ ଅଶ୍ୱ ପରି ପ୍ରଗତିର ଶୀର୍ଷସ୍ତରର ଅଖଣ୍ଡ ଭାରତ।

ପାଣିକୋଇଲି, ଯାଜପୁର
ଦୂରଭାଷ : ୯୪୩୯୪୮୨୫୨୬

# ଓଡ଼ିଆ ପର୍ବ ଓ କାର୍ତ୍ତିକ ମାହାତ୍ମ୍ୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ନିଜର ବିଶ୍ୱାସ ସହିତ ଏହି ମାସରେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଯାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ ଆଚରଣ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ପାଳନ କରାଯାଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧାତ୍ମିକ ଧାରଣା ଆସେ ଯେ, ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି। କାର୍ତ୍ତିକ ମାସରେ ଥିବା ସମସତ ଧର୍ମ ବା ରୀତିନୀତିକୁ କଠୋର ଭାବରେ ପାଳନ କରିବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ। ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି। ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି। ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି। ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ। ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି। କାର୍ତ୍ତିକ ମାସରେ ଜଳ ପୃଥିବୀ ପୃଷ୍ଠକୁ ଅଧିକ ଚୁମ୍ବକୀୟ ଶକ୍ତି ସଂଗ୍ରହ କରିଥାଏ। ଏହା ସୂର୍ଯ୍ୟୋଦୟ ଆଗରୁ ଘଟେ ବୋଲି କେତେକ ବୈଜ୍ଞାନିକ କାରଣ ରହିଛି। ଫଳତଃ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ଆଗରୁ ସ୍ନାନ କରିବା ବିଧେୟ। ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରେ। ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ।

କାର୍ତ୍ତିକ ମାସରେ ଦେବ ମନ୍ଦିର ପ୍ରାଙ୍ଗଣରେ 'ସପ୍ତା' ବସି ଭାଗବତ ପାଠ ମଧ୍ୟ ଲୋପ ପାଇବାକୁ ବସିଲାଣି। ସାତଦିନ ଧରି ଏ ଉତ୍ସବ ଚାଲେ। ନଡ଼ିଆ ପତ୍ର ଘେରା ଆବଦ୍ଧ ସ୍ଥାନ ମଧ୍ୟରେ ଗୋଟିଏ କଣକୁ ବର୍ଗାକାର ଗର୍ତ୍ତଟିଏ ଖୋଳାଯାଏ। ଦିବାରାତ୍ରି, ସେଠାରେ ଧୁନି ଲାଗିଥାଏ। ବକ୍ତା ବା ପୂଜକ ଭାଗବତ ପାଠ କରନ୍ତି। ଗ୍ରାମ ମଧ୍ୟରୁ ଜଣେ ଧର୍ମପରାୟଣ ମୁଖ୍ୟ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି। ସେ ଶ୍ରୋତାର କାମ କରନ୍ତି। ଗୋଟିଏ ବେଳା ପ୍ରସାଦ ସେବନ। ସାତଦିନ ପର୍ଯ୍ୟନ୍ତ ଏହା ଚାଲେ। ଉଦ୍‌ଯାପନ ଦିବସରେ ଗ୍ରାମବାସୀମାନଙ୍କ ପକ୍ଷରୁ ଚାନ୍ଦା ସଂଗୃହୀତ ହୋଇ ସମସ୍ତଙ୍କୁ ପଂକ୍ତି ଭୋଜନରେ ଅପ୍ୟାୟିତ କରାଯାଏ। କାର୍ତ୍ତିକ ମାସର ପୂର୍ଣ୍ଣାହୁତି ପର୍ବ କାର୍ତ୍ତିକ ପୂର୍ଣ୍ଣିମା। ମାସଟିଯାକର ଅନ୍ତିମ ଦିନ। ସତର୍କତା ସହ ଶୁଦ୍ଧପୁତ ଭାବରେ ଉକ୍ତ ଦିନଟି ପାଳନ କରାଯାଏ ଆବାଳ ବୃଦ୍ଧ ବନିତାଙ୍କ ଉପାସ୍ୟ ଆଶୁତୋଷଙ୍କ ପୂଜାରେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଅଗଣିତ ଭକ୍ତ ଓ ଆଶ୍ରିତ ମାନଙ୍କ ଏହି ମାସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ଓ ପ୍ରାସଙ୍ଗିକ ନେଇ ବିଭିନ୍ନ ସମୟରେ ମାର୍ଗ ଦର୍ଶନ କରିଛନ୍ତି ଯାହାକି ସାମ୍ପ୍ରତିକ ସମାଜ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ।

କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ। କାରଣ ଏହି ମାସରେ ବିଷ୍ଣୁଙ୍କର ଆରାଧନା କରାଯାଇଥାଏ। ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି। କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ। ଉଭୟ ଦେବତାଙ୍କର ଏହା ଅତି ପ୍ରିୟ ମାସ। ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ। ଦୀପାବଳି ସହ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୁଏ। ଦଶହରାରେ ମା' ଆଦ୍ୟାଶକ୍ତି ଦୁର୍ଗାଙ୍କର, କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କର ଏବଂ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରାଯାଇଥାଏ। ନିଜେ ଅଜ୍ଞାନ ଅନ୍ଧକାରରୁ ଆଲୋକମୟ ପରିବେଶକୁ ଆସିବା ଲାଗି ପିତୃପୁରୁଷ ତଥା ମାମୁଘରର ପୂଜା ଏ ମାସର ବୈଶିଷ୍ଟ୍ୟ। ତେଣୁ ଧର୍ମଶାସ୍ତ୍ର ପ୍ରମାଣ ଦେଇଛନ୍ତି, ଉକ୍ତ ମାସରେ ଆମିଷ ଭକ୍ଷଣ ମଧ୍ୟ ନିଷିଦ୍ଧ। ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ। ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ। କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ। ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ୍, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପଡ଼ିଥାଏ। ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି। କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ। ଧର୍ମଶାସ୍ତ୍ରରେ ସବୁଠାରୁ ପୁଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ। ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ। କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ। ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ। କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ।

ସହ-ପ୍ରତିରକ୍ଷିକ, ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

### ଦାନମ୍

ଯେତେବେଳେ ଆମେ ଦାନର କଥା କହୁ ସେତେବେଳେ ସାଧାରଣତଃ ସମସ୍ତେ ବୁଝନ୍ତି ଯେ କିଛି ଟଙ୍କା ପଇସା ଦେବା ଦାନ ଅଟେ। ପରନ୍ତୁ ଦାନ ହେଉଛି ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ତୈତିରୀୟ ଉପନିଷଦର ପ୍ରଥମ ବଲ୍ଲୀର ନବମ ଅନୁବକ୍‌ରେ ଦାନର ସୂକ୍ଷ୍ମସ୍ୱରୂପ ଉପରେ କୁହାଯାଇଛି। ଋତମ୍‌ଚ,.. ସ୍ୱାଧ୍ୟୟ ଚ, ... ସତ୍ୟମ୍‌ଚ... ତପଶ୍ଚ... ଅଗ୍ନୟଶ୍ଚ... ଅଗ୍ନିହୋତ୍ରମ୍ ଚ... ଅତିଥିୟଶ୍ଚ ... ଇତ୍ୟାଦି। ତାତ୍ପର୍ଯ୍ୟ ହେଲା ସମାଜର ଆଚାର ବିଚାରର ପାଳନ, ସତ୍ୟ, ତପ, ଶମ, ଦମ, ଅଗ୍ନିହୋତ୍ର, ଅତିଥି ସତ୍କାର, ସ୍ତ୍ରୀ ମାନଙ୍କ ସମ୍ମାନ କରିବା, କୁଟମ୍ବର ପାଳନ କରିବା ଦାନ ଅଟେ ଏବଂ ସମାଜରେ ଉତ୍ତମ କର୍ମ କରିବାକୁ ପ୍ରେରଣା ଦେବା ଓ ଯେଉଁମାନେ ସମାଜ ସେବା କାମ କରୁଛନ୍ତି ସେମାନଙ୍କୁ ସ୍ୱୀକୃତି ଦେବାକୁ ମଧ୍ୟ ଦାନ କହିବା। ଆକାଶ ଶରୀରଂ ବ୍ରହ୍ମ - ଆକାଶକୁ ବ୍ରହ୍ମଙ୍କର ଶରୀର କୁହାଯାଏ। ତେଣୁ ସମଗ୍ର ସୃଷ୍ଟି ବ୍ରହ୍ମରେ ବ୍ୟାପୃତ। ଯଦି ଆମେ ଅନ୍ୟମାନଙ୍କ ପାଇଁ ଭଲ ବିଚାର କରିପାରିବା ତେବେ ତାହା ଦାନ ଅଟେ। ତୈତିରୀୟ ଉପନିଷଦରେ ଏହା ମଧ୍ୟ କୁହାଯାଇଛି ଯେ, ବାଣୀର ସଂଯମତା ରକ୍ଷା କରିବାକୁ ବି ଦାନ କୁହାଯାଏ।

କଳିଯୁଗରେ ଅନଦାନକୁ ଶ୍ରେଷ୍ଠ କୁହାଯାଇଛି। 'ଅନ୍ନମ ବ୍ରହେତି ବ୍ୟଜନାତ'। ଅନ୍ୟ ବ୍ରହ୍ମ ଅଟେ। ଅନ୍ନରେ ଜୀବନ ଚାଳିଛି। ଅନ୍ନରେ ସୃଷ୍ଟି ଚାଲିଛି। ତେଣୁ ଅନ୍ନଦାନ ହେଉଛି ସବୁଠାରୁ ମହାନଦାନ। ଯଦି ଅନ୍ନଦାନ ନ କରି ପାରୁଛେ କୌଣସି କଥାନାହିଁ। ମାତ୍ର କେହି ଅନ୍ନଦାନ କଲେ ତା'ର ଅନାଦର କରିବା ଉଚିତ ନୁହେଁ। ଦାନ ଶ୍ରଦ୍ଧା ପୂର୍ବକ କରିବା ଦରକାର। ପ୍ରେମର ସହ ଦାନ କର କିନ୍ତୁ ଧିକ୍କାର କରି କରନାହିଁ। ବିନମ୍ରତାର ସହ ଦାନ କରିବା ଉଚିତ। ନିଜର ସାମର୍ଥ୍ୟ ଅନୁସାରେ ସୁପାତ୍ରରେ କରିବା ଦରକାର। ଦାନ ନେଉଥିବା ବ୍ୟକ୍ତିର ଆଭାର ସାଜିବା ଉଚିତ କାରଣ ସେହି ବ୍ୟକ୍ତି ତୁମ ପୂଣ୍ୟ ପ୍ରାପ୍ତିର ନିମିତ୍ତ ଅଟେ। ଦାନ, ଦୟା, ଦମ



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ
ଦୈବୀ ସମ୍ପଦା
ଅନୁବାଦ- ଉପାଲୀ ଦାଶ



ଏହି ତିନୋଟିର ତ୍ରିବେଣୀ ସଙ୍ଗମରେ ସ୍ନାନ କରିବା କଳିଯୁଗରେ ମାନବ ଜନ୍ମର ସାର୍ଥକତା କହିବା। ମନୁଷ୍ୟକୁ ଦାନ କରବାର ଗୁଣ ତ୍ୟାଗ କରିବା ଉଚିତ ନୁହେଁ। ଏହି ଗୁଣ ହୃଦୟକୁ ପବିତ୍ର କରିଥାଏ। ଜଣେ କହି ଗୋଟିଏ ସୁନ୍ଦର କଥା କହିଥିଲେ ଯେ, ଯିଏ ଦାନ କରିଥାଏ ସେ ବାଦଲ ପରି, ଯେ ଦାନ ନେଇଥାଏ ସେ ସମୁଦ୍ର ପରି। ଦେବା ବାଲା ଉପରେ ରହିଥାଏ ନେବା ବାଲା ତଳେ କିନ୍ତୁ ଦୁହେଁ ମହାନ ଅଟନ୍ତି। ସମଗ୍ର ମାନବ ସମାଜ କିଛି ନା କିଛି ସ୍ନେହ, ସୌଜନ୍ୟତାର ଦାନରେ ପରିଚାଳିତ। ଯଦି ସମାଜରେ ଦାନର ମହିମା ବିଲୁପ୍ତ ହୋଇଯାଏ ତେବେ ସମାଜର ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥାଏ। ଗୁରୁ ବିଦ୍ୟାଦାନ, ମାତା,ପିତା ଜୀବନଦାନ, ସୂର୍ଯ୍ୟ ପ୍ରକାଶ ଦାନ, ପ୍ରକୃତି ଫୁଲ, ଫଳ, ଅନ୍ନ, ପନିପରିବା, ଔଷଧ ଇତ୍ୟାଦି ନିତ୍ୟ ନିୟଜିତ ଦାନ କରିଚାଲିଛନ୍ତି। ଯଦି ସମସ୍ତେ ଦାନ କରିବାର ପ୍ରବୃତ୍ତି ଛାଡିଦେବେ ତେବେ ସୃଷ୍ଟି କ'ଣ ଦଶା ହେବ ଭାବନ୍ତୁ ତ?

ସମଗ୍ର ଜଗତ ଏକ ଆତ୍ମସତ୍ତାରେ ବ୍ୟାପୃକ୍ତ ତେଣୁ ଦାନ ଦେବା ବାଲା ଆଉ ନେବା ବାଲା ମଧ୍ୟରେ କୌଣସି ଭେଦ ନାହିଁ। ମାତ୍ର ଆମେ ଅଜ୍ଞାନ ବଶତଃ ମୁଁ ଦାନ ଦେଉଛିର ଅହଂକାରକୁ ପୋଷଣ କରୁଛେ। ଇତିହାସରେ ଅନେକ ଦାନବୀରଙ୍କ କଥା ଉଲ୍ଲେଖ ଅଛି। ଗୁଜୁରାଟର ବୀରପୁରରେ ଜଲାରାମ ବାପାଙ୍କ ମନ୍ଦିର ରହିଛି। ଯେଉଁଠାରେ ଲେଖାଅଛି ବର୍ତ୍ତମାନ ମନ୍ଦିରରେ ଅତ୍ୟଧିକ ଧନ ଏକତ୍ରିତ ହୋଇଗଲାଣି ଏବେ କୌଣସି ବ୍ୟକ୍ତି ଦାନ ନ ଦେବାକୁ ଅନୁରୋଧ। ଏକଥାକୁ ସେମାନେ ମଧ୍ୟ ଖବର କାଗଜରେ ବାହାର କରି ସମସ୍ତ ଲୋକଙ୍କୁ ଜଣାଇ ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ମଧ୍ୟ ସେ ମନ୍ଦିରକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ନିଶୁଳ୍କ ଆବାସ ବ୍ୟବସ୍ଥା ସହିତ ଭୋଜନର ବ୍ୟବସ୍ଥା ଲାଗି ରହିଛି। କହିବାର ଅର୍ଥ କେବଳ ଦାନ ଦେବା ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଛି। ଦିନେ ଏହି ଜଲାରାମ ବାପାଙ୍କ ପାଖରେ କୌଣସି ଧନ ନଥିଲା। କିନ୍ତୁ ସେ ସାଧୁସନ୍ଥଙ୍କ ସେବା ଓ ଭୋକିଲା ଲୋକଙ୍କୁ ଅନ୍ନଦାନ କରିବାକୁ କେବେବି ପଛାଉ ନଥିଲେ। ଏହାହିଁ ହେଉଛି ଦାନର ମହିମା।

(କ୍ରମଶଃ)

# ଫୁଙ୍ଗୁଲା ଛାତି

ଡକ୍ଟର ନରେନ୍ଦ୍ର ସେଠୀ



ଏଇ ଗପଟି ସେଇ ଲୋକଟିର ବିଷୟରେ ଯାହା ସହ ମୋର ଅନେକ ବର୍ଷ ତଳେ ଦେଖା ହୋଇଥିଲା। ତାକୁ କେବେ ମୁଁ ଆଗରୁ ଦେଖି ନଥିଲି। ଚିହ୍ନିବାର ପ୍ରଶ୍ନ ଉଠୁନଥିଲା। ଲୋକଟିର ନାମ କି ଠିକଣା ଦରକାର ନଥିବାରୁ ମୁଁ ତାକୁ ଅନେକ ଦିନ ପର୍ଯ୍ୟନ୍ତ ମନେ ମଧ୍ୟ ରଖି ନଥିଲି। ସେ ଲୋକଟି ହଠାତ ଦିନେ ଆସି ମୋ ଘରେ ପହଞ୍ଚିଲା। ଧଡ ଧଡ କରି ଗେଟ ବାଡେଇଲା। ଘରେ କେହି ନଥିଲେ। ଅସୀମା କିଟି ପାର୍ଟିରେ ଯାଇଥିଲେ। ପିଲାମାନେ ଯିଏ ଯୁଆଡେ ଖଣିହ ଉଡା ଦେଇ ବୁଲୁଥିଲେ। ମୁଁ ଧଡପଡ ହେଇ ଗେଟ ପାଖକୁ ଗଲି। ସେ ମୋତେ କଟମଟ କରି ଅନାଉ ଥାଏ। ମୁଁ ଚାହୁଁଥିଲି ସେ ପଳେଇଯାଉ। ମୋତେ ଜମାରୁ ତା ବାଗ ଢଙ୍ଗ ଭଲ ଲାଗୁନଥିଲା। ତୁମେ ସନାତନ ସାହୁ ପୁଅ। ସେ ମୋତେ ପଚାରିଲା। ମୁଁ କିଛି ନକହି ତାକୁ ଅବହେଳା କଲି। ସେ ମାନିଲାନି। ସେ ଗେଟ ସେପଟେ। ମୁଁ ଗେଟ ଏପଟେ। ତାକୁ ଘର ଭିତରକୁ ଡାକିବା ଠିକ ହେବନି ଭାବି ମୁଁ କହିଲି ହଁ.. କଣ ହେଲା କୁହ। ତା' ଆଖି ଦୁଇଟି କାର ହେଡଲାଇଟି ପରି ଝଲସି ଉଠିଲା। ସେ ମୋତେ ବଲ ବଲ କରି ଅନେଇଲା। ଖଣ୍ଡେ କାଗଜ ବଢ଼େଇ ଦେଇ କହିଲା ଏଇଟା ମୋ କାହାଣୀ। ମୋ ଗପ। ଯାକୁ ଟିକେ କୋଉ କାଗଜ କିମ୍ବା ପତ୍ରିକାରେ ଛାପି ଦିଅ। ତୁମେ ବହୁତ ବଡ ଲେଖକ। ତୁମେ ଲେଖିଲେ ଲୋକ ବିଶ୍ୱାସ କରିବେ। ଅନ୍ତତଃ ମୋତେ ମୋ ପ୍ରିୟ ବନ୍ଧୁ ଅପରାଧୀ ଭାବିବନି।

ପାଖକୁ ଯିବାକୁ ହେବ। ଚାରିଦିନ ହେଲା। ବଡ ଭଉଣୀ, ସାନ ଭାଇ ଓ ବୋଉ ତାଙ୍କ ପାଖରେ ଥିଲେ। ଅଫିସର ବ୍ୟସ୍ତ କାର୍ଯ୍ୟକ୍ରମରେ ବାହାରେ ଥିବା ଯୋଗୁଁ ମୁଁ ଯାଇନଥିଲି। ଆଜି ଯାହା ହେଲେ ତାଙ୍କ ପାଖକୁ ଯିବାକୁ ହେବ। ଦୀପାବଳି ପାଇଁ ଘର ସଫା କାମ ସାରି ମୁଁ ଡାକ୍ତରଖାନାରେ ପହଞ୍ଚିଲି। ବାପା ଅପେକ୍ଷାକୃତ ଭଲ ଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ନେଇ ବୋଉ ଭଉଣୀ ଓ ସାନ ଭାଇ ସମସ୍ତେ ବ୍ୟସ୍ତ ଥିଲେ। ବାପା ମୋତେ ଦେଖି ମୁରୁକି ହସିଲେ। ଏମିତି ସେ ସବୁବେଳେ ମୋ ଆଗରେ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ବାପା ମୋତେ ପାଖକୁ ଡାକିଲେ। ମୁଁ ତାଙ୍କ ମଥାରେ ହାତ ବୋଳି ତାଙ୍କୁ ଆଶ୍ୱାସନା ଦେବାକୁ ଚେଷ୍ଟା କଲା ବେଳକୁ ସେ ତାଙ୍କ ବେଡ ତକିଆ ତଳୁ କଣ ଗୋଟେ ଆଣି ମୋ ହାତରେ ଧରେଇ ଦେଲେ। ମୁଁ ଅନୁଭବ କରୁଥିଲି ତାହା ଏକ କାଗଜ। କିନ୍ତୁ କେଜାରି

ଲୋକଟିର କଥା ମୋ ମୁଣ୍ଡରେ ପଶୁ ନଥାଏ। ସେ ପୁଣି କହିଲା ଯୋଉଦିନ ତୁମେ କାହାଣୀ ଛାପିବ ମୋତେ ଖଣ୍ଡେ ଚିଠି ଦେବ। ମୋ ଠିକଣା ଏଥିରେ ଅଛି। ମୋ ଆତ୍ମା ଶାନ୍ତିରେ...। ମୁଁ ସେ ଲୋକଟିର କଥା ଶୁଣି ହଡବଡେଇଲି। ଲୋକଟି ଧଳା ରଙ୍ଗର ଧୋତିକୁ ଲୁଙ୍ଗି ପିନ୍ଧିବା ଢଙ୍ଗରେ ପନ୍ଧି ଥିଲା। ତା ଲୋମମୟ ବଳିଷ୍ଠ ଚଉଡା ଛାତି ଫୁଙ୍ଗୁଲା ଥିଲା ଓ ମୁହଁରେ ଅନେକ ଦିନରୁ କାଟି ନଥିବା ଦାଢ଼ି ଅସ୍ତବ୍ୟସ୍ତ ହେଇ ଓହଳି ଥିଲା। କିଛି କହିବା ପୂର୍ବରୁ ଲୋକଟି ଚାଲିଗଲା। ସେ ଦେଇଥିବା କାଗଜ ଖଣ୍ଡିକ ମୁଁ ହେୟଜ୍ଞାନ କରି କୋଉ ଏକ ପୁରୁଣା ଡାଏରୀ ଭିତରେ ଗୁଞ୍ଜି ଦେଇ ଭୁଲିଗଲି।

କିଛିଦିନ ପରେ ଦୀପାବଳି ଆସୁଛି। ସରକାରୀ ଆବାସକୁ ବର୍ଷକରେ ଥରେ ସଫା ସଫି କରିବା ଇଏ ଏକ ଭଲ ବାହାନା। ସବୁ ବହି ଥାନ ଝଡା ଝଡି କରି ସେଗୁଡିକ ପୁନଃ ଥାକରେ ସଜେଇ ରଖା ଯିବ। ସୋକେଶର ସବୁ ଜିନିଷରୁ ଧୂଳିର ଆବରଣ ପୋଛି ପୁଣି ରଖି ଦିଆଯିବ। ପୁରୁଣା ଅଦରକାରୀ ଜିନିଷ ବୋଝେ କାମ ବାଲି ମାଉସୀ ନେବେ। ଫ୍ୟାନ, ଟେବୁଲ, ଆଲମୀରା ସବୁ ଚକ ଚକ କରିବ। ଦୀପାବଳି ପୂର୍ବରୁ ଘରେ ସଫେଇ ଅଭିଯାନରେ ପୁରୁଣା ଡାଏରୀ ଭିତରୁ ଆଜି ସେଇ ଚିଠି ପାଇ ମୋର ତା କଥା ମନେ ପଡିଗଲା। ସେଇ ଫୁଙ୍ଗୁଲା ଛାତିରେ ଆସିଥିବା ଲୋକଟି କଥା। କେଜାଣି କାହିଁକି ମୁଁ ନିଜକୁ ଅପରାଧୀ ମନେ କଲି। ଏତେଦିନ ଭିତରେ ତା' ଚିଠି ଅନ୍ତତଃ ପଢ଼ି ପାରିଥାନ୍ତି। ଚିଠି ଖୋଲି ତା' ଗପରେ କୋଉ କାହାଣୀ ଅଛି ମୋର ପଢ଼ିବାକୁ ମନେ ହେଲା। କିନ୍ତୁ କେଜାଣି କାହିଁକି ନପଢ଼ି ମୁଁ ପୁଣି ସେ କାଗଜ ଖଣ୍ଡକୁ ବହି ଥାକରେ ଗୁଞ୍ଜି ଦେଲି।

କିଛିଦିନ ହେଲା ବାପା ଆଇସିୟୁରେ ଥିଲେ ତାଙ୍କର ହାର୍ଟଆଟାକ ହେଇଥିଲା। ତାଙ୍କ

କାହିଁକି ବାପା ତାକୁ ମୋତେ ହିଁ ଦେବାକୁ ଚାହୁଁଥିଲେ। ସମସ୍ତଙ୍କଠୁ ଲୁଚେଇ। ଆଖିରେ ଧୂଳି ଦେଇ। ମୁଁ ଚୁପଚାପ ସେ କାଗଜ ଖଣ୍ଡକୁ ଆଣି ସମସ୍ତଙ୍କ ଅଜାଣତରେ ପକେଟରେ ରଖି ଦେଲି। ଘରକୁ ଆସି ବାପାଙ୍କ କାଗଜ ପଢ଼ିବା କଥା ଭୁଲି ଗଲି।

ସକାଳୁ ଅଫିସ ଯିବା ପୂର୍ବରୁ ଡାକ୍ତରଖାନାରେ ମୁହଁ ମାରି ଯିବାକୁ ହେବ ଭାବି ସେଦିନ ରାତିରେ ସଅଳ ଶୋଇବାକୁ ଗଲି। ମନ ଭିତରେ କେଜାଣି ଏକ ଅପରାଧ ବୋଧର ଅଦିନିଆ ମେଘ ଖଣ୍ଡ ବସା ବାନ୍ଧିଥାଏ। ମୁଁ ନିଜକୁ ବେଡ ଉପରେ ସଜାଡି ଶୋଇବାକୁ ଚେଷ୍ଟା କରୁଥିଲି। ମୋ ଆଖି ଧୀରେ ଧୀରେ ବନ୍ଦ ହେଉଥିଲା। ସେଇଟା ବୋଧେ ଏକ ବିରଳ ପୃଥିବୀର ଅନ୍ତର୍ଦ୍ଧାନ ମଣିଷ ମାନଙ୍କର ଗାଁ ଥିଲା। ଯୋଉଠି ମୁଁ ଛିଡା ହେଇଥିଲି ଗାଁ ମଝିରେ ଏକ ଉଚ୍ଚ ସ୍ଥାନରେ। ମୋ ହାତକୁ ଦିଆଡକୁ ମେଲେଇ ଦିପଟେ ଦୁଇଟା ଖୁଣ୍ଟରେ ବାନ୍ଧି ଦିଆଯାଇଥିଲା। ମୋ ଅଣ୍ଟା ଉପରକୁ ସବୁ ବସ୍ତ୍ର କାଢ଼ି ଦିଆଯାଇଥିଲା। ଗାଁ ଯାକ ଲୋକ ମୋତେ ବେଢ଼ି ରହି ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। କାହାକୁ ମୁଣ୍ଡ ଟେକି ଅନେଇବାକୁ ମୋତେ ଲଜ୍ଜିତ ମନେ ହେଉଥିଲା। କାରଣ କେହି ଜଣେ ହେଲେ ଶାଳୀନତା ପ୍ରଦର୍ଶନ କରୁନଥିଲେ। ସମସ୍ତେ ଅଣ୍ଟା ଉପରକୁ ଫୁଙ୍ଗୁଲା ଥିଲେ। ସ୍ତ୍ରୀ, ପୁରୁଷ, ଯୁବତୀ, ଯୁବକ, ପିଲାଛୁଆ ସମସ୍ତେ। ଅର୍ଦ୍ଧନଗ୍ନ ମଣିଷ ମାନଙ୍କ ଦୁନିଆରେ ମୋତେ କ'ଣ ପାଇଁ ଅପରାଧୀ ଭଳି ବ୍ୟବହାର କରାଯାଉଛି ମୁଁ ବୁଝି ପାରୁନଥିଲି। ମୋ ଆଗରେ ଠିଆ ହେଇଥିବା ଯୁବତୀ ଓ ମହିଳା ମାନଙ୍କର ଛାତିକୁ ଇଚ୍ଛା ଥିଲେ ମଧ୍ୟ ମୁଣ୍ଡ ଯେକି ଚାହିଁବାକୁ ମୋର ସାହାସ ହେଉନଥିଲା। ସମସ୍ତଙ୍କ

ଆଖିର କେନ୍ଦ୍ରବିନ୍ଦୁ ଥିବାରୁ ମୋ ଦେହରେ ଯେମିତି ଶହ ଶହ ଆଖିର ନଜର କଚାଡି ହେଇ ପଡୁଥିଲା। ସେ ଭିଡକୁ ଆଡେଇ ଜଣେ ଲୋକ ବାହାରି ଆସିଲା। 'ମୋ କାହାଣୀ ଲେଖିଲୁ..?' ମୋ ଛାତିରେ ଛନକା ପଶିଗଲା। ଦେଖିଲା ବେଳକୁ ଇଏ ସେଇ ଲୋକଟି ଯଦି ଦିନେ ମୋ ଘରକୁ ଆସି ମୋତେ ଖଣ୍ଡେ କାଗଜ ଧରେଇ ଦେଇ ତା ବିଷୟରେ ଲେଖିବାକୁ ଅନୁରୋଧ କରିଥିଲା। 'ନା...।' ମୋ ପାଟିରୁ ଜୋରରେ ବାହାରି ପଡିଲା। ବେଡ ପାଖ ଟେବୁଲ ଉପରେ ଘଡି ସକାଳ ହେବାର ଘୋଷଣା କରି ଲଗାତାର ବାଜି ଯାଉଥିଲା। ମୁଁ ଉଠିଲା ବେଳକୁ ମୋ ଦେହରୁ ଗୋଟେ ଝାଳ ବୋହି ଯାଇଛି। ମୁଁ ଝପ କରି ଦଉଡି ଯାଇ ସେ ପୁରୁଣା ଡାଏରୀ ଭିତରୁ ସେ ଲୋକର ଚିଠିକୁ ତନ ତନ କରି ଖୋଜିଲି। ପାଇଲିନି। ଚିଠି ଯୋଉଠି ରଖିଥିଲି ସେଠି ନଥିଲା। ମୋ ଅନୁପସ୍ଥିତିରେ ସେ ପୁରୁଣଶ କାଗଜ ଖଣ୍ଡକୁ କିଏ ବୋଧେ ଫୋପାଡି ଦେଇଛି। ନିଶ୍ଚୟ ଏ କାମ ଅତ୍ୟଧିକ ସଫା ସୁତୁରା ପସନ୍ଦ କରୁଥିବା ମୋ ସହଧର୍ମିଣୀଙ୍କର ହେଇଥିବ। ମୁଁ ଅସ୍ତବ୍ୟସ୍ତ ହେଲି। ହେଲେ ଅସଫଳ।

ବାପା ଦେଇଥିବା କାଗଜ ଖଣ୍ଡକୁ ବି ଏପର୍ଯ୍ୟନ୍ତ ପଢ଼ିନି। ମୋତେ ମୋ ଉପରେ ରାଗ ମାଡିଲା। କେତେ ଅଳସୁଆ ମୁଁ। ସବୁ କାମରେ ଖାମଖିଆଲି। ଗତକାଲି ପିନ୍ଧିଥିବା ପେଣ୍ଟ ପକେଟରୁ ବାପାଙ୍କ କାଗଜ ଖଣ୍ଡକ ବାହାର କଲି।

ସନାତନ,

ତୁ ମୋ ଘରର ବଡ ପୁଅ। ଜାଣିଲା ଶୁଣିଲା। ମୋ ପରେ ଘରର ମେରୁଦଣ୍ଡ। ମୁଁ ଆଉ କେତେଦିନ ବଞ୍ଚିବି ନ ବଞ୍ଚିବି। ତୁ ଏପର୍ଯ୍ୟନ୍ତ ଘରର ସବୁ ଗରଜ ସାମ୍ନା କରିଛୁ। କବି ନାନିର ବାହାଘର କଲୁ। ରଞ୍ଜନର ପାଠପଢ଼ା ଓ ଘର ସବୁ ମୁଣ୍ଡେଇ ନେଲୁ। ଆଜି ପର୍ଯ୍ୟନ୍ତ ଗୋଟିଏ କଥା ମୁଁ ତୋତେ ଲୁଚେଇ ରଖିଛି। ସେଥିପାଇଁ ମୋତେ କ୍ଷମା କରିଦେବୁ...।

ମୁଁ ଚିଠିର ଏଯାଏଁ ପହଞ୍ଚିଲା ବେଳକୁ ଆଉ ମୋର ଆଗକୁ ପଢ଼ିବା ପାଇଁ ସାହାସ ନଥିଲା। ବାପା ମୋତେ କିଛି ଲୁଚାନ୍ତିନି। ମୋତେ କୁଆଡେ ସେ ଅଧିକ ଭଲ ପାଆନ୍ତି ବୋଲି କବି ନାନୀ ଓ ରଞ୍ଜନ ଅଭିଯୋଗ ସବୁବେଳେ କରନ୍ତି। ଛୋଟ ବେଳେ ଗାଁକୁ ବୁଲିଗଲେ ମୋତେ ଏକାକରି ମସଜିଦ ଆଡକୁ ବୁଲେଇ ନିଅନ୍ତି। ଇମାମ ଅଜାଙ୍କୁ ଦୁଆ ଦେବାକୁ କହନ୍ତି। ଇମାମ ଅଜା ଅତି ସ୍ନେହରେ ଏକ ମୟୁର ପକ୍ଷୀ ବିଡା ହଲେଇ ତାଙ୍କ ହାତ ମୋ ମୁଣ୍ଡରେ ବୋଳି ଦିଅନ୍ତି। ମସଜିଦ ପାଖରେ ଥିବା ଖଣ୍ଡିଆ ଭଙ୍ଗା ଘରକୁ ବାରମ୍ବାର ଦେଖେଇ କହନ୍ତି ସେ ଘର ତାଙ୍କ ସାଙ୍ଗର। ଯିଏ ପାଗଳ ହେଇ ଘର ଛାଡି କୁଆଡେ ପଳେଇଛି। ତା ଘର ଭାଙ୍ଗି ମାଟିରେ ମିଶିଲାଣି। ଆଜି ଏମିତି କୋଉ ଗୁମର କଥାକୁ ସେ ସାତ ତାଳ ପଙ୍କ ଭିତରେ ଲୁଚେଇ ରଖିଛନ୍ତି ଓ ମୋତେ ଗୁପ୍ତ ଭାବରେ ଜଣେଇବାକୁ ଚାହୁଁଛନ୍ତି? ମୁଁ ସେ କାଗଜକୁ ପୁଣି ପଢ଼ିବାକୁ ଲାଗିଲି।

“.... ମୋ ଦିଲାଦିନର ସାଙ୍ଗ ସୁଲେମାନ। ଆମେ ଦୁହେଁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଏକାଠି ରହୁ। ସିଏ ଆମ ଘରେ ଥିବ ନହେଲେ ମୁଁ ତାଙ୍କ ଘରେ। ଦଶହରା, ଦୀପାବଳି ସେ ଆମଘରେ ଆନନ୍ଦରେ ପାଳନ କରୁଥିଲା ଓ ଇଦରେ ମୁଁ ତାଙ୍କ ଅମ୍ମୀଙ୍କ ସିମେଇ ଖିରି ଖାଇବାକୁ ଯାଉଥିଲି। ମୁଁ ଗାଁ ସ୍କୁଲରୁ ସହର ପଢ଼ିବାକୁ ଆସିଲି। ସୁଲେମାନ ଆଉ ନପଢ଼ି ଗାଁରେ ରହିଲା। କିଛିଦିନ ପରେ ତାର ବାହାଘର ହେଇଗଲା। ବର୍ଷକ ପରେ ଏକ ଗୁଲୁଗୁଲିଆ ପୁଅ ଆଜିମ ଜନ୍ମ ନେଲା। ଏପଟେ ନୂଆ ନୂଆ ଶିକ୍ଷକ ଚାକିରି କଲା ପରେ ବାହାଘର ମୋର ହୋଇଗଲା। ହଠାତ ସୁଲେମାନର ସ୍ତ୍ରୀ କୌଣସି ଏକ ଦୁରାରୋଗରେ ପଡି ମୃତ୍ୟୁବରଣ କଲା। ସୁଲେମାନ ତା ବିୟୋଗରେ ପାଗଳ ପରି ମଣିଷ ମାରିବାକୁ ଗୋଡେଇଲା। ଲୁଗାପଟା ନପିନ୍ଧି ଉଧୁ ନଙ୍ଗଳା ହେଇ ବୁଲିଲା। ସମସ୍ତେ ଛଅ ମାସର ଆଜିମକୁ ନେଇ ଚିନ୍ତାରେ ପଡିଲେ। ସୁଲେମାନର ମମ୍ମି ଓ ଅବୁ ମୋ ପାଖରେ ପହଞ୍ଚିଲେ। ଆଜିମକୁ ତୋ ବୋଉ ହାତରେ ଟେକିଦେଇ ନେହୁରା ହେଲେ। ଆମ ପାଖରେ ଆଉ କିଛି ଚାରା ନଥିଲା। ଆମେ ରାତାରାତି ଆଜିମକୁ ନେଇ ସହର ପଳେଇ ଆସିଲୁ। ମୁସଲମାନ ପିଲାକୁ କୋଳେଇ ଥିବାରୁ ଆମକୁ ଗାଁରେ ନିଆଁପାଣି ବାସନ୍ଦ କରି ଦିଆଗଲା।”

“... ତୁ ଗୋଟେ କାମ କରିବୁ। ଶୁଣିଲି ସୁଲେମାନ ଏବେ ଭଲ ହେଇ ଯାଇଛି। ତା ମୁଣ୍ଡ ଆଉ ଖରାପ ନାହିଁ। ସେ ତା ଭାଙ୍ଗି ପଡିଥିବା ଘରକୁ ସଡାଜି ଏକୁଟିଆ ରହୁଛି। କିନ୍ତୁ ପଇଁତିରିଶ ବର୍ଷର ତା ପୁଅ ମୋ ଘରେ ଅଛି...।” ସେ କାଗଜର ନିଷ୍ଠୁର ସତ ଗୁଡିକ ନିହାତି ଡାହା ମିଛ ଲାଗୁଥିଲା। ଠୋ ଠୋ ହେଇ ହସି ମୁଁ ଆକାଶକୁ ଛୋପ ଓ ପୃଥିବୀକୁ ଗୋଇଠା ମାରିବା ପରି ଅସଫଳ ପ୍ରୟାସ କରୁଥିଲି। ନିଜେ ନିଜକୁ ଆତ୍ମହତ୍ୟା କରି ମାରିବା ପରି ଶିକାର କରୁଥିଲି।”

“... ତୁ ଗାଁକୁ ଯିବୁ। ସୁଲେମାନ ଏବେ ଉଧୁ ନଙ୍ଗଳା ହେଇ ବୁଲୁନି। ଭଲ ହେଇ ଗଲାଣି। ହେଲେ ଅଣ୍ଟାରୁ ଉପରକୁ ଫୁଙ୍ଗୁଲା ଛାତି ଓ ଅଲରା ବଢ଼ିଥିବା ଦାଢ଼ୀରେ ସେ ନିଶ୍ଚୟ ଏକ ବଧ ପାଗଳ ପରି ଲାଗିବ। କିନ୍ତୁ କେଜାଣି କାହିଁକି ସେ ଥରୁଟିଏ ବି ତା ପୁଅକୁ ଦେଖିବାକୁ ଆସିଲାନି। ତାକୁ ଯାଇ କହିବୁ “ସୁଲେମାନ ଚାଚା... ମୁଁ ସନାତନ ସାହୁଙ୍କ ବଡ ପୁଅ...।”

ମୁଁ ଆଉ ପଢ଼ି ପାରିଲନି। ବାପାଙ୍କ ଆଦେଶ ମୋତେ ମିଳି ସାରିଥିଲା। ମୁଁ ଗାଁକୁ ଯିବାକୁ ପ୍ରସ୍ତୁତ ହେଲି। ମୋତେ କିଛି ବାଟ ଦେଖା ଯାଉ ନଥିଲା। ବିଳି ବିଳି ହେଇ ଚିତ୍କାର କରିବାକୁ ଇଚ୍ଛା ହେଉଥିଲା। ଯୁଆଡେ ଅନାଉଥିଲି ପଲ୍ଲ ପଲ୍ଲ ମଣିଷ। ଅଣ୍ଟା ଉପରକୁ ଫୁଙ୍ଗୁଲା ଥିବା ମଣିଷ ପଲ୍ଲ ମୋତେ ଗାରେଡି ଚାହୁଁଥିଲେ।

*ବୈଜ୍ଞାନିକ,*
*ଭାବା ପରମାଣୁ ଗବେଷଣା କେନ୍ଦ୍ର*
*ପରିବେଶ ନିରୀକ୍ଷଣ ପରୀକ୍ଷାଗାର*
*ଯାଦୁଗୁଡା, ପଶ୍ଚିମ ସିଂଭୂମି,*
*ଝାଡଖଣ୍ଡ*
*ଦୂରଭାଷ :*
*୦୭୦୦୪୦୬୮୧୧୦*

# ଜାଣେନା ଫେରିବ କି ନାଇଁ !

ରାଜେଶ ପୂଜାରୀ





ସ୍ୱାତୀ ନକ୍ଷତ୍ରର ବର୍ଷା ଛାଡି ଯାଇ
ସ୍ମୃତିର ଶାମୁକା ମୁକ୍ତା ହେବା ପରେ ପରେ
କାଳେ ତୁମେ ଅଚାନକ
ନେପଥ୍ୟରୁ ଓହ୍ଲେଇ ପଡିବ ବୋଲି ଛାତିକୁ
ବାଉଳା ହେଇ ଘୁରି ବୁଲୁଥିଲି ସିନା
ତୁମ ଆଗରେ... ପଛରେ... ଆଉ ନୁହେଁ।

ଇଚ୍ଛାରେ ଅନିଚ୍ଛାରେ ପାରିବିନି ହଁ ଭରି
ତୁମ ସବୁ ଭୁଲ୍‌କୁ ଅଣଦେଖା କରି
ମୁଁ ଭାସି ଯିବିନି ଏଥର
ଟିକିଏ ଗାଲ ଚିମୁଟାରେ
କି' ଗୋଟିଏ କଅଁଳ ଚୁମାରେ,

ମୋର କି' ଦେଣ ନେଣ
ଫିଟାଅ ନ ଫିଟାଅ ତମ ନୀରବିତ ଦ୍ୱାର
ହଟାଅ ନ ହଟାଅ ଶୂନ୍ୟତାର
ଅମୁହାଁ କୁଆର
ପିନ୍ଧନ୍ତୁ ନ ପିନ୍ଧନ୍ତୁ ତୁମ ବ୍ୟଥା ସବୁ
ପରମ ତୃପ୍ତିର ଗଳାହାର।

ବିଫଳ ହେବ ତୁମ ଦିଗନ୍ତ ପ୍ରସାରି
ପ୍ରତୀକ୍ଷାର ଗୀତ ମାନ
ଲୋହିତ ପାଲଟା ସ୍ୱପ୍ନ
ମାଖିବେନି ସବୁଜକୁ ଆଉ
ନେବେନି ପାଛୋଟି
ଗଣି ଗଣି ସବୁ ଅତୃପ୍ତ ସ୍ପନ୍ଦନ
ତମର ଆଖିରୁ ଝରୁଥିବା ମିଛେଇ ନଈକୁ
ଦେବିନାହିଁ ଉପହାର ହସ ମଧୁବନ!

ଗେହ୍ଲେଇ ହେଇ ଆଉ ପାରିବିନି ପୋଛି
ତମ ଲାଜରା ପଣତରେ
ମୋ ରାଗ ରୋଷ ଅଭିମାନ
ମଖେଇ ପ୍ରୀତିର ଫୁଲ
ମହକାଇ ପାରିବନି ମୋ ଅଦୃଶ୍ୟ ଦେଉଳ!

ଆଉ ଲିଭିବନି ଗାଢ଼ ଛାପ ତମ ସନ୍ଦେହର
ଦେବିନି ପରୀକ୍ଷା ମୋର ସଚ୍ଚୋଟ ପଣର
ତମେ ଯଦି ପାରିବ ଦୂରରେ ରହି
ମତେ ବି ଦ୍ୱିଧା ଦେବ କାହିଁ!

ସେଇଥିପାଇଁ ତ' ପ୍ରାରମ୍ଭ ଏବେଠୁ
ଏ ଶୀତଳ ଯୁଦ୍ଧର
ପୁଞ୍ଜିଭୂତ ବିଦ୍ରୋହ ସମୂହକୁ
ପିଠିରେ ଝୁଲୁଥିବା
ଅସନ୍ତୋଷ ନାମକ ବ୍ୟାଗ୍‌ରେ ପୂରେଇ
ଯାଉଛି ଯେ ଯାଉଛି...
ଜାଣେନା ଫେରିବିକି ନାଇଁ
ତୁମ ଜୀବନର
ଚିର ଉଆଁସ ଫେରେଇବା ପାଇଁ!

କୁଶମେଲ, ଝାରସୁଗୁଡା
ଭ୍ରାମ୍ୟଭାଷ : ୯୭୭୭୨୮୦୫୯୪

# ନୀଳ କଇଁର ଲୁହ

କୁମୁଦିନୀ ମହାନ୍ତି



ବେଣ୍ଟ ପୋଖରୀର ଛାତିରେ
କାଚ କେନ୍ଦୁର ପାଣି
ପାହାନ୍ତି ଗାଧୋଇ ନୀଳକଇଁ
ଜକେଇ ଗଲାଣି।



ପୂବେଇ ଆକାଶରେ
ହଳଦିଆ ଚାଦର
ନୀଳକଇଁ ଆଖିରେ
ଟୋପା ଟୋପା ଲୁହ।

ଲୁଚାଛପା ଖେଳୁ ଖେଳୁ
ରାତି ଯାଏ ପାହି ଗୋ
ଆଖିରେ ଆଖିଏ ଆଶା
ନିଦେ ଯାଏ ଶୋଇ ଗୋ।

ଫିକା ଫିକା ଆକାଶରେ
ରଙ୍ଗଦିଆ ଫାଙ୍କରେ
ଉଙ୍କିମାରେ ତୋଫା ଜହ୍ନ
ପ୍ରିୟତମା ଆଶାରେ।

ନିର୍ମଳ ଚନ୍ଦ୍ର ମଣ୍ଡଳେ
ଶରଦର ଶଶି ଗୋ
ନୀଳକଇଁ ରାତିଯାଗେ
ତୁମ ପଥ ଚାହିଁ ଗୋ।

ଯେତେ ଦୂରେ ଥିଲେ ଚାନ୍ଦ
ଯେତେ ଦୂରେ ନୀଳକଇଁ ଗୋ
ପ୍ରୀତି ଅଭେଦ ତାଙ୍କର
ସ୍ୱର୍ଗୀୟ, ଶାସ୍ୱତ, ଆଉ ବିଶ୍ୱାସର।

*ସହିଦ ନଗର, ଭୁବନେଶ୍ୱର*






ଅଦିତି ମହାକୁଡ
ଷ୍ଟାଣ୍ଡାର୍ଡ-୩
ଦି ହେରିଟେଜ ସ୍କୁଲ
କୋଲକାତା-୭୦୦୧୦୭



ସାଇ ସାନ୍‌ଭି
ଷ୍ଟାଣ୍ଡାର୍ଡ-୩
ଫ୍ୟୁଚର ଭୁବନେଶ୍ୱର ସ୍କୁଲ

### ମୁଖ୍ୟମନ୍ତ୍ରୀଙ୍କ ୭୪ତମ ଜନ୍ମଦିନରେ ରାଜ୍ୟ ବ୍ୟାପୀ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ

# ରକ୍ତଦାତା ଓ ବ୍ଲଡ୍ ବ୍ୟାଙ୍କ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବିଜୁ ଜନତା ଦଳ ନିଜର ସାମାଜିକ ପ୍ରତିବଦ୍ଧତାର ଅଂଶ ସ୍ୱରୂପ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ବିଶିଷ୍ଟ ଜନନାୟକ ବିଜୁବାବୁଙ୍କ ୯୯ତମ ଜନ୍ମ ଜୟନ୍ତୀ ୫ ମାର୍ଚ୍ଚ ୨୦୧୫ରୁ ଶୁଭାରମ୍ଭ ହୋଇ ଏହା ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି। 'ରକ୍ତଦାନ ମହାପୂଣ୍ୟ', ଏହାକୁ ଆଧାର କରି ବିଜୁ ଜନତା ଦଳ ପକ୍ଷରୁ ରାଜଧାନୀ ଭୁବନେଶ୍ୱରରୁ ଆରମ୍ଭ କରି ଜିଲ୍ଲା ସଦର ମହକୁମା, ବ୍ଲକ, ପୌରାଞ୍ଚଳ ଏବଂ ପଞ୍ଚାୟତ ସ୍ତରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଆସୁଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଗତିର ସାରଥୀ ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ ବର୍ଷରେ ପଦାର୍ପଣ ସ୍ମାରକୀ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମ ଭୁବନେଶ୍ୱର ସମେତ ରାଜ୍ୟର ୭୭ଟି ପ୍ରମୁଖ ସ୍ଥାନ ଯଥା- ବାଲେଶ୍ୱର, ନୀଳଗିରି, ଭଦ୍ରକ, ସିମୁଳିଆ, କଟକ-ବାରବାଟୀ, କଟକ-ଚୌଦ୍ୱାର, ଆଠଗଡ଼, ମାହାଙ୍ଗା, ଭଞ୍ଜନଗର, ଜଗତସିଂହପୁର, ଯାଜପୁର, ଯାଜପୁର ରୋଡ୍, କେନ୍ଦ୍ରାପଡ଼ା, କେନ୍ଦୁଝର, ଆନନ୍ଦପୁର, ରେକୁଟିଆ, ହାଟଡିହି, ଚମ୍ପୁଆ, ବାରିପଦା, ଉଦଳା, କରଞ୍ଜିଆ, ଠାକୁରମୁଣ୍ଡା, ରାଇରଙ୍ଗପୁର, ଅନୁଗୁଳ, ବଣ୍ଟଁରପାଳ, ପର୍ଜଙ୍ଗ, ଆଠମଲ୍ଲିକ, ଦେବଗଡ଼, ଢେଙ୍କାନାଳ, ପାରଳାଖେମୁଣ୍ଡି, ବ୍ରହ୍ମପୁର, ହିଞ୍ଜିଳି ଏନ୍ଏସି, ହିଞ୍ଜିଳି ବ୍ଲକ, ଖୋର୍ଦ୍ଧା, କୋରାପୁଟ, ଜୟପୁର, ସେମିଳିଗୁଡ଼ା, ଦଶମନ୍ତପୁର, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗୁଣପୁର, ସୁନ୍ଦରଗଡ଼, ବଡ଼ଗାଁ, ରାଉରକେଲା, ବଣାଇଗଡ଼, ବୌଦ୍ଧ, ବାଲିଗୁଡ଼ା, ଫୁଲବାଣୀ, ନୟାଗଡ଼, ଓଡ଼ଗାଁ, ନୂଆପଡ଼ା, ଖରିଆର, ପୁରୀ, ବଲାଙ୍ଗୀର, ପାଟଣାଗଡ଼, ଟିଟିଲାଗଡ଼, ସଇଁତଳା, ତୁଷୁରା, କଣ୍ଟାବାଞ୍ଜି, ଝାରସୁଗୁଡ଼ା, ଲାଇକେରା, ବ୍ରଜରାଜନଗର, ଭବାନୀପାଟଣା, ଜୁନାଗଡ଼, ଧର୍ମଗଡ଼, ବୁର୍ଲା, ସମ୍ବଲପୁର, କୁଚିଣ୍ଡା, ରେଢ଼ାଖୋଲ, ଯୁଜୁମୁରା, ସୋନପୁର, ବୀରମିତ୍ରପୁର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ୧୨୩୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଆଠଗଡ଼ରେ ଅନୁଷ୍ଠିତ ଶିବିରରେ ସର୍ବାଧିକ ୬୭୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଦ୍ୱିତୀୟ ସର୍ବାଧିକ ବ୍ରହ୍ମପୁରରେ ୬୧୬ ଓ ତୃତୀୟ ସର୍ବାଧିକ ରାଉରକେଲାରେ ୫୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସେହିପରି କଟକ ଜିଲ୍ଲାରେ ସର୍ବାଧିକ ୧୫୩୪, ଦ୍ୱିତୀୟ ସର୍ବାଧିକ ମୟୂରଭଞ୍ଜ ଜିଲ୍ଲାରେ ୧୨୩୯ ୟୁନିଟ୍ ଓ ତୃତୀୟ ସର୍ବାଧିକ ଗଞ୍ଜାମ ଜିଲ୍ଲାରେ ୧୧୯୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମରେ ୩୭୨ ଜଣ ରକ୍ତଦାତା ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ଜୀବନ ବିନ୍ଦୁ' କାର୍ଯ୍ୟକ୍ରମରେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଫୁଲ ଓ ସାର୍ଟିଫିକେଟ୍ ପ୍ରଦାନ କରି ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ବହୁ ସଂଖ୍ୟାରେ ଲୋକମାନେ ବିଶେଷକରି ଯୁବକ-ଯୁବତୀ, ଛାତ୍ରଛାତ୍ରୀ, ମହିଳା ସ୍ୱେଚ୍ଛାରେ ରକ୍ତଦାନ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଥିବା ସ୍ନେହ ଓ ଶ୍ରଦ୍ଧାକୁ ସ୍ୱତଃସ୍ଫୂର୍ତ୍ତ ଭାବେ ପରିପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚର୍ଚ୍ଚା ଥମୁନି ...

ବେଆଇନ ନିର୍ମାଣ ଓ ଅପବ୍ୟବହାରକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାର ନିୟମ ରହିଛି। ସେହିପରି ସାଧାରଣ ଲୋକଙ୍କ ଯିବା ଆସିବା ଓ ଅଗ୍ନିଶମ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯିବା ପାଇଁ ନିୟମ ରହିଥିଲେ ବି ଏହାକୁ ବେଖାତିର କରି ବିଭିନ୍ନ ବ୍ୟାବସାୟିକ କୋଠା, ସପିଂ ମଲ୍, ମଲ୍ଟିପ୍ଲେକ୍ସସ୍, ହସ୍ପିଟାଲ, ଆପାର୍ଟମେଣ୍ଟ ଓ ଆବାସିକ ବାସଗୃହ ପ୍ରକଳ୍ପ ଅଞ୍ଚଳରେ ନିର୍ମାଣର କେତେ ପ୍ରତିଶତ ଜାଗା ଖାଲି ରହିବ ତାହା ସ୍ଥିର କରାଯାଇଥିଲେ ବି ଏହି ନିୟମକୁ ସଠିକ୍ ଭାବେ ପାଳନ କରାଯାଉଥିବା ଦେଖାଯାଉନାହିଁ। ଅନେକ କ୍ଷେତ୍ରରେ ଗୃହ ତଥା ଜାଗା ମାଲିକମାନେ ନିଜ ଜାଗାକୁ ସୁରକ୍ଷିତ ରଖି ସରକାରୀ ଜାଗାରେ ପାଚେରୀ ବୁଲାଇବା ସହିତ ବ୍ୟବହାର ଉପଯୋଗୀ କରି ଲାଭବାନ୍ ହେଉଛନ୍ତି। ଏହାର ମାଳମାଳ ପ୍ରମାଣ ଦେଖିବାକୁ ମିଳୁଥିଲେ ବି ଏ କ୍ଷେତ୍ରରେ ବିଡିଏ ସେଭଳି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ପରିସ୍ଥିତି ଅଣାୟତ୍ତ ହେଉଛି। ଯେତେବେଳେ ଘଟଣା ଗଣମାଧ୍ୟମରେ ହେଉ ବା ସାଧାରଣରେ ଚର୍ଚ୍ଚା ହେଉଛି ସେତେବେଳେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତେ ତତ୍ପର ହୋଇ ଉଠୁଛନ୍ତି। କିନ୍ତୁ ଆରମ୍ଭରୁ ଏ ଦିଗ ପ୍ରତି ଯଦି ଧ୍ୟାନ ଦିଆଯାଉଥାନ୍ତା ରାଜଧାନୀରେ ଦିନକୁ ଦିନ ଜବରଦଖଲ ବଢ଼ନ୍ତା ନାହିଁ। ଜବରଦଖଲକାରୀଙ୍କ ଯୋଗୁ ରାସ୍ତାଘାଟ ସଙ୍କୁଚିତ ହେବା ସହିତ ପାର୍କିଂ ଅଞ୍ଚଳ ଗୁଡିକ ଆଉ ସାଧାରଣ ଲୋକଙ୍କର ହୋଇ ରହୁନାହିଁ। ଯେଉଁଥିପାଇଁ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯିବା ସହିତ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ବିଶେଷକରି ବିଡିଏ ପ୍ରଦତ୍ତ ଆବାସିକ ଗୃହ ଅଞ୍ଚଳରେ ଏଭଳି ସମସ୍ୟା ଅଧିକ ଥିଲେ ବି ବିଡିଏ ନିକଟରେ ଯଦି କୌଣସି ଅଭିଯୋଗ ପହଞ୍ଚୁଛି ତେବେ ସାମାନ୍ୟ କିଛି କାର୍ଯ୍ୟାନୁଷ୍ଠାନ ପରେ ଏହା ବନ୍ଦ ରହୁଛି। ଯେଉଁଥିପାଇଁ ଲୋକେ ବିଡିଏ ନିୟମକୁ ଡରୁନାହାନ୍ତି। ଫଳରେ ଦିନକୁ ଦିନ ଧାର୍ଯ୍ୟ ନିୟମ ବାହାରେ ନିର୍ମାଣ କାର୍ଯ୍ୟ ବଢ଼ିଚାଲିବା ସହିତ ସମସ୍ୟା ଦ୍ୱିଗୁଣିତ ହେଉଛି। ଯାହା ପରେ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିବ ନିଶ୍ଚୟ। ଯେଉଁ କାର୍ଯ୍ୟଟି ଆରମ୍ଭରୁ ହେବା କଥା ତାହା କ୍ଷେତ୍ର କର୍ମଚାରୀଙ୍କ ଜରିଆରେ ଜଗାରଖା ନହେବା ଫଳରେ ଏଭଳି ପରିସ୍ଥିତି ଦେଖାଦେଉଛି। ବେଆଇନ ପାର୍କିଂ ଫି'କୁ ନେଇ ଏବେ ବିଡିଏ ଯେଭଳି କଡା ନିର୍ଦ୍ଦେଶ ଜାରି କରିଛି ତାହା ସମୟୋପଯୋଗୀ ପଦକ୍ଷେପ ହୋଇଥିଲେ ବି ବର୍ଷବର୍ଷ ଧରି ଯେଉଁମାନେ ବେଆଇନ ପାର୍କିଂ ଫି' ଆଦାୟ କରିଛନ୍ତି ତାଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେବ ବିଡିଏ ? ପାକିଂ ଫି' ଦ୍ୱାରା କ୍ଷତିଗ୍ରସ୍ତ ଲୋକ ନିଜ ଟଙ୍କା ଆଉ ଫେରିପାରିବେ ନାହିଁ ସୁନିଶ୍ଚିତ ଥିଲେ ବି ଆଦାୟକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ସେମାନେ ମଧ୍ୟ ଏ କାର୍ଯ୍ୟରୁ ସହଜରେ ନିବୃତ୍ତ ହେଲା ଭଳି ମନେ ହୁଏନାହିଁ। କାରଣ ରାଜଧାନୀରେ ରାଜରାସ୍ତାରେ ବେଆଇନ ପାର୍କିଂକାରୀଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଯିଏ ଯେଉଁଠି ଚାହିଁଲା ସେଠାରେ ଗାଡି ପାର୍କିଂ କରିବା ଦ୍ୱାରା ଟ୍ରାଫିକ୍ ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି। ତେଣୁ ପାର୍କିଂ ସ୍ଥଳ ଚିହ୍ନଟ କରାଯାଇ ସେଠାରେ ସୂଚନା ଫଳକ ଲଗାଇବା ମଧ୍ୟ ବିଡିଏର ଦାୟିତ୍ୱ। ପାର୍କିଂ କ୍ଷେତ୍ରରେ ଦାୟିତ୍ୱ ଓ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ହୋଇପଡିଛି। ଜଗିବା ଲୋକ ସଜାଗ ନହେଲେ ଲୁଟିବା ଲୋକ ସହଜରେ ଲୁଟି ଚାଲିବ। ତେଣୁ ଯେଉଁ ସମୟରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ସେଠାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବିଡିଏ ନେବାକୁ ପଡିବ। ରାଜଧାନୀକୁ ବାସ୍ତବରେ ସରସ ସୁନ୍ଦର ଓ ସ୍ମାର୍ଟସିଟି କରିବାକୁ ହେଲେ ଜବରଦଖଲକାରୀଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ।

### ପୁଷ୍ଟିହୀନମୁକ୍ତ ...

କୁମାର ସିଂହ ସ୍ୱାଗତ ଭାଷଣ ଦେବା ସହିତ ପୁଷ୍ଟିହୀନ ମୁକ୍ତ ପଂଚାୟତ ଗୁଡିକୁ ରାଜ୍ୟ ସରକାର ଆଗାମୀ ଦିନରେ ପୁରସ୍କୃତ କରିବେ ବୋଲି ସୂଚନା ଦେଇଥିଲେ । ସେ କହିଥିଲେ ଯେ ପୁଷ୍ଟି ସୁରକ୍ଷା ନିମନ୍ତେ ଚାଷବାସ ଓ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ଓ ଏଥିସହିତ ମହିଳା ସଶକ୍ତୀକରଣ ଦ୍ୱାରା ବି ପୁଷ୍ଟି ସୁରକ୍ଷା କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥାଏ । ଓଡ଼ିଶା ସରକାରଙ୍କ ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା 'ଓଡ଼ିଶା ଜୀବିକା ମିଶନ', ଏ.ପି.ପି.ଆଇ., ସାଧନ ଏନ.ଜି.ଓ. ଲିଭିଙ୍ଗ୍ ଫାର୍ମସ, ହର୍ଷ ଟ୍ରଷ୍ଟ ଓ ପ୍ରଦାନର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷବାସ, ଜଙ୍ଗଲ ଓ ଛେଳି ଓ କୁକୁଡ଼ା ପାଳନ ଦ୍ୱାରା ପରିବାର ସ୍ତରରେ ଖାଦ୍ୟ ବିବିଧତା ବୃଦ୍ଧି କରି ସ୍ୱାସ୍ଥ୍ୟ ଓ ପୁଷ୍ଟିରେ ଉନ୍ନତି ଅଣାଯାଇପାରିବ ବୋଲି ଶ୍ରୀ ସିଂହ କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ ମୋ ଉପକାରୀ ବଗିଚା ଆରମ୍ଭ କରାଯିବା ନେଇ ଖୁସି ବ୍ୟକ୍ତ କରିବା ସହିତ ପୁଷ୍ଟିହୀନତା ଦୂର ଲାଗି ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ଇତିମଧ୍ୟରେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବାବେଳେ ପୁଷ୍ଟିହୀନତା ଦୂରରେ ତାହା ବେଶ୍ ସହାୟକ ହୋଇଛି । ଏହି କର୍ମଶଳାରେ ଅଜିମ୍ ପ୍ରେମଜୀ ଫିଲାନଥ୍ରୋପିକ ସିଇଓ ଆନନ୍ଦ ସ୍ୱାମୀନାଥନଙ୍କ ସମେତ ବାଂଲାଦେଶ ଓ ଫିଲିପାଇନ୍ସ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। 'ସୌହାର୍ଦ୍ଦୋ' କାର୍ଯ୍ୟକ୍ରମ ମାଧ୍ୟମରେ ବାଂଲାଦେଶ ସରକାର କିପରି ଲିଙ୍ଗଗତ ନିର୍ବିଶେଷରେ ଖାଦ୍ୟ ଓ ପୁଷ୍ଟିର ସୁରକ୍ଷା ହାସଲ କରିପାରିଛନ୍ତି, ସେ ବିଷୟରେ ବାଂଲାଦେଶ ସରକାରଙ୍କ ପ୍ରତିନିଧି ପ୍ରକାଶ କରିଥିଲେ। ମୋ ଉପକାରୀ ବଗିଚା କାର୍ଯ୍ୟକ୍ରମରେ ମହିଳା ମାନେ ଚାଷବାସର ନିଷ୍ପତି ନେବାରେ ଅଂଶଗ୍ରହଣ କରିବେ ଓ ଏହାର ଅଧିକ ଦୀର୍ଘସ୍ଥାୟୀ ହେବ ବୋଲି କୃଷି ବିଭାଗର ପ୍ରମୁଖ ସଚିବ ଡ. ସୌରଭ ଗର୍ଗ ମତ ପ୍ରକାଶ କରିଥିଲେ। ରାଜ୍ୟ ଜୀବିକା ମିଶନର ନିର୍ଦ୍ଦେଶକ ସ୍ମୃତି ରଂଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୦୨୦ ମାର୍ଚ୍ଚ ...

ପ୍ରୋତ୍ସାହିତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଦିଆଯିବ। ବୌଦ୍ଧ ଜିଲ୍ଲା ହସ୍ପିଟାଲ ପାଇଁ ଜମି ଏକ ମାସ ମଧ୍ୟରେ ଯୋଗାଇ ଦିଆଯିବ ଏବଂ ସେଠାରେ ୨୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କରାଯିବ। ପୁରୁଣା କିଡ଼ନୀ ରୋଗ ଉପରେ ଅନୁଧ୍ୟାନ କରିବା ପାଇଁ ହରଭଙ୍ଗା ବ୍ଲକକୁ ଏକ ଟିମ୍ ପଠାଯିବ। ଏହାସହିତ ଗୋଟିଏ ଆମ୍ବୁଲାନ୍ସ ଓ ଗୋଟାଏ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। ସେହିପରି ନୟାଗଡ ଜିଲ୍ଲା ହସ୍ପିଟାଲରେ ଶଯ୍ୟା ସଂଖ୍ୟା ୨୫୦କୁ ବୃଦ୍ଧି କରାଯିବା ସହ ସେହିଠାରେ ୧୦୦ ଶଯ୍ୟା ବିଶିଷ୍ଟ ଅତିରିକ୍ତ କୋଠା ନିର୍ମାଣ କରାଯିବ। ଏହାସହ ୨ଟି ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ। ରାୟଗଡ଼ା ଜିଲ୍ଲାର କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ହେଲ୍‌ଥ ସେଣ୍ଟରରେ ପାଣି ଯୋଗାଣ ବ୍ୟବସ୍ଥା ସହ କର୍ମଚାରୀମାନଙ୍କ ରହିବା ପାଇଁ କ୍ୱାର୍ଟର ଯୋଗାଇ ଦିଆଯିବ। ଏହାବ୍ୟତୀତ ୪ ଆମ୍ବୁଲାନ୍ସ ଏବଂ ଗୋଟିଏ ମହାପ୍ରୟାଣ ଗାଡି ମଧ୍ୟ ଯୋଗାଇ ଦିଆଯିବ। ସେହିଭଳି ନୂଆପଡା ଜିଲ୍ଲା ହସ୍ପିଟାଲକୁ ଗୋଟିଏ ଆମ୍ବୁଲାନ୍ସ ଓ ଗୋଟିଏ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ। ଏହି ଯୋଜନାକୁ ଅଧିକରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଡିସେମ୍ବର ୧ ତାରିଖ ସୁଦ୍ଧା ୫ଟି ବିଭାଗକୁ ସାମିଲ କରାଯିବ। ମାର୍ଚ୍ଚ ୫, ୨୦୨୦ ମଧ୍ୟରେ ସରକାରରର ସବୁ ବିଭାଗ ଏହି ଯୋଜନାରେ ପରିସରଭୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପାକିସ୍ତାନକୁ ...

ପାକିସ୍ତାନ ୨୦୨୦ ଫେବୃଆରୀ ମାସ ସୁଦ୍ଧା ଉପଯୁକ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଯଦି ଏହି ସମୟରେ ପାକିସ୍ତାନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବ, ତା'ହେଲେ ଏଫ୍‌ଏଟିଏଫ୍‌ର ପରବର୍ତ୍ତୀ ବୈଠକରେ ଇସଲାମାବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେହିପରି ପାକିସ୍ତାନ ସହ ବ୍ୟବସାୟିକ ଓ ଅନ୍ୟାନ୍ୟ ସମ୍ପର୍କ ରଖିଥିବା ଦେଶ ଓ ପ୍ରତିଷ୍ଠାନ ଗୁଡିକ ଆର୍ଥିକ କାରବାର ବେଳେ ଉପଯୁକ୍ତ ଧ୍ୟାନ ଦିଅନ୍ତୁ। କାରଣ ପାକିସ୍ତାନ ଆତଙ୍କବାଦୀଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏଫଏଟିଏଫ ସଭାପତି କହିଛନ୍ତି, ପାକିସ୍ତାନ ୨୦୨୦ ଫେବୃଆରୀ ସୁଦ୍ଧା ଆତଙ୍କବାଦ ବିରୋଧରେ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରୁ। ଯଦି ପାକିସ୍ତାନ ଏଥିରେ ବିଫଳ ହେବ, ତା'ହେଲେ ଆମେ ତାକୁ କଳା ତାଲିକାଭୁକ୍ତ କରିବୁ। କଳା ତାଲିକାରୁ ବର୍ତ୍ତିବା ପାଇଁ ଗୋଟିଏ ଦେଶକୁ ଅତି କମରେ ୬ଟି ରାଷ୍ଟ୍ରର ସମର୍ଥନ ଦରକାର। ତେବେ ପାକିସ୍ତାନକୁ କେବଳ ଚାଇନା, ତୁର୍କୀ ଓ ମାଲେସିଆ ସମର୍ଥନ କରୁଛନ୍ତି। ପ୍ୟାରିସରେ ଏଫ୍‌ଏଟିଏଫ୍ ବୈଠକ ୧୩ରୁ ଆରମ୍ଭ ହୋଇଥିବା ବେଳେ ୧୮ରେ ଶେଷ ହୋଇଛି। ପାକିସ୍ତାନର ଏକ ପ୍ରତିନିଧି ଦଳ ଏଫ୍‌ଏଟିଏଫ୍ ଅଧିକାରୀଙ୍କୁ ଭେଟି ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଉ କିଛିଦିନ ସମୟ ଦରକାର ବୋଲି ନିବେଦନ କରିଥିଲେ। ଏଥିରେ ଏଫ୍‌ଏଟିଏଫ ରାଜି ହେବା ସହ ପାକିସ୍ତାନକୁ ପୂର୍ବଭଳି ଗ୍ରେ ଲିଷ୍ଟରେ ରଖିଥିବା ଜଣାପଡିଛି। ପାକିସ୍ତାନ ପୂର୍ବଭଳି ଗ୍ରେ ଲିଷ୍ଟରେ ରହିଥିବାରୁ ଆର୍ଥିକ ସ୍ଥିତିରେ କାଙ୍ଗାଳ ହୋଇଯାଇଥିବା ଇମ୍ରାନ୍ ଖାନ୍ ସରକାରଙ୍କ ଅଡୁଆ ବଢ଼ିଛି। କାରଣ ଆଇଏମ୍‌ଏଫ୍ ଓ ବିଶ୍ୱ ବ୍ୟାଙ୍କ ପାକିସ୍ତାନକୁ ଆର୍ଥିକ ସହାୟତା ଦେବା ପୂର୍ବରୁ ଅନେକ ବିଷୟରେ ତର୍ଜମା କରିବେ। ସେମାନେ ସନ୍ତୋଷ ଲାଭ କଲେ ଯାଇ ପାକିସ୍ତାନକୁ ଆର୍ଥିକ ସହାୟତା ମିଳିପାରିବ।

### ଶୀର୍ଷରେ ...

ମଧ୍ୟରେ ଭାରତ ନବୋନ୍ମେଷ ସୂଚକାଙ୍କ ସମନ୍ୱୟ ପ୍ରତିଷ୍ଠା କରିବ ଏବଂ ଭାରତ ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଉତମ ପ୍ରଶାସନ ଦିଗରେ ଅଗ୍ରସର ହୋଇପାରିବ। ଅଗଣିତ ଆହ୍ୱାନ ମଧ୍ୟରେ ବିଶ୍ୱ ନବୋନ୍ମେଷ କ୍ଷେତ୍ରରେ ନେତୃତ୍ୱ ନେବା ଲାଗି ଭାରତ ନିକଟରେ ଅଭିନବ ସୁଯୋଗ ରହିଛି ବୋଲି ଶ୍ରୀ ଅମିତାଭ କାନ୍ତ ପ୍ରକାଶ କରିଥିଲେ। ରେଣୁ ସ୍ୱରୂପ କହିଥିଲେ ଯେ କ୍ଲଷ୍ଟର ଆଧାରିତ ନବୋନ୍ମେଷକୁ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ର ବିନ୍ଦୁ ଭାବେ ବିକଶିତ କରାଯିବା ଆବଶ୍ୟକ। ଉଭୟ ନିବେଶ ଏବଂ ଫଳାଫଳ ଉପାଦାନ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ଏହି ସୂଚକାଙ୍କ ଦେଶରେ ନବୋନ୍ମେଷ ପରିବେଶକୁ ଉନ୍ନତ କରିବାରେ ଉତମ ଆରମ୍ଭ ବୋଲି ଶ୍ରୀ ଆଶୁତୋଷ ଶର୍ମା କହିଥିଲେ। ଶ୍ରୀ ବୈଦ୍ୟ କୋଟେଚା କହିଥିଲେ ଯେ ରାଜ୍ୟଗୁଡ଼ିକ ମଧ୍ୟରେ ମାନଦଣ୍ଡ ନିର୍ଦ୍ଧାରଣ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ସଂଘୀୟ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦିଗରେ ଏହି ସୂଚକାଙ୍କ ଏକ ଉତମ ପ୍ରୟାସ। ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶରେ ନବୋନ୍ମେଷ ପରିସଂସ୍ଥାନକୁ ଅନୁଧ୍ୟାନ କରାଯିବା ପରେ ଏହି ସୂଚକାଙ୍କ ପ୍ରକାଶ ପାଇଛି। ଦେଶରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା କରିବା ଏବଂ ନିର୍ଦ୍ଦିଷ୍ଟ ଅଂଚଳର ଆର୍ଥିକ ବିକାଶ ନୀତି ପ୍ରସ୍ତୁତ କରିବା ଦିଗରେ ନୀତି ନିର୍ଦ୍ଧାରକମାନଙ୍କୁ ଏକ ସାମାଗ୍ରିକ ସାଧନ ପ୍ରଦାନ କରିବା ହେଉଛି ଏହି ସୂଚକାଙ୍କର ଉଦ୍ଦେଶ୍ୟ। ଏହି ସୂଚକାଙ୍କରେ ରାଜ୍ୟଗୁଡ଼ିକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି ଯଥା : ବୃହତ ରାଜ୍ୟ, ଉତର-ପୂର୍ବାଂଚଳ ଓ ପାର୍ବତ୍ୟ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ/ନଗର ରାଜ୍ୟ/କ୍ଷୁଦ୍ର ରାଜ୍ୟ। ଦେଶର ଅଭିବୃଦ୍ଧି ଏବଂ ସମୃଦ୍ଧି ଲାଗି ନବୋନ୍ମେଷ ଏକ ପ୍ରମୁଖ ବାହକ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ପ୍ରତିଦ୍ୱନ୍ଦ୍ୱିତା ସଂସ୍ଥାନକୁ ଜ୍ଞାନ ସହଯୋଗୀ ଭାବେ ନେଇ ନୀତି ଆୟୋଗ ପକ୍ଷରୁ ଭାରତ ନବୋନ୍ମେଷ ସୂଚକାଙ୍କ ୨୦୧୯ ପ୍ରକାଶ ପାଇଛି। ବ୍ୟାପକ ଗବେଷଣା ଏବଂ ବିଶ୍ଳେଷଣ ପରେ ଏହି ଅଧ୍ୟୟନର ଫଳାଫଳ ପ୍ରକାଶ ପାଇଛି। ଏଥିରେ ଭାରତୀୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ନବୋନ୍ମେଷ ସାମର୍ଥ୍ୟ ଓ ପ୍ରଦର୍ଶନକୁ ନିରୀକ୍ଷଣ କରିବା ମାଧ୍ୟମରେ ଦେଶର ସାମଗ୍ରିକ ନବୋନ୍ମେଷ ପରିଦୃଶ୍ୟକୁ ଦେଖାଯାଇଛି। ଏହି ସୂଚକାଙ୍କ ମାଧ୍ୟମରେ ଦେଶର ୨୯ଟି ରାଜ୍ୟ ଏବଂ ୭ଟି କେନ୍ଦ୍ର ଶାସିତ ପ୍ରଦେଶର ନବୋନ୍ମେଷ ପରିବେଶକୁ ନିରନ୍ତର ମୂଲ୍ୟାୟନ ପାଇଁ ଏକ ବ୍ୟାପକ ଢାଂଚା ପ୍ରସ୍ତୁତ କରିବାର ପ୍ରୟାସ କରାଯାଇଛି। ଏହା ଜରିଆରେ ତିନୋଟି କାର୍ଯ୍ୟ ସମ୍ପାଦନ ପାଇଁ ପ୍ରୟାସ କରାଯାଇଛି ଯଥା :୧- ସୂଚକାଙ୍କ ଫଳାଫଳ ଆଧାରରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ର୍ୟାଙ୍କ ପ୍ରଦାନ କରିବା, ୨- ସମ୍ଭାବନା ଓ ଆହ୍ୱାନଗୁଡ଼ିକୁ ବିବେଚନା କରିବା ଏବଂ ନବୋନ୍ମେଷର ପ୍ରୋତ୍ସାହନ ଲାଗି ସରକାରୀ ନୀତି ପ୍ରସ୍ତୁତିରେ ସହାୟତା କରିବା। ଦୁଇଟି ସୋପାନ- ଏନେବଲର୍ସ ଓ ପରଫର୍ମାନ୍ସରେ ମିଳିଥିବା ହାରାହାରି ଅଙ୍କ ଆଧାରରେ ଭାରତ ନବୋନ୍ମେଷ ସୂଚକାଙ୍କ-୨୦୧୯ର ଫଳାଫଳ ପ୍ରକାଶ ପାଇଛି। ୫ଟି ସ୍ତମ୍ଭକୁ ନେଇ ସମର୍ଥକ ପର୍ଯ୍ୟାୟରେ ରାଜ୍ୟଗୁଡ଼ିକର ନବୋନ୍ମେଷ ସାମର୍ଥ୍ୟକୁ ବିବେଚନା କରାଯାଇଛି : ମାନବ ପୁଞ୍ଜି, ନିବେଶ, ଜ୍ଞାନ କର୍ମୀ, ବ୍ୟବସାୟିକ ପରିବେଶ ଏବଂ ସୁରକ୍ଷା ଓ ଆଇନଗତ ପରିବେଶ। ନିବେଶ (ଇନପୁଟ) ଦ୍ୱାରା ଦେଶକୁ ମିଳୁଥିବା ଲାଭକୁ ପ୍ରଦର୍ଶନ ସୋପାନ ଗ୍ରହଣ କରିଛି। ଏହାକୁ ଦୁଇଟି ସ୍ତମ୍ଭ ଯଥା ଜ୍ଞାନ ଫଳାଫଳ ଏବଂ ଜ୍ଞାନର ପ୍ରସାରରେ ବିଭକ୍ତ କରାଯାଇଛି।

## କ୍ୟାପିଟାଲ ହସ୍ପିଟାଲ ଓ ନିଆଳୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିବ ୧୧କୋଟି ୪୮ଲକ୍ଷ ଟଙ୍କା

**ଭୁବନେଶ୍ୱର:** ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଭୁବନେଶ୍ୱର ଆର୍ନ୍ତଜାତୀୟ ବିମାନ ବନ୍ଦର ମଧ୍ୟରେ ଏକ ରାଜିନାମା ହୋଇଯାଇଛି । ରାଜିନାମା ଅନୁଯାୟୀ ଜାତୀୟ ବିମାନ ବନ୍ଦର ପ୍ରାଧିକରଣ ଓ ବିଜୁ ପଟ୍ଟନାୟକ ଆର୍ନ୍ତଜାତୀୟ ବିମାନ ବନ୍ଦର ପକ୍ଷରୁ ସିଏସଆର ପାଣ୍ଠି ସହାୟତାରେ କ୍ୟାପିଟାଲ ହସ୍ପିଟାଲ ଓ ନିଆଳି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ କରାଯିବ । ଲୋକସେବା ଭବନ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ଉପସ୍ଥିତିରେ ଏହି ରାଜିନାମାରେ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ହରପ୍ରସାଦ ପଟ୍ଟନାୟକ ଓ ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ସ୍ୱାକ୍ଷର କରିଥିଲେ । ରାଜିନାମା ଅନୁଯାୟୀ କ୍ୟାପିଟାଲ ହସ୍ପିଟାଲକୁ ବିମାନ ବନ୍ଦର କର୍ତୃପକ୍ଷ ୪କୋଟି ୭୪ଲକ୍ଷ ଟଙ୍କା ଯୋଗାଇ ଦେବେ । ଏହି ଅର୍ଥରେ ହସ୍ପିଟାଲରେ ଦୁଇଟି ମଡ୍ୟୁଲାର ଅପରେସନ ଗୃହ (ଓଟି) ସହିତ ଆଉ ଗୋଟିଏ ସାଧାରଣ ଓଟି ନିର୍ମାଣ ହେବ । ସେହିପରି ନିଆଳୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୋଠାର ସମ୍ପ୍ରସାରଣ କରାଯିବ । ଏଥି ସହିତ ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ଡାକ୍ତରୀ ଯନ୍ତ୍ରପାତି ଯୋଗାଣ ସହିତ ଏଠାରେ ନୂତନ ମହିଳା ଓ ଶିଶୁ ଗୃହ ନିର୍ମାଣ ହେବ । ଏଥିପାଇଁ ନିଆଳି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ୬କୋଟି ୭୪ଲକ୍ଷ ଟଙ୍କା ମିଳିବ । ଏହି ରାଜିନାମା ସ୍ୱାକ୍ଷର ଅବସରରେ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର, ଯୁଗ୍ମ ସଚିବ ସ୍ମିତା ବିଶ୍ୱାଳ, ନିର୍ଦ୍ଦେଶକ କ୍ୟାପିଟାଲ ହସ୍ପିଟାଲ, ସିଡିଏମଓ କଟକଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବି ନେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଆଇନଜୀବୀଙ୍କ ଦାବି ପତ୍ର ପ୍ରଦାନ




**ଖୋରଧା:** ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାରଙ୍କ ତରଫରୁ ୧୦୦ କୋଟି ଟଙ୍କା ପ୍ରଦାନ ଏବଂ ରାଜ୍ୟର ସମସ୍ତ ଆଇନଜୀବୀ ପରିବାର ବର୍ଗଙ୍କ ପାଇଁ ୫ ଲକ୍ଷ ଟଙ୍କା ମାଗଣା ସ୍ୱାସ୍ଥ୍ୟ ବୀମା ପ୍ରଦାନ ଦାବି ନେଇ ନୀଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ଏକ ଦାବୀ ପତ୍ର ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପ୍ରଦାନ କରାଯାଇଛି । ଏହି ପରିପେକ୍ଷୀରେ ଆୟୋଜିତ ଏକ ଶୋଭା ଯାତ୍ରା କଟକ ଫୌଜଦାରୀ ଅଦାଲତ ନିକଟରୁ ବାହାରି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଯାଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା । ଏହି ଶୋଭା ଯାତ୍ରାରେ ନୀଖିଳ ଓଡ଼ିଶା ଆଇନଜୀବୀ ସଂଘର ଉପସଭାପତି ଅକ୍ଷୟ କୁମାର ପତି, ଶୁଶାନ୍ତ କୁମାର ବରାଳ ସଂଗଠନ ସମ୍ପାଦକ ବିଭୁପ୍ରସାଦ ମହାପାତ୍ର, ମୁକ୍ତିକାନ୍ତ ଦାସ, ଅଜୟ କୁମାର ମହାରଣା, ଗଗନ ବାରିକ, ସଂଗ୍ରାମ ଦାଶ, ଦେବାଶିଷ ମିଶ୍ର, ତେଜସ୍ମିତା ମହାପାତ୍ର, ଅଶୋକ କୁମାର ଦଳେଇ, ମନୋରଞ୍ଜନ ବିଶ୍ୱାଳ, ଦିଲ୍ଲିପ କୁମାର ପଟ୍ଟନାୟକ, କୈଳାସ ମିଶ୍ର, କ୍ଷୀରୋଦ ରାଉତ, ହେମନ୍ତ ମହାନ୍ତି, ସତ୍ୟବ୍ରତ ପ୍ରଧାନଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ଥିଲେ ବୋଲି ନୀଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ତଥା ଖୋରଧାର ବରିଷ୍ଠ ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନା ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ସୁବର୍ଣ୍ଣପୁର ଜିଲ୍ଲାକୁ ୫-ଟି ସଚିବଙ୍କ ଗସ୍ତ କେବେ ?

**ସୋନପୁର:** ରାଜ୍ୟ ସରକାରଙ୍କ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ମାରାଥନ ଗସ୍ତକୁ ନେଇ ଏବେ ସବୁଠି ଚର୍ଚ୍ଚା । କେତେବେଳେ ପହଞ୍ଚିଯିବେ ସଚିବ ତାହା ଅଜଣା । ଏପରିକି ଜିଲାପାଳ ମଧ୍ୟ ଆଗୁଆ ସୂଚନା ପାଉନାହାନ୍ତି । ଏମିତିରେ ସୋନପୁର ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗର ହୃଦସ୍ପନ୍ଦନ ବଢିବାରେ ଲାଗିଛି । ସଚିବ ଶ୍ରୀ ପାଣ୍ଡିଆନ ପଶ୍ଚିମ ଓଡିଶାର ବିଭିନ୍ନ ଜିଲା ଗସ୍ତ କରି ସାରିଥିବା ବେଳେ ସୋନପୁର ଆସି ନାହାନ୍ତି । ଏହି ପରିପ୍ରେକ୍ଷୀରେ ପାଣ୍ଡିଆନଙ୍କ ସମ୍ଭାବ୍ୟ ଗସ୍ତ ନେଇ ଜିଲା ପ୍ରଶାସନ ବେଶ ସଜାଗ ରହିଛି । ୫-ଟି ସଚିବଙ୍କ ତୀକ୍ଷ୍ଣ ନଜରରେ ଡାକ୍ତରଖାନା ରହିଥିବା ବେଳେ ତଥାପି ଡାକ୍ତରଖାନା ର ଅବସ୍ଥା କହିଲେ ନସରେ ପରି ଦେଖିବାକୁ ମିଳୁଛି । ରାଜ୍ୟ ସରକାର ୫-ଟି ସଂସ୍କାର ମନ୍ତ୍ର ଲାଗୁକରିବା ପରେ ଏହାର କାର୍ଯ୍ୟକାରିତା ପାଇଁ ବିଭାଗୀୟ ସଚିବ ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନକୁ ନିଯୁକ୍ତି ଦେଇଥିଲେ । ଦାୟିତ୍ୱ ଗ୍ରହଣ କରିବା ପରେ ସଚିବ ମାରାଥନ ଜିଲା ପରିଦର୍ଶନରେ ରହିଛନ୍ତି । ଡାକ୍ତରଖାନାକୁ ଦଲାଲମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର । ସରକାରୀ ଯୋଜନାର ସଫଳ କାର୍ଯ୍ୟକାରିତା ପ୍ରତି ସରକାର ସଜାଗ ରହିଥିବା କହିଥିଲେ । ପାଣ୍ଡିଆନଙ୍କ ଗସ୍ତ ସମୟରେ ତ୍ରୁଟି ପରିଲକ୍ଷିତ ହେଲେ ତତକ୍ଷଣାତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିବାରୁ ଡାକ୍ତରଖାନା କର୍ମଚାରୀ ଭୟଭୀତ ଅବସ୍ଥାରେ ରହିଛନ୍ତି । ଡାକ୍ତରଖାନାରେ ୫-ଟି ଠିକ ଭାବେ ଲାଗୁ ହୋଇନଥିଲେ ଜିଲାପାଳ ମାନଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଉଛି । ଏମିତିରେ ସୋନପୁର ଜିଲାପାଳ ଗତ ପରଦିନ ଉଲୁଣ୍ଡା ଡାକ୍ତରଖାନକୁ ଯାଇ ତଦାରଖ କରୁଥିବା ଦେଖିବାକୁ ମିଳିଛି । ସରକାରୀ ଯୋଜନାର ଲାଭ ଲୋକେ ଯେପରି ଠିକ୍ ଭାବେ ପାଇପାରିବେ ସେଥିପ୍ରତି ଜିଲା ପ୍ରଶାସନ ସଜାଗ ରହିଥିବା ଜିଲ୍ଲାପାଳ ସବୁବେଳେ ପ୍ରକାଶ କରୁଥିବା ବେଳେ ହେଲେ ଆଗକୁ ସଦର ଡାକ୍ତରଖାନ ଓ ପିଏଚ୍‌ସି ଓ ସିଏଚ୍‌ସି ଉପରେ ପ୍ରସାସନର କେତେ ନଜର ତାହା ହେଖିବାକୁ ବାକି ରହିଲା ।

## ଆଉ ୧୦ ଜିଲ୍ଲାରେ ଗଡିବ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା କେନ୍ଦ୍ର

**ଭୁବନେଶ୍ୱର:** ରାଜ୍ୟରୁ ଅନ୍ଧତ୍ୱ ଦୂରୀକରଣ ଲାଗି ଚଳି ଆର୍ଥିକ ବର୍ଷରେ ରାଜ୍ୟର ଆଉ ୧୦ଟି ଜିଲ୍ଲାରେ ସରକାର ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା କେନ୍ଦ୍ର ପ୍ରଚଳନ ହେବ । ଗତବର୍ଷ ୧୦ଟି ଜିଲ୍ଲାରେ ଏହା କାର୍ଯ୍ୟକାରୀ ହୋଇଥିଲା । ଏଥି ସହିତ ୨୦୧୯-୨୦ ବର୍ଷରେ ଆଉ ୫୦ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ମଧ୍ୟ ସ୍ଥାୟୀ ଚକ୍ଷୁ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡାକ୍ତର ପ୍ରମୋଦ କୁମାର ମେହେର୍ଦ୍ଦା ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ 'ସୁନେତ୍ର' ଯୋଜନାର କରିଥିବା ସମୀକ୍ଷାରୁ ଏହି ସୂଚନା ମିଳିଛି । ବିଦ୍ୟାଳୟ ପିଲାମାନଙ୍କର ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମରେ ଚଳିତବର୍ଷ ୮,୧୪,୪୮୩ ଜଣ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୨୫,୩୬୦ଜଣ ପିଲାଙ୍କର ଦୃଷ୍ଟିଶକ୍ତିର ସମସ୍ୟା ଥିବା ଚିହ୍ନଟ ହୋଇଛି । ସେମାନଙ୍କ ମଧ୍ୟରୁ ୮୯୨୯ ଜଣଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଛି । ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନିକଟସ୍ଥ ଚକ୍ଷୁ ଚିକିତ୍ସା ଥିବା କେନ୍ଦ୍ର ଗୁଡିକ ସହିତ ଯୋଗାଯୋଗ ଲାଗି ସଚିବ ପରାମର୍ଶ ଦେଇଛନ୍ତି । ଫଳରେ ସେମାନେ ଆଉ ଦୂର ଦୂରାନ୍ତକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେବେନାହିଁ । ବର୍ତ୍ତମାନ ରାଜ୍ୟର ବିଭିନ୍ନ ୧୮୩ ସିଏଚସିରେ ଗ୍ରାମାଂଚଳ ଲୋକଙ୍କୁ ଚକ୍ଷୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଦୂର ଦୂରାନ୍ତ ଅଂଚଳର ଲୋକମାନଙ୍କ ପାଖରେ ଉନ୍ନତମାନର ଅନୁରୂପ ସୁବିଧା ଯୋଗାଇ ଦେବାପାଇଁ ଏମକେସିଜି ମେଡିକାଲ କଲେଜରେ ଏକ ଟେଲି ଅପଥାମଲୋଜି ନେଟୱାର୍କ କାର୍ଯ୍ୟ କରୁଛି । ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ଏକ ରେଟିନା କେନ୍ଦ୍ର ମଧ୍ୟ କାର୍ଯ୍ୟକାରୀ ହୋଇଛି । ରାଜ୍ୟରେ ୬ଟି ଚକ୍ଷୁବ୍ୟାଙ୍କ୍ ଥିବାବେଳେ ସରକାରୀ ଭାବେ ତିନିଟି ଚାଲୁଛି । ଚଳିତବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୭୧୨ ଜଣ ଚକ୍ଷୁଦାନ କରିଥିବାବେଳେ ୫୧୪ ଜଣଙ୍କ ଠାରେ ଚକ୍ଷୁ ପ୍ରତିରୋପଣ ହୋଇଛି । ଏହି ସମୟ ମଧ୍ୟରେ ରାଜ୍ୟରେ ୪୯,୩୨୮ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଛି । ସେଥି ମଧ୍ୟରୁ ମେଡିକାଲ କଲେଜରେ ୨୭୯୭, ଜିଲ୍ଲା ଏବଂ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ୫୮୯୯, ଘରୋଇ ଡାକ୍ତରଖାନା ଗୁଡିକରେ ୬୯୩୫ ଏବଂ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା ବିଭିନ୍ନ କ୍ୟାମ୍ପ ମାନଙ୍କରେ ୩୩,୯୬୫ ଜଣଙ୍କର ମୋତିଆବିନ୍ଦୁ ଅପରେସନ ହୋଇଛି । ଏହି ହାର ବୃଦ୍ଧି ଲାଗି ବୈଠକରେ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ୪୫ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖା ଦେଉଥିବା ଅନ୍ଧାରକଣା ଜନିତ ଚକ୍ଷୁ ସମସ୍ୟା ବିଶେଷକରି ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ଠାରେ ପରିଲକ୍ଷିତ ହେଉଥିବା ଏଭଳି ଚକ୍ଷୁସମସ୍ୟାର ସମାଧାନ ପାଇଁ ବିଭିନ୍ନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ ଓ ଅନ୍ୟ ଯେକୌଣସି ସ୍ୱାସ୍ଥ୍ୟାନୁଷ୍ଠାନରେ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯିବାର ବ୍ୟବସ୍ଥା ହେବ । ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଅଗ୍ରାଧିକାର ଦିଆଯିବା ସହିତ ସେମାନଙ୍କର ଆବଶ୍ୟକ ପଡୁଥିବା ଚଷମା ଆଦି ମଧ୍ୟ ସରକାର ଯୋଗାଇଦେବେ । ସମୀକ୍ଷା ଅବସରରେ ସୁନେତ୍ର ଯୋଜନାକୁ ତ୍ୱରାନିତ କରି ରାଜ୍ୟରେ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବାପାଇଁ ଡାକ୍ତର ମେହେର୍ଦ୍ଦା ପରାମର୍ଶ ଦେଇଛନ୍ତି ।

# ପ୍ରେମ ଭକ୍ତି ଧାମ : ନବଦ୍ୱୀପ ଓ ଶ୍ରୀଚୈତନ୍ୟ

ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ, ରାମ ରାମ ହରେ ହରେ।। ମାନବ ସମାଜକୁ ଉଚିତ ଶିକ୍ଷା ଦେବା ପାଇଁ ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣ ଶ୍ରୀଚୈତନ୍ୟ ମହାପ୍ରଭୁ ରୂପରେ ଅବତରଣ କରିଥିଲେ। ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପଦ ରଜରେ ନବଦ୍ୱୀପ ଧାମ ଧନ୍ୟ ହୋଇଛି। ତାଙ୍କର ଲୀଳାଖେଳା ଦର୍ଶନ କରିଛି ଓ ସୁନ୍ଦର ମହାମନ୍ତ୍ର ଶ୍ରବଣ କରିଛି ଏହି ପବିତ୍ର ଧାମ। ସେଠାକାର ପୁରପଲ୍ଲୀ ପବିତ୍ର ହୋଇଛି ମହାମନ୍ତ୍ର ଗୁଞ୍ଜରଣରେ। ଏପରି ଏକ ପବିତ୍ର ସ୍ଥାନ ଦର୍ଶନ କରିବାକୁ



ବହୁଦିନରୁ ଇଚ୍ଛା ଥିଲା। ଶେଷରେ ୨୦୧୫ ମସିହା ନଭେମ୍ବର ମାସରେ କାର୍ତ୍ତିକ ପୂର୍ଣ୍ଣିମା ସମୟରେ ସୁଯୋଗ ମିଳିଲା। କଟକରୁ ହାୱଡ଼ା ଯାତ୍ରାକରି ସେଦିନ ରେଳବାଇ ଅତିଥି ଭାବରେ ରାତ୍ରିଯାପନ କଲୁ। ତାପର ଦିନ କଲିକତା - ନବଦ୍ୱୀପ ଇଣ୍ଟର ସିଟି ଏକ୍ସପ୍ରେସ ଯୋଗେ ନବଦ୍ୱୀପ ଯାତ୍ରା କଲୁ। ନବଦ୍ୱୀପ ଧାମ ରେଳଷ୍ଟେସନ ହାୱାଡା ଠାରୁ ୧୦୫ କିମି ଦୂରରେ ଅବସ୍ଥିତ। ବିଷ୍ଣୁପ୍ରିୟା ରେଳଷ୍ଟେସନରେ ଓହ୍ଲାଇ ମଧ ନବଦ୍ୱୀପ ଯାତ୍ରା କରନ୍ତି। ଆସାମ, ବିହାର, ଓଡ଼ିଶା ତଥା କଲିକତାରୁ ଏଠାକୁ ରେଳଯାତ୍ରା ଅତ୍ୟନ୍ତ ସୁବିଧାଜନକ ଓ ପ୍ରାୟ ସବୁ ସମୟରେ ଉପଲବ୍ଧ। ଏଥିପାଇଁ ହାୱଡ଼ାରୁ ୧ଘଣ୍ଟା ୪୫ ମିନିଟ୍ ସମୟ ଲାଗେ। କଲିକତା, ବର୍ଦ୍ଧମାନ, ସିଲିଗୁଡ଼ି, ବଣ୍ଡେପୁର, ବାଙ୍କୁଡା ଇତ୍ୟାଦି ସ୍ଥାନରୁ ଏଠାକୁ ବସରେ ଯାତ୍ରା କରିହେବ। ଆମେ ନବଦ୍ୱୀପ ଧାମ ଷ୍ଟେସନରେ ପହଞ୍ଚି ଇଲେକ୍ଟ୍ରିକ୍ ଇଞ୍ଜିନ ବିଶିଷ୍ଟ ଅଟୋ ରିକ୍ସାରେ ମାୟାପୁର ଘାଟ ଗଲୁ। ସେଠାରୁ ବଡ଼ ବଡ଼ ଡଙ୍ଗା ଯୋଗେ ଗଙ୍ଗା ନଦୀ ପାରହେବାକୁ ପଡ଼େ। ଆମେ ଏକ ବଡ଼ ଡଙ୍ଗାରେ ବସି ହୁଲର ଘାଟରେ ଓହ୍ଲାଇ ଟାଙ୍ଗା ଧରି ମାୟାପୁରୀସ୍ଥିତ ଚନ୍ଦ୍ରୋଦୟ ଇସ୍କନ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କଲୁ। ଆମେ ମାୟାପୁରୀ ଠାରେ ଇସ୍କନ ମନ୍ଦିର ପରିସରରେ ଥିବା 'ଗଦାଭବନ'ରେ ଅବସ୍ଥାନ କଲୁ। ଏଠାରେ ରହିବା ଓ ଖାଇବା ବ୍ୟବସ୍ଥା ଅତ୍ୟନ୍ତ ସନ୍ତୋଷଜନକ। ଏହିଠାରୁ ଇସ୍କନ ମନ୍ଦିର, ଶ୍ରୀଚୈତନ୍ୟ ମଠ, ଶ୍ରୀଚୈତନ୍ୟଙ୍କ ଜନ୍ମସ୍ଥାନ, ଚାନ୍ଦକାଜି ସମାଧି, ଶ୍ରୀଜଗନ୍ନାଥ ମନ୍ଦିର, ଶ୍ରୀଧର ଅଞ୍ଚଳ, ଠାକୁର ଭକ୍ତିବିନୋଦଙ୍କ ବାସସ୍ଥାନ ଇତ୍ୟାଦି ସ୍ଥାନକୁ ପରିଦର୍ଶନ କଲୁ। କାର୍ତ୍ତିକପୂର୍ଣ୍ଣିମା ଦିନ ସକାଳୁ ଗଙ୍ଗାନଦୀରେ ନିଜେ କାଗଜ ଡଙ୍ଗା ତିଆରି କରି ଭସାଇଲୁ। ନୂତନ ହୋଇ ସୃଷ୍ଟି ହୋଇଥିବା ଏହି ଦ୍ୱୀପ ନବଦ୍ୱୀପ ନାମରେ ପରିଚିତ। ଆଉ କେତେକଙ୍କ ମତରେ ଏହି ଅଞ୍ଚଳ ନଅଟି ଛୋଟ ଛୋଟ ଦ୍ୱୀପର ସମାହାର ହୋଇଥିବାରୁ ନବଦ୍ୱୀପ ନାମରେ ଖାତି ଲାଭ କରିଛି। ଏହି ନଅଟି ଦ୍ୱୀପ ହେଲେ ଅର୍ନ୍ତଦ୍ୱୀପ, ସୀମାନ୍ତଦ୍ୱୀପ, ରୁଦ୍ରଦ୍ୱୀପ, ମଧ୍ୟଦ୍ୱୀପ, ଗୋଦ୍ରମୁଦ୍ୱୀପ, ଋତୁଦ୍ୱୀପ, ଜହ୍ନୁଦ୍ୱୀପ, ମୋଡ଼ାଦ୍ୱୀପ ଓ କୋଲାଦ୍ୱୀପ। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଏହି ଦ୍ୱୀପଗୁଡ଼ିକ ବିଚ୍ଛିନ୍ନ ହୋଇ ନବଦ୍ୱୀପ ଠାରୁ ଦୂର ଦୂରାନ୍ତରେ ରହି ଥିବାରୁ ନବଦ୍ୱୀପ ଅର୍ଥ ନୂତନ ଦ୍ୱୀପ ନାମକରଣ ଯଥାର୍ଥ ମନେହୁଏ।

ନବଦ୍ୱୀପ ସେନା ରାଜବଂଶର ପୁରାତନ ରାଜଧାନୀ ଥିଲା। ଶ୍ରୀଚୈତନ୍ୟଙ୍କ ଜନ୍ମର ବହୁ ପୂର୍ବରୁ ୧୧୫୯ରୁ ୧୨୦୨ ପର୍ଯ୍ୟନ୍ତ ବଲ୍ଲାଲ ସେନ୍ ଓ ତାପରେ ଲକ୍ଷ୍ମଣ ସେନ୍ ନବଦ୍ୱୀପରେ ରାଜଧାନୀ କରି ବଙ୍ଗଳାକୁ ଶାସନ କରୁଥିଲେ। ୧୨୦୨ ମସିହାରେ ବକ୍ତିୟାର ଖିଲ୍‌ଦି ନବଦ୍ୱୀପ ଆକ୍ରମଣ କରିଥିଲେ। ଲକ୍ଷ୍ମଣ ସେନ୍ ଭୟଭୀତ ହୋଇ ରାଜ୍ୟଛାଡ଼ି ଚାଲି ଯାଇଥିଲେ। ଫଳରେ ବଙ୍ଗଳା ମୁସଲମାନ ମାନଙ୍କ ଅଧୀନକୁ ଚାଲିଯାଇଥିଲା। ଜ୍ଞାନବିଜ୍ଞାନ କେନ୍ଦ୍ରରୂପେ ନବଦ୍ୱୀପ ମଧ ଯୁଗୀୟ ଭାରତରେ ଅଗ୍ରଣୀ ଥିଲା। ବର୍ତ୍ତମାନ ମଧ ସେଠାରେ ପୁରାତନ ସଂସ୍କୃତ ବିଦ୍ୟାଳୟମାନ ଦେଖିବାକୁ ମିଳେ। ଉଚ୍ଚକୋଟୀର ଦର୍ଶନ ଏବଂ ତର୍କଶାସ୍ତ୍ର ବିଦ୍ୟାରେ ନବଦ୍ୱୀପ ଏବେ ମଧ ସମଗ୍ର ଦେଶରେ ଖ୍ୟାତି ଲାଭ କରିଛି। ପୁନଶ୍ଚ ଏହି ପବିତ୍ର ପୀଠରେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଜନ୍ମଲାଭ କରି ବୈଷ୍ଣବ ଧର୍ମ ପ୍ରଚାର କରିଥିବାରୁ ଏହା ଏକ ଆଧାତ୍ମିକ ପୀଠର ମାନ୍ୟତା ଲାଭ କରିଛି। ତତ୍‌କାଳୀନ ଭକ୍ତି ଆନ୍ଦୋଳନର ଜଣେ ପୁରୋଧା ଭାବରେ ସମଗ୍ର ଭାରତ ବର୍ଷରେ ସାମାଜିକ ତଥା ଆଧାତ୍ମିକ ପରିବର୍ତ୍ତନ ଆଣିବା ପାଇଁ ସେ ଚେଷ୍ଟା କରିଥିଲେ। ତାଙ୍କର ଜୀବନକାଳ ଭିତରେ ନବଦ୍ୱୀପ ସମଗ୍ର ଭାରତରେ ବୈଷ୍ଣବ ତଥା ହିନ୍ଦୁମାନଙ୍କର ଏକ ତୀର୍ଥସ୍ଥାନ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ବୈଷ୍ଣବ ଦର୍ଶନ ଓ ମତବାଦର ପୁନଃ ପ୍ରତିଷ୍ଠା କରିବା, ଶିଷ୍ୟ ମାନଙ୍କୁ ବୈଷ୍ଣବବାଦ ଉପରେ ଶିକ୍ଷାଦାନ କରିବା ଓ ପୁସ୍ତକ ରଚନା କରି ବୈଷ୍ଣବ ଧର୍ମର ପ୍ରସାର କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତାଙ୍କ ପରେ ଭକ୍ତ ମାନଙ୍କ ମତାମତରେ ବିଭେଦ ଦେଖାଗଲା। ବୈଷ୍ଣବ ଗୁରୁମାନେ ନିଜ ନିଜ ଶୈଳୀରେ ବୈଷ୍ଣବ ଧର୍ମର ଦ୍ରୁତ ପ୍ରସାର ପାଇଁ ସମଗ୍ର ବିଶ୍ୱରେ ୬୪ଟି ଗୌଡ଼ୀୟ ମଠ ସ୍ଥାପନ କଲେ। ସେମାନେ ଦୁଇ ଭାଗରେ ବିଭକ୍ତ ହୋଇ ଗୋଟିଏ 'ଶ୍ରୀ ଚୈତନ୍ୟ ମଠ' ନାମରେ ଶ୍ରୀଲ ଭକ୍ତି ବିଳାଶ ତୀର୍ଥ ମହାରାଜଙ୍କ ଦ୍ୱାରା ଓ ଅନ୍ୟଟି 'ଗୌଡ଼ୀୟ ମିଶନ' ନାମରେ ଅନନ୍ତ ବାସୁଦେବ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହେଲା। ଅନନ୍ତ ବାସୁଦେବ ପ୍ରଭୁ ପରେ ଶ୍ରୀଲ ଶ୍ରୀମଦ୍ ଏହି ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ନାମରେ ୧୯୬୬ ମସିହାରେ ଓଝଉଡଙଘ (ଓଭ-ଶ୍ୱରକ୍ୱଭବଶ୍ୱସକ୍ଟଭବକ୍ଷ ଝକ୍ଟମସରଶ୍ୱଛ କ୍ଟଲ କକ୍ସସଶ୍ୱଷଭବ ଉକ୍ଟଭମସକ୍ଟଙ୍କଶ୍ୱଭରଶ୍ୱ) ପ୍ରତିଷ୍ଠା କରି ବୈଷ୍ଣବ ଧର୍ମର ପ୍ରଚାର କଲେ।

ନବଦ୍ୱୀପରେ ଅନେକ ମଠ ଓ ମନ୍ଦିର ଅବସ୍ଥିତ । ସେଥିମଧ୍ୟରେ 'ସୁନାର ଗୌରାଙ୍ଗ' ମନ୍ଦିର ଅନ୍ୟତମ। ଏହି ମନ୍ଦିରରେ ଶ୍ରୀ ଚୈତନ୍ୟଙ୍କ ସୁନାର ମୂର୍ତ୍ତି ଅବସ୍ଥାପିତ। ନବଦ୍ୱୀପ ସହରର ମଧ ଭାଗରେ ଅବସ୍ଥିତ 'ଯୋଗପୀଠ'। ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନ। ସେଠାରେ ଥିବା ନିମ୍ବ ବୃକ୍ଷ ଏବେ ମଧ ଦଣ୍ଡାୟମାନ। ସେଠାରେ 'ରାଧାରାଣୀ' ମନ୍ଦିରରେ ରାଧାଙ୍କର ମୂର୍ତ୍ତି ସୁନ୍ଦର ଅଳଙ୍କାର ଓ ଫୁଲରେ ସୁସଜ୍ଜିତ ହୋଇଥାଆନ୍ତି। ଏଠାରେ ଦିନରାତି ଅଖଣ୍ଡ ଭଜନ ଗାନ କରାଯାଏ। 'ଶ୍ରୀବାସ ଅଙ୍ଗନ'ରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମନ୍ଦିର ନବଦ୍ୱୀପର ଏକ ପବିତ୍ର ସ୍ଥାନ। ଏହିଠାରୁ ହିଁ ହରିନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଶ୍ରୀ ଚୈତନ୍ୟଙ୍କ ଜନ୍ମସ୍ଥାନରୁ ୧ କିମି ଦୂରରେ 'ଶ୍ରୀ ଚୈତନ୍ୟ ମଠ' ଅବସ୍ଥିତ। ଏହି ମଠ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ସ୍ଥାପନ କରିଥିଲେ। ଏହି ମଠ ଶ୍ରୀ ଚୈତନ୍ୟଙ୍କ ମାତା ଶଚୀ ଦେବୀଙ୍କ ଭଉଣୀ ଓ ତାଙ୍କ ସ୍ୱାମୀ ଚନ୍ଦ୍ରଶେଖରଙ୍କ ବାସସ୍ଥାନ ଥିଲା। ଏଠାରେ ଶ୍ରୀଲ ଭକ୍ତିସିଦ୍ଧାନ୍ତ ଏବଂ ଗୌର କିଶୋର ଦାସ ବାବାଜୀଙ୍କର ସମାଧି ଅବସ୍ଥିତ। ଶ୍ରୀ ଚୈତନ୍ୟମଠ ନିକଟରେ 'ମୁରାରୀ ଗୁପ୍ତା ମନ୍ଦିର'ରେ ସୀତାରାମ ଓ ହନୁମାନ ପୂଜା ପାଆନ୍ତି। ୧୮୮୭ ମସିହା ଡିସେମ୍ବର ମାସରେ ଠାକୁର ଭକ୍ତିବିନୋଦ ସ୍ୱାମୀ ଧ୍ୟାନାବସ୍ଥାରେ ଥିବାବେଳେ ଏକ ଅଲୌକିକ ନିର୍ଦ୍ଦେଶ ପାଇ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମସ୍ଥାନର ସନ୍ଧାନ ପାଇଲେ। ଅଷ୍ଟାଦଶ ଶତାବ୍ଦୀର ମ୍ୟାପ, ରେକର୍ଡ଼ ଆଦି ଅନୁସନ୍ଧାନ କରି ଏବଂ 'ଚୈତନ୍ୟ ଭାଗବତ' ଓ 'ନବଦ୍ୱୀପ ଧମା ପରିକ୍ରମା' ଇତ୍ୟାଦି ବହି ପଠନ କରି ତାଙ୍କର ଗୁରୁ ଶ୍ରୀଲ ଜଗନ୍ନାଥ ଦାସ ବାବାଜୀଙ୍କ ସାହାଯ୍ୟରେ ସେଠାରେ ପହଞ୍ଚିଲେ। ଏକାକୀ ଘର ଘର ବୁଲି ଅର୍ଥ ସଂଗ୍ରହ କରି ଭକ୍ତିବିନୋଦ ସ୍ୱାମୀ ଶ୍ରୀ ଚୈତନ୍ୟଙ୍କ ଜନ୍ମପୀଠରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କଲେ ଓ ଏହି ସ୍ଥାନରେ ଉନ୍ନତି ପାଇଁ ବହୁ ପରିଶ୍ରମ କରି ଅନେକ ମଠ ମନ୍ଦିରର ଜୀର୍ଣ୍ଣୋଦ୍ଧାର କରିଥିଲେ। ଏଠାକାର ମୁଖ୍ୟ ଆକର୍ଷଣ ହେଉଛି ଶ୍ରୀଲ ପ୍ରଭୁପାଦଙ୍କର 'ପୁଷ୍ପ ସମାଧି ମନ୍ଦିର'। ଏହା ମଧ୍ୟରେ ଶ୍ରୀଲ ପ୍ରଭୁପାଦଙ୍କର ଭାରତରେ ବୃହତ୍ତମ ପିତ୍ତଳ ମୂର୍ତ୍ତି ଅତ୍ୟନ୍ତ ଜୀବନ୍ତ ପ୍ରତୀୟମାନ ହୁଅନ୍ତି। ସମାଧି ମନ୍ଦିର ଅଗ୍ରଭାଗରେ ଥିବା ସୁନ୍ଦର ମାର୍ବଲ ଗମ୍ବୁଜ ଅତ୍ୟନ୍ତ ଆକର୍ଷଣୀୟ। ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟ କିରଣରେ



ଏହା ଅତି ଉଜ୍ଜ୍ୱଳ ଦେଖାଯାଏ। ଶ୍ରୀଚୈତନ୍ୟ ମହାପ୍ରଭୁ ବଙ୍ଗଳାର ନଦୀୟା ଜିଲ୍ଲାର ନବଦ୍ୱୀପରେ ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃଆରୀ ମାସ ୧୮ ତାରିଖରେ ଫାଲ୍‌ଗୁନ ମାସ ପୂର୍ଣ୍ଣିମା ତିଥିରେ ସନ୍ଧ୍ୟା ସମୟରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଜନ୍ମ ସମୟରେ ଚନ୍ଦ୍ର ଗ୍ରହଣ ହୋଇଥିଲା। ନଦୀୟାର ଲୋକମାନେ ଚନ୍ଦ୍ର ଗ୍ରହଣ ପରେ 'ହରିବୋଲ' ଧ୍ୱନି ଦେଇ ଗଙ୍ଗାସ୍ନାନ କରୁଥିଲେ। ତେଣୁ ତାଙ୍କ ଜନ୍ମ ସମୟରୁ ହିଁ 'ହରିବୋଲ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲା। ଶିଶୁ ଅବସ୍ଥାରେ ସେ ଯେତେବେଳେ କାନ୍ଦୁଥିଲେ ପଡ଼ୋଶୀ ସ୍ତ୍ରୀଲୋକମାନେ 'ହରିବୋଲ' ଧ୍ୱନି କଲେ ସେ ଚୁପ୍ ହୋଇଯାଉଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀ ଜଗନ୍ନାଥ ମିଶ୍ର ଓ ମାତାଙ୍କ ନାମ ଥିଲା ଶ୍ରୀମତୀ ଶଚୀ ଦେବୀ। ଶ୍ରୀ ଗୌରାଙ୍ଗ ପ୍ରତି ଆକର୍ଷିତ ହୋଇ ଅନେକ ଧର୍ମାତ୍ମା ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ। ସେମାନଙ୍କ ମଧ୍ୟରେ ଅଦ୍ୱୈତ ଆଚାର୍ଯ୍ୟ, ଶ୍ରୀବାସ, ନିତ୍ୟାନନ୍ଦ, ହରିଦାସ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହ ଯୋଗ ଦେଇ ବୈଷ୍ଣବ ଧର୍ମ ଓ ହରିନାମ ପ୍ରଚାର କଲେ। ଏହାପରେ ଶ୍ରୀ ଚୈତନ୍ୟ ଆଧାତ୍ମିକ ସାଧନ ନିମିତ୍ତ ବୃନ୍ଦାବନ ଯିବାକୁ ମାତାଙ୍କର ଅନୁମତି ପ୍ରାର୍ଥନା କଲେ। ଶଚୀମାତା ଅଦ୍ୱୈତ ଓ ଅନ୍ୟ ମାନଙ୍କ ସହ ପରାମର୍ଶ କରି ପୁତ୍ରକୁ ଶ୍ରୀ ଜଗନ୍ନାଥ ପୁରୀରେ ବାସ କରିବାକୁ କହିଲେ, କାରଣ ତଦ୍ୱାରା ସେ ପୁତ୍ରଙ୍କର ଖବର ବରାବର ପାଇପାରିବେ। ସେ ବୃନ୍ଦାବନରେ କିଛି ଦିନ ଅବସ୍ଥାନ କରି ନୌକାଯୋଗେ ଚବିଶ ପ୍ରଗଣା ଓ ମେଦିନୀପୁର ଯାତ୍ରା କକରି ତାପରେ ପଦବ୍ରଜରେ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ପୁରୀ ଯାତ୍ରା କଲେ। ଶ୍ରୀ ମନ୍ଦିରରେ ପ୍ରବେଶ କରିସେ ଜଗନ୍ନାଥଙ୍କ ସ୍ଥାନରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲେ। ଶ୍ରୀ ଚୈତନ୍ୟ ମହାପ୍ରଭୁ ପୁରୀରେ ଦୀର୍ଘ ୨୨ ବର୍ଷ ବିତାଇଲା ପରେ ଶ୍ରୀ ଜଗନ୍ନାଥଙ୍କ ଠାରେ ଲୀନ ହେବା ପାଇଁ ସ୍ୱୟଂ ଇଚ୍ଛା ପ୍ରକଟ କଲେ। ୧୫୫୩ ମସିହାରେ ରାଧୋତ୍ସବ ଦିନ ଜଗନ୍ନାଥ ମନ୍ଦିର ଗର୍ଭଗୃହରେ ପ୍ରବେଶ କରି ଅପଲକ ନେତ୍ରରେ ଚାହିଁ ରହି ସ୍ଥାଣୁ ପାଲଟିଗଲେ। ମନ୍ଦିର ଦ୍ୱାରମାନ ଆପେ ଆପେ ବନ୍ଦ ହୋଇଗଲା। ମନ୍ଦିର ଦ୍ୱାର ଖୋଲିଲା ପରେ ଦେଖାଗଲା ସେ ନିଜକୁ ଜଗନ୍ନାଥଙ୍କ ସହିତ ମିଶାଇ ଦେଇଥିଲେ, ତାଙ୍କର କୌଣସି ଅସ୍ତିତ୍ୱ ନଥିଲା। ମାନବ ସମାଜକୁ ଉଚିତ ଶିକ୍ଷା ଦେବା ପାଇଁ ପରମେଶ୍ୱର ଭଗବାନ ଶ୍ରୀକୃଷ୍ଣ ଶ୍ରୀ ଚୈତନ୍ୟ ମହାପ୍ରଭୁ ରୂପରେ ନବଦ୍ୱୀପ ଠାରେ ଅବତରଣ କରିଥିଲେ। କଳିଯୁଗ ପଥଭ୍ରଷ୍ଟ ମନୁଷ୍ୟ ପାଇଁ ସେ ଥିଲେ ତ୍ରାଣକର୍ତ୍ତା। ଦିବ୍ୟ ଶକ୍ତି ସମ୍ପନ୍ନ ଅନେକ ଅବତାର ଏ ଜଗତକୁ ଆସିଛନ୍ତି। କିନ୍ତୁ ଗୌରାଙ୍ଗ ଅବତାର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ପରି କେହି କେବେହେଲେ ଉଦାର ଭାବରେ ଭଗବତ୍ ପ୍ରେମ ବିତରଣ କରି ନାହାନ୍ତି। ଗୃହସ୍ଥାଶ୍ରମରେ ରହି, ସାମାଜିକ ପରିବେଶ ମଧ୍ୟରେ ନିଜର ଧନ୍ଦା କରି ଜଣେ କିପରି ଦିବ୍ୟ ଚେତନାରେ ଜୀବନ ଯାପନ କରିପାରିବ ଶ୍ରୀ ଚୈତନ୍ୟ ମହାପ୍ରଭୁ ଶିକ୍ଷା ଦେଇଥିଲେ। କୃଷ୍ଣ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଜନସମାଜକୁ ଶ୍ରୀ ଚୈତନ୍ୟଙ୍କ ବାଣୀ ଥିଲା - 'ଯୋଗ ନୁହେଁ, ଜ୍ଞାନ ନୁହେଁ, ନୁହେଁ ଦୟା ଧର୍ମ। ଅଧ୍ୟୟନ ଯେ ତ୍ୟାଗ, ନୁହେଁ ଆନ କର୍ମ, ଭକ୍ତି ଯେହ୍ନେ ବନ୍ଦୀ କରେ କୃଷ୍ଣ ଭଗବାନ।' ଧନ୍ୟ ନବଦ୍ୱୀପ, ଧନ୍ୟ ତାର ବରପୁତ୍ର ଶ୍ରୀ ଚୈତନ୍ୟ ମହାପ୍ରଭୁ, ଧନ୍ୟ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟ, ଧନ୍ୟ ତାର ସଂକୀର୍ତ୍ତନ ମଣ୍ଡଳୀ ଓ ଭକ୍ତମଣ୍ଡଳୀ। ଯେଉଁ ଭକ୍ତମାନେ ଏହି ପୀଠରେ ପାଦ ଦେଇଛନ୍ତି ସେମାନେ ମଧ ଧନ୍ୟ ହୋଇଯାଇଛନ୍ତି। ଏପରି ଏକ ପବିତ୍ର ସ୍ଥାନ ଦର୍ଶନ କରି ନିଜକୁ ଧନ୍ୟ ମନେ କରୁଛି। ପାଠକମାନେ ସୁବିଧା ସୁଯୋଗ ନେଇ ନବଦ୍ୱୀପ ଯାତ୍ରା କରି ନିଜକୁ ଧନ୍ୟ କରନ୍ତୁ। 'ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ, ହରେକୃଷ୍ଣ ହରେରାମ ଶ୍ରୀରାଧେ ଗୋବିନ୍ଦ।'



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ
*ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*

# ନଭେମ୍ବର ୧୨ରୁ ଐତିହାସିକ ବାଲିଯାତ୍ରା

## ସ୍ୱଚ୍ଛତା, ପ୍ଲାଷ୍ଟିକ ମୁକ୍ତ ଓ ପରିମଳ ବ୍ୟବସ୍ଥାର ସୁପରିଚାଳନା ଉପରେ ଗୁରୁତ୍ୱ

କଟକ : ଜିଲ୍ଲାପାଳଙ୍କ ନୂତନ ସଭାବନା ସଭାଗୃହରେ ଚଳିତ ବର୍ଷ ଐତିହାସିକ ବାଲିଯାତ୍ରା କଟକ ଉତ୍ସବ ପାଳନ ନିମନ୍ତେ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ, ଜିଲ୍ଲା ସଂସ୍କୃତି ପରିଷଦ ତଥା କଟକ ମହାନଗର ନିଗମର ମିଳିତ ଆୟୋଜନରେ ଅନୁଷ୍ଠିତ ହୋଇଆସୁଥିବା ଏହି ଉତ୍ସବ ଚଳିତ ବର୍ଷ ନଭେମ୍ବର ୧୨ରୁ ୧୯ ତାରିଖ, ୮ ଦିନ ଧରି ଅନୁଷ୍ଠିତ ହେବାକୁ ପ୍ରସ୍ତାବ ରଖାଯାଇଛି । ରାଜ୍ୟ ସରକାରଙ୍କ ମୋ ସରକାର ଓ ୫ଟି ଆଧାରରେ ଜିଲ୍ଲାରେ ସମ୍ପୃକ୍ତ ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରି ଏକ ନୂଆ ରୂପରେଖରେ ବାଲିଯାତ୍ରାକୁ ଶାନ୍ତି ଶୃଙ୍ଖଳା ଓ ସରସ ସୁନ୍ଦର ଭାବେ ଅନୁଷ୍ଠିତ କରାଯିବା ନେଇ ବୈଠକରେ ଜିଲ୍ଲାପାଳ ପ୍ରକାଶ କରିଥିଲେ । ବୈଠକରେ ମୁଖ୍ୟତଃ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପ୍ରଦର୍ଶନୀ ଆୟୋଜନ ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ବାଲିଯାତ୍ରା ପଡିଆକୁ ଚତୁପାର୍ଶ୍ୱରୁ ସଂଯୋଗ କରୁଥିବା ରାସ୍ତା ଗୁଡିକର ମରାମତି ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହିତ ସିଏମସି ଅସ୍ଥାୟି ରାସ୍ତା ଗୁଡିକ ସମତଳ ପାଇଁ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା । ବାଲିଯାତ୍ରା ପଡିଆ ଭିତରେ ଯାତାୟତ ସୁବିଧା ନିମନ୍ତେ ବେଟେରି ଚାଳିତ ଯାନ ବ୍ୟବହାର ପାଇଁ ପର୍ଯ୍ୟଟନ ଓ ଜଙ୍ଗଲ ବିଭାଗ ସହାୟତା ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ପ୍ରତ୍ୟେକ ଷ୍ଟଲ, କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ସହ ଲାଇସେନ୍ସଧାରୀ ପ୍ରତି ଷ୍ଟଲରେ ନିଜସ୍ୱ ଖର୍ଚ୍ଚରେ ଡଷ୍ଟବିନ୍ ରଖିବାକୁ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତି ହୋଇଛି । ବାଲିଯାତ୍ରାରେ ଲାଇସେନ୍ସ ପ୍ରାପ୍ତ ଷ୍ଟଲଧାରୀ ବୁଲା ବିକାଳୀ ବା ଅନ୍ୟ କାହାରିକୁ ଚୋରାରେ ବିଦ୍ୟୁତ୍ ଯୋଗାଇଲେ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ । ସୁରକ୍ଷା ଦୃଷ୍ଟିରୁ ବାଲିଯାତ୍ରାରେ ବସୁଥିବା ଛୋଟ ଛୋଟ ଦୋକାନୀ ଓ ବୁଲା ବିକାଳୀମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଭେଣ୍ଡିଂ ଜୋନ କରାଯିବା । ଭେଣ୍ଡିଂ ଜୋନ ବାହାରେ ବ୍ୟବସାୟୀଙ୍କୁ ବସିବା ପାଇଁ ଅନୁମତି ନ ଦିଆଯିବା ସହିତ ସେମାନଙ୍କଠାରୁ କୌଣସି ମାହାସୁଲ ନିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତି ନିଆଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ଚଢାଉ ସ୍କ୍ୱାର୍ଡ ବା ଯାଂଚକାରୀ ଦଳ ଏବଂ ପୋଲିସ୍ ସ୍କ୍ୱାର୍ଡ ତରଫରୁ ଏକ ଟିମ ନିୟୋଜିତ



ରହି କାର୍ଯ୍ୟ କରିବେ । ଚଳିତ ବର୍ଷ କଟକ ମହାନଗର ନିଗମ ତରଫରୁ ବାଲିଯାତ୍ରାରେ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ବୈଠକରେ ଯୋଗଦେଇ ମହାନଗର ନିଗମ ଆୟୁକ୍ତ ଅନନ୍ୟା ଦାସ ପ୍ରକାଶ କରିଛନ୍ତି । ବାଲି ଯାତ୍ରା ସମୟରେ ଖାଦ୍ୟର ମାନ ଯାଂଚ କରିବା ପାଇଁ ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ୪ଟି ଯାଂଚ ଦଳ ରହିବେ ବୋଲି କମିଶନର ପ୍ରକାଶ କରିଥିଲେ । ଏତଦ୍‌ବ୍ୟତୀତ, କଟକ ମହାନଗର ତରଫରୁ ବାଲିଯାତ୍ରା ପାଇଁ କରାଯାଉଥିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହିତ ବାଲିଯାତ୍ରାରେ ନିୟମିତ ସଫେଇ ଓ ବାଲିଯାତ୍ରା ପରେ ବାଲିଯାତ୍ରା ପଡିଆରେ ଜମି ରହୁଥିବା ଅବଶେଷକୁ ନଦୀ ପଠାରେ ନିକ୍ଷେପ ନ କରାଯାଇ ନଦୀ ବାହାରେ ଅନ୍ୟତ୍ର ସିଏମ୍‌ସି ତରଫରୁ ଚିହ୍ନଟ ହୋଇଥିବା ସ୍ଥାନରେ ପକାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ବାଲିଯାତ୍ରାରେ ତଳ ପଡିଆ ଓ ଉପର ପଡିଆରେ ଆବଶ୍ୟକ ସଂଖ୍ୟକ ସିସି ଟିଭି କ୍ୟାମେରା ଲଗାଯିବା, ପୋଲିସ୍ ପ୍ରଶାସନ, ଓରମାସ ତରଫରୁ ଆବଶ୍ୟକୀୟ ୱାଚ୍ ଟାୱାର ବ୍ୟବସ୍ଥା, ସାମୟିକ ଭାବେ ବାଲିଯାତ୍ରାରେ ପିଲାମାନେ ହଜିଗଲେ ଶିଶୁ ପ୍ରଯତ୍ନ ଅନୁଷ୍ଠାନରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ରଖାଯିବା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଅସ୍ଥାୟୀ ସୂଚନା କେନ୍ଦ୍ର କରାଯିବ । ପ୍ରତି ଷ୍ଟଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ସେବା ବିଭାଗୀୟ ଗାଡି ସୁବିଧାରେ ଯାତ୍ରା ସ୍ଥଳକୁ ଯିବା ପାଇଁ ଯାତାୟତ ନିମନ୍ତେ ପ୍ରଶସ୍ତ ରାସ୍ତାର ସୁବିଧା ରଖାଯିବା ସଂପର୍କରେ ବୈଠକରେ ନିଷ୍ପତି ହୋଇଥିଲା । ପ୍ରକାଶ ଥାଉକି ବାଲିଯାତ୍ରାରେ ବୃହତ ଷ୍ଟଲ ପାଇଁ ଆବେଦନକାରୀ ନିର୍ଦ୍ଧାରିତ ସମୟରେ ଜିଲ୍ଲାପାଳଙ୍କ ବାଲିଯାତ୍ରା କାର୍ଯ୍ୟାଳୟରେ ଏବଂ ଛୋଟ ଛୋଟ ଷ୍ଟଲ ପାଇଁ ଗଡଗଡିଆ ମନ୍ଦିର ନିକଟ ଅସ୍ଥାୟୀ କ୍ୟାମ୍ପରେ ଆବେଦନ କରିବା ପାଇଁ ବ୍ୟବସ୍ଥା କରାଯାଉଛି । ବାଲିଯାତ୍ରାରେ ସ୍ୱତନ୍ତ୍ର ଟ୍ରାଫିକ ଆଉଟ୍ ପୋଷ୍ଟ ବ୍ୟବସ୍ଥା ଏବଂ ଉପର ଓ ତଳ ପଡିଆରେ ଟଏଲଟ୍ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତି କରାଯାଇଛି । ବାଲିଯାତ୍ରାରେ ଲାଇସେନ୍ସପ୍ରାପ୍ତ ଷ୍ଟଲଧାରୀ ବୁଲା ବିକାଳୀ ବା ଅନ୍ୟ କାହାରିକୁ ଚୋରାରେ ବିଦ୍ୟୁତ୍ ଯୋଗାଇଲେ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ । ପୂର୍ତ୍ତ ବିଭାଗ, ଜିଇଡି ତରଫରୁ ପ୍ରତିଦିନ ଷ୍ଟଲଗୁଡିକର ନିରାପତା ସଂପର୍କରେ ଯାଂଚ କରାଯାଇ ଜିଲ୍ଲାପାଳଙ୍କୁ ବିବରଣୀ ପ୍ରଦାନ କରିବେ । ବାଲିଯାତ୍ରାରେ ଦର୍ଶକ ମାନଙ୍କୁ ଅକର୍ଷଣ କରିବା ପାଇଁ ଉନ୍ନତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ସ୍ଥାନୀୟ କଳା ଅନୁଷ୍ଠାନ ମାନଙ୍କୁ ସୁଯୋଗ ଦିଆଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ ଜକରିଥିଲେ । ଚଳିତ ବର୍ଷର ବାଲିଯାତ୍ରା ସମସ୍ତଙ୍କ ସହଯୋଗରେ ଯେପରି ଭଲ ଭାବରେ ଅନୁଷ୍ଠିତ ହୋଇପାରିବ, ସେଥିପାଇଁ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ସତ୍ୟବ୍ରତ ଛୋଟରାୟ, କଟକ ସଦର ଉପଜିଲ୍ଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ସଦର ତହସିଲଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



# ଜେପିଏସ ଚାୱଲା ହେଲେ ମହାଲେଖା ନିୟନ୍ତ୍ରକ



**ନୂଆଦିଲ୍ଲୀ,(ପିଆଇବି):** ଜେପିଏସ ଚାୱଲା ଅର୍ଥ ମନ୍ତ୍ରଣାଳୟ ବ୍ୟୟ ବିଭାଗରେ ନୂତନ ମହାଲେଖା ନିୟନ୍ତ୍ରକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୧୯୮୫ ବ୍ୟାଚର ଭାରତୀୟ ସିଭିଲ ଲେଖା ସେବା ଅଧିକାରୀ ଶ୍ରୀ ଚାୱଲାଙ୍କୁ ଭାରତ ସରକାର ନିୟମିତ ଆଧାରରେ ଅକ୍ଟୋବର ୧୫, ୨୦୧୯ରୁ ଅର୍ଥ ମନ୍ତ୍ରଣାଳୟର ବ୍ୟୟ ବିଭାଗରେ ମହାଲେଖା ନିୟନ୍ତ୍ରକ ଭାବେ ନିଯୁକ୍ତ କରିଛନ୍ତି। ତେବେ ଶ୍ରୀ ଚାୱଲା ସେପ୍ଟେମ୍ବର ୧, ୨୦୧୯ରୁ ସିଜିଏ ଭାବେ କାର୍ଯ୍ୟ କରିଆସୁଛନ୍ତି। ଶ୍ରୀ ଚାୱଲା ଦିଲ୍ଲୀ କଲେଜ ଅଫ ଇଞ୍ଜିନିୟରିଂରୁ ମେକାନିକାଲ ଇଞ୍ଜିନିୟରିଂରେ ସ୍ନାତକ କରିଥିଲେ। ସିଭିଲ ସେବାକୁ ଆସିବା ପୂର୍ବରୁ ସେ ଚାରି ବର୍ଷ ପାଇଁ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ (ଇଆଇଏଲ)ରେ କାର୍ଯ୍ୟ କରିଛନ୍ତି। ନିଜର ୩୪ ବର୍ଷର କ୍ୟାରିଅରରେ ସେ ପ୍ରସାର ଭାରତୀ, ସହରୀ ବିକାଶ, ନାଗରିକ ଉଡ୍ଡୟନ ଏବଂ ପର୍ଯ୍ୟଟନ ଓ କୃଷି ଭଳି ଅନେକ ମନ୍ତ୍ରଣାଳୟ/ବିଭାଗର ବିଭିନ୍ନ ପଦରେ କାର୍ଯ୍ୟ କରିଛନ୍ତି। ସେ ଦିଲ୍ଲୀ ବିକାଶ ପ୍ରାଧିକରଣ (ଡିଡିଏ), ଇନ୍ଦ୍ରପ୍ରସ୍ଥ ପାୱାର ଜେନେରେସନ କମ୍ପାନୀ ଲିମିଟେଡ (ଆଇପିଜିସିଏଲ) ଓ ପ୍ରଗତି ପାୱାର ଲିମିଟେଡ (ପିପିଏଲ)ରେ ନିର୍ଦ୍ଦେଶକ (ଅର୍ଥ) ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସିଜିଏ ପଦଭାର ସମ୍ଭାଳିବା ପୂର୍ବରୁ ଶ୍ରୀ ଚାୱଲା ମୁଖ୍ୟ ଲେଖା ନିୟନ୍ତ୍ରକ, ସିବିଆଇସି ଭାବେ କାର୍ଯ୍ୟ କରିଥିଲେ, ଯେଉଁଠାରେ କି ସେ ଜିଏସଟି ଲାଗୁହେଲା ପୂର୍ବରୁ ଜିଏସଟି ନେଟୱର୍କ (ଜିଏସଟିଏନ)ର ଲେଖା ପ୍ରକ୍ରିୟା ଓ ପରିଚାଳନାକୁ ଅନ୍ତିମ ରୂପ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ସରକାରୀ ଆର୍ଥିକ ପ୍ରବନ୍ଧନ ପ୍ରଣାଳୀ (ପିଏଫଏମଏସ) ସହିତ ସିବିଆଇସିର ଆଇଜିଏସଟି ରିଫଣ୍ଡ ଦେୟ ନେଟୱର୍କ ଏକୀକରଣରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ, ଯାହାକି ଭାରତ ସରକାରଙ୍କ ନିର୍ଣ୍ଣୟର ଅଂଶବିଶେଷ ଭାବେ ସମସ୍ତ ସରକାରୀ ରସିଦ ଓ ଦେୟକୁ ମହାଲେଖା ନିୟନ୍ତ୍ରକ କାର୍ଯ୍ୟାଳୟର ପିଏଫଏମଏସ ପୋର୍ଟାଲ ମାଧ୍ୟମରେ ଡିଜିଟାଲାଇଜେସନ କରିବା ପାଇଁ କରାଯାଇ ଥିଲା।

# ଜେଲରେ ନୂଆ ନିୟମ
# ରେକର୍ଡ ହେବ କଏଦୀଙ୍କ ଫୋନ୍ କଲ



**ଭୁବନେଶ୍ୱର:** ଜେଲ୍‌ରେ ରହୁଥିବା କଏଦୀମାନେ ଏଣିକି ଆଉ ଘଣ୍ଟା ଘଣ୍ଟା କିମ୍ବା ଏକାଧିକ ସମ୍ପର୍କୀୟଙ୍କ ସହ ଫୋନରେ କଥା ହୋଇପାରିବେନି। କାରଣ ଖୁବଶୀଘ୍ର ଜେଲରେ ଏଆର୍‌ସିଏସ ବା ଅଟୋମେଟିକ ରେଷ୍ଟ୍ରିକ୍ଟେଡ କଲିଂ ସିଷ୍ଟମ କାର୍ଯ୍ୟକାରୀ କରାଯିବ। ଏହି ବ୍ୟବସ୍ଥା ଅନୁସାରେ କଏଦୀଙ୍କ ଫୋନ କଲ ଉପରେ ଅଙ୍କୁଶ ଲାଗିବା ସହ ସମସ୍ତ ତଥ୍ୟ ରେକର୍ଡିଂ କରାଯିବ। ଜେଲ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ଏଆର୍‌ସିଏସ ବା ଅଟୋମେଟିକ ରେଷ୍ଟ୍ରିକ୍ଟେଡ କଲିଂ ସିଷ୍ଟମ କାର୍ଯ୍ୟକାରୀ କରାଯିବାକୁ ଯୋଜନା କରାଯାଇଛି। ସରକାରୀ ମଞ୍ଜୁରୀକୁ ଅପେକ୍ଷା କରାଯାଇଛି। ସରକାରୀ ଅନୁମତି ମିଳିବା ପରେ ଏହା କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ କଟକ ଚୌଦ୍ୱାର ଓ ଭୁବନେଶ୍ୱର ଝାରପଡ଼ା ଜେଲରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କଏଦୀଙ୍କ ଗତିବିଧି ଓ ଜେଲରେ ଶୃଙ୍ଖଳା ଆଣିବା ଲାଗି ଏହି ବ୍ୟବସ୍ଥା ବେଶ୍ ସହାୟକ ହେବ। ଏହି ବ୍ୟବସ୍ଥା ତିହାର ଜେଲରେ କାର୍ଯ୍ୟକାରୀ କରାଯାଇ ସଫଳତା ହାସଲ କରିଥିବା ବେଳେ ଓଡ଼ିଶାରେ ଏହା ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବ୍ୟବସ୍ଥା ଅନୁସାରେ, ଜେଲରେ ପିସିଓ ବୁଥ ଭଳି ଅଟୋମେଟିକ ରେଷ୍ଟ୍ରିକ୍ଟେଡ କଲିଂ ଡିଭାଇସ ଲଗାଯିବ। ଉକ୍ତ ଡିଭାଇସରେ ପ୍ରତି କଏଦୀଙ୍କର ୩ଜଣ ସମ୍ପର୍କୀୟଙ୍କ ନମ୍ବର ଫିଡିଂ କରାଯିବ। ଡିଭାଇସରେ ଯେଉଁ ନମ୍ବର ଫିଡିଂ ଥିବା ଉକ୍ତ ନମ୍ବରକୁ ପ୍ରତି ସପ୍ତାହରେ କଏଦୀମାନେ ସର୍ବାଧିକ ୩ଥର କଥା ହୋଇପାରିବେ। ଡିଭାଇସରେ ଥିବା ନମ୍ବର କାହାର ଓ କଏଦୀଙ୍କ ସହ ତାଙ୍କର କି ସମ୍ପର୍କ ରହିଛି, ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ସେମାନେ କାହା ସହିତ କଥା ହେଉଛନ୍ତି, କ'ଣ କଥା ହେଉଛନ୍ତି ତାହା ଜାଣିବା ଲାଗି କଲ ରେକର୍ଡିଂ କରାଯିବ। ଯେଉଁମାନଙ୍କ ସହ କଥା ହେଲେ ସେମାନଙ୍କର କୌଣସି ଅପରାଧିକ ରେକର୍ଡ ଅଛି କି ନାହିଁ, ତାହାର ଅନୁଧ୍ୟାନ କରାଯିବ। ବିଶେଷ କରି ଫୋନ କଲ ଲାଗି ଏକ ସମୟ ନିର୍ଘଣ୍ଟ କରାଯିବ। ସବୁ କଏଦୀ ଯେପରି କଥା ହୋଇପାରିବେ, ସେ ନେଇ ଚେଷ୍ଟା କରାଯିବ। ପୂର୍ବରୁ ଜେଲ୍‌ରେ କଏଦୀମାନେ କେଉଁମାନଙ୍କ ସହ କଥା ହେଉଥିଲେ, ତାହାର କୌଣସି ରେକର୍ଡ ରହୁନଥିଲା। କେବଳ କାଗଜରେ ନମ୍ବର ଲେଖି ଜେଲ କର୍ତ୍ତୃପକ୍ଷଙ୍କୁ ଜଣାଇଲେ, ସେମାନଙ୍କୁ ଫୋନ କରିବାର ସୁଯୋଗ ମିଳୁଥିଲା। ଏପରିକି ଜେଲରେ ଆଧିପତ୍ୟ ଜାହିର କରୁଥିବା ହାର୍ଡକୋର ଅପରାଧୀମାନେ ଘଣ୍ଟାଘଣ୍ଟା ଧରି ଫୋନରେ କଥା ହେଉଥିବା ଅଭିଯୋଗ ଆସିଥିଲା। ତେଣୁ ଏହାକୁ ବିଶେଷ ଧ୍ୟାନ ଦିଆଯାଇ ସମୟକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ଅନେକ ସମୟରେ ଜେଲ ଭିତରୁ ଅପରାଧୀମାନେ ନେଟୱର୍କ ଚଳାଉଥିବା ନଜିର ରହିଛି। ଦାଦାବଟି, ଅପହରଣ ଓ ହତ୍ୟା ଷଡ଼ଯନ୍ତ୍ର ରଚନା କରାଯାଇଥିବା ଜଣାପଡିଛି। ତେଣୁ ଏଭଳି ଅପରାଧ ରୋକିବାକୁ ଜେଲ କର୍ତ୍ତୃପକ୍ଷ ଏପରି ବ୍ୟବସ୍ଥା ଆପଣାଇଛନ୍ତି। ଅପରପକ୍ଷରେ ଦେଶର କେତେକ ରାଜ୍ୟ ଯଥା ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟରେ ଥିବା ବିଭିନ୍ନ ଜେଲରେ ବିଶୃଙ୍ଖଳା ଓ ଅପରାଧିକ କାର୍ଯ୍ୟକଳାପ ମାତ୍ରା ଅଧିକ ରହିଛି। ଜେଲ୍‌ରୁ ଅପରାଧୀମାନେ ନିଜର ଅପରାଧ ନେଟୱର୍କ ଚଳାଉଛନ୍ତି। ତେଣୁ ଓଡ଼ିଶାର ଜେଲର ସ୍ଥିତି କ'ଣ ରହିଛି, ସେନେଇ ରିପୋର୍ଟ ଦେବାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିକଟରେ ରାଜ୍ୟ ସରକାରଙ୍କ ଏକ ଚିଠି କରିଛି। ତେବେ ରିପୋର୍ଟ ଦେବା ପୂର୍ବରୁ ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ କରିବାକୁ ବିଭାଗ ଚିନ୍ତା କରୁଛି।

# ୨୦୨୦ ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ପ୍ଲାଷ୍ଟିକ୍ ବନ୍ଦ



**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାଜ୍ୟର ସବୁ ଗ୍ରାମାଞ୍ଚଳରେ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ୍ ବନ୍ଦ ହେବ। ଏହାସହ ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏ ପ୍ଲାଷ୍ଟିକ ପ୍ରକ୍ରିୟାକରଣ କେନ୍ଦ୍ର ଖୋଲାଯିବ। ପ୍ରଧାନମନ୍ତ୍ରୀ ନିଯୁକ୍ତି ଯୋଜନା ମାଧ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟ କରାଯିବ। ଏନେଇ ଶିଳ୍ପ ବିଭାଗକୁ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାଷ୍ଟିକ ବର୍ଜ୍ୟର ସୁପରିଚାଳନା ପାଇଁ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। କାଗଜ ବ୍ୟାଗ ତିଆରି କରିବା ପାଇଁ ଜିଲ୍ଲାୱାରୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ଜଙ୍ଗଲ ବିଭାଗ ସ୍ୱତନ୍ତ୍ର ସଚିବ କେ ମୁରୁଗେସନ ସୂଚନା ଦେଇଛନ୍ତି। ସେପଟେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବ୍ୟବହାର ବଢ଼ାଇବା ପାଇଁ ଏହାର ବୈଷୟିକ, ଆର୍ଥିକ ଓ କାର୍ଯ୍ୟାନ୍ୱୟନ ସମ୍ବନ୍ଧିତ ସବିଶେଷ କାର୍ଯ୍ୟପନ୍ଥା ଏବଂ ଗାଇଡ୍ ଲାଇନ୍ ପ୍ରସ୍ତୁତ କରିବା ନେଇ ନିଷ୍ପତ୍ତି ନିଆଯାଇଛି। ରାସ୍ତା ନିର୍ମାଣରେ ପ୍ରୟୋଗ ନିମନ୍ତେ ପ୍ଲାଷ୍ଟିକ୍‌ର ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାକରଣ ଆବଶ୍ୟକ। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ବ୍ୟାନ ନେଇ ନିଷ୍ପତ୍ତି ନେଇଛି। ଗତ ଅକ୍ଟୋବର ୨ ତାରିଖରୁ ସମସ୍ତ ପୌରାଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକ୍ ବ୍ୟାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ୨୦୨୦ ଅକ୍ଟୋବର ୨ ତାରିଖରୁ ସାରା ରାଜ୍ୟରେ ପ୍ଲାଷ୍ଟିକ ବନ୍ଦ ନେଇ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏନେଇ ଏକ ସବିଶେଷ ପ୍ରସ୍ତାବ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସରକାରଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ ହେବା ବୋଲି ଜଣାପଡିଛି। ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ୫ଟି ସହରାଞ୍ଚଳରେ ପ୍ଲାଷ୍ଟିକ ବ୍ୟାନ କରାଯାଇଥିବା ବେଳେ ଏହାକୁ କଡ଼ାକଡ଼ି କରିବା ପାଇଁ ସରକାର ଚଳିତ ବର୍ଷ ଅକ୍ଟୋବର ୨ ତାରିଖରୁ ଘୋଷଣା କରିଥିଲେ। ପ୍ଲାଷ୍ଟିକ ବ୍ୟାନ କାର୍ଯ୍ୟକାରୀ ହେବା ସଚେତନତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛି। ତେଣୁ ସରକାର ଏଥର ଏହି ଦିଗକୁ ଅଧିକ ଧ୍ୟାନ ଦେଉଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଷ ବିଭାଗର ନିଷ୍ପତ୍ତି ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରି ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରାଯାଇଛି। ସରକାରୀ ଅଫିସ ଗୁଡ଼ିକରେ ପ୍ଲାଷ୍ଟିକ ପାଣି ବୋତଲ, ପ୍ଲାଷ୍ଟିକ କପ୍ ଓ ପ୍ଲେଟ୍ ବ୍ୟବହାର ବନ୍ଦ କରାଯାଇଛି। ପ୍ରତିଦିନିଆ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ଫୋଲ୍ଡର ଓ ପ୍ଲାଷ୍ଟିକ ବ୍ୟାନର ବ୍ୟବହାର ନକରିବା ଦିଗରେ ସମ୍ପୃକ୍ତ ବିଭାଗ ଧ୍ୟାନ ଦେବା ଉଚିତ ବୋଲି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

# କେବେ ଶେଷ ହେବ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପଥ ?



**ସୋନପୁର:** ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ। ବଲାଙ୍ଗିର, ସୋନପୁର, ବୌଦ୍ଧ ଜିଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ହେଉଛି ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ। ପଶ୍ଚିମ ଓଡ଼ିଶା ସହ ଉପକୂଳ ଓଡ଼ିଶାକୁ ଯୋଡିବାର ଏକ ମାଧ୍ୟମ। ଦୁଇ ଦଶନ୍ଧିରୁ ଊର୍ଦ୍ଧ ହେବ ଏହି ପ୍ରକଳ୍ପ ପାଇଁ ଜାରି ରହିଛି ସଂଘର୍ଷ। ଖୋର୍ଦ୍ଧା ପଟୁ ପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇଥିବା ବେଳେ ବଲାଙ୍ଗିର ପଟୁ ଯେଉଁଭଳି ଆଗେଇବା କଥା ତାହା ହୋଇ ନଥିବା ଅଭିଯୋଗ ହେଉଥିଲା। ସୋନପୁର ଓ ବୌଦ୍ଧ ଜିଲା ବେଶ ଆଶାବାଦୀ ଏହି ପ୍ରକଳ୍ପକୁ ନେଇ। ଗତ ଜାନୁଆରି ୧୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗିରରୁ ୧୬ କିଲୋମିଟର ଦୂର ବିଚ୍ଛୁପ ।ଲି ଯାଏ ବଲାଙ୍ଗିର-ଖୋର୍ଦ୍ଧା ରେଳ ପ୍ରକଳ୍ପର ଶୁଭାରମ୍ଭ କଲେ। ୧୬ କିଲୋମିଟର ମଧ୍ୟରେ ଦୁଇଟି ଟ୍ରେନ ଚଳାଚଳ କରୁଛି। ଗତ ୮ ମାସ ମଧ୍ୟରେ ମାତ୍ର ୨୫ଶହ ଟିକେଟ ବିକ୍ରି ହୋଇଥିବା ବେଳେ ୨୪ ହଜାର ଟଙ୍କା ଆୟ ହୋଇଛି। କ୍ଷତିରେ ଚାଲିଛି ଏହି ରେଳପଥରେ ଚାଲିଥିବା ଟ୍ରେନ। ଅନ୍ୟପଟେ ବଲାଙ୍ଗିର ପଟୁ ମଧ୍ୟ ଯୁଦ୍ଧକାଳୀନ ଭାବେ ବିଚ୍ଛୁଲି ଯାଏ ଟ୍ରେନ କାମ କରାଯାଇଛି। କିନ୍ତୁ ବିଶେଷ ସମସ୍ୟା ହେଉଛି ଜଙ୍ଗଲ ଜମି ଅଧିଗ୍ରହଣ। ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟ ସରକାର ଜଙ୍ଗଲ ଜମି ଯୋଗାଇ ଦେବାରେ ସଠିକ ସହଯୋଗ କରୁନାହାନ୍ତି ବୋଲି ଶୁଣାଯାଏ ।ସୋନପୁର ଓ ବୌଦ୍ଧ ଜିଲାରେ ଅଧିକାଂଶ ଜଙ୍ଗଲ ଜମି ଥିବା ବେଳେ ଏହା ଅଧିଗ୍ରହଣ କରିବା ରେଳ ବିଭାଗ ପାଇଁ ଅଡୁଆ ହେଉଛି। ଏପରି ସ୍ଥିତିରେ ୨୦୨୧ ସୁଦ୍ଧା ପ୍ରକଳ୍ପ କାମ ଶେଷ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି । ଇତିମଧ୍ୟରେ ଭୁବନେଶ୍ୱରରୁ ନୟାଗଡକୁ ସେବା ଏକ୍ସପ୍ରେସ ଟ୍ରେନ ଚଳାଚଳ ଶୁଭାରମ୍ଭ କରିଛି ରେଳବାଇ। ଯାହା ଦ୍ୱାରା ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପକୁ ଇନ୍ଧନ ମିଳିଛି। ନୟାଗଡ ଯାଏ ଏହି ଟ୍ରେନ ଚାଲିବ କିନ୍ତୁ ତାହା ବୌଦ୍ଧ,ସୋନପୁର ଦେଇ ବଲାଙ୍ଗିର କେବେ ପହଞ୍ଚିବ ତାକୁ ନେଇ ଲୋକଙ୍କ ମଧ୍ୟରେ ସନ୍ଦେହ ରହିଛି। ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ତୁରନ୍ତ ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଏଥିରେ କେତେ ଆନ୍ତରିକତା ଦେଖାଇବେ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିଧାୟକଙ୍କ ପାଇଁ ନିର୍ମାଣ ହେବ ଅତ୍ୟାଧୁନିକ ଗୃହ; ଖର୍ଚ୍ଚ ହେବ ୪୦୦ କୋଟି



**ଭୁବନେଶ୍ୱର :** ଭୁବନେଶ୍ୱର ସ୍ଥିତ ଏମ୍‌ଏଲ୍‌ଏ କଲୋନୀର କିଛି ଅଂଶକୁ ଭଙ୍ଗାଯାଇ ସେଠାରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯିବ। ପ୍ରାୟ ୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି କୋଠାରେ ବିଧାୟକମାନଙ୍କ ରହିବା ପାଇଁ ପ୍ରାୟ ୧୫୦ଟି ଟାଇପ୍-୭ ଆପାର୍ଟମେଣ୍ଟ ରହିବ। ଏଥିରେ ଜଗିଙ୍ଗ ଟ୍ରାକ୍, ଗୋଷ୍ଠୀ କେନ୍ଦ୍ର, ଲିଫ୍ଟ ଆଦି ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ପରେ ଅବଶିଷ୍ଟାଂଶ ଭଙ୍ଗାଯାଇ ବିଧାନସଭା କର୍ମଚାରୀମାନଙ୍କ ପାଇଁ ଆପାର୍ଟମେଣ୍ଟ ନିର୍ମାଣ ହେବ। ସେହିଭଳି ବିଧାନସଭାରେ ଥିବା ଗ୍ରନ୍ଥାଗାର କୋଠାର ମଧ୍ୟ ସଂପ୍ରସାରଣ କରାଯିବା ସହିତ ବିଧାନସଭା ଗୃହର ଆଭ୍ୟନ୍ତର ଅଂଶକୁ ପୁନର୍ନିର୍ମାଣ କରାଯିବ। ଏଥିରେ ଆଧୁନିକ ବୈଷୟିକ କୌଶଳଯୁକ୍ତ ଯନ୍ତ୍ରପାତି ସଂଯୋଗ କରାଯାଇ ଏହାକୁ ଅତ୍ୟାଧୁନିକ ରୂପ ଦିଆଯିବ। ଏହା ଛଡ଼ା ବିଧାନସୌଧର ସ୍ଥାୟୀ ଆଲୋକୀକରଣ ପାଇଁ ମଧ୍ୟ ଯଥାଶୀଘ୍ର ପଦକ୍ଷେପ ନିଆଯିବ। ଏହିସବୁ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ପୂର୍ତ୍ତ ବିଭାଗକୁ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବାଚସ୍ପତି ଡ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏମ୍‌ଏଲ୍‌ଏ କଲୋନୀରେ ପ୍ରସ୍ତାବିତ ବହୁତଳ କୋଠା ନିର୍ମାଣ ସଂପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତିଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକର ନିଷ୍ପତି ପ୍ରକାରେ ଏମ୍‌ଏଲ୍‌ଏ କଲୋନୀର କିଛି ଅଂଶକୁ ଭଙ୍ଗାଯାଇ ସେଠାରେ ବହୁତଳ ବିଶିଷ୍ଟ କୋଠା ନିର୍ମାଣ କରାଯିବ। ପୂର୍ତ୍ତ ବିଭାଗର କମିଶନର ତଥା ଶାସନ ସଚିବ ଡ. କ୍ରିଷନ୍ କୁମାର ଓ ମୁଖ୍ୟଯନ୍ତ୍ରୀ (କୋଠାବାଡ଼ି) ଏସ୍. ଆର୍. ସେଠୀ ବାଚସ୍ପତିଙ୍କୁ ସଦ୍ୟତମ ସ୍ଥିତି ସଂପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ବିଧନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ମାହାଲ ନିର୍ଦ୍ଦେଶକ ହେମନ୍ତ କୁମାର ପାଢ଼ୀ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଶାସନ ସଚିବ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜେ.କେ. ଦାସ ଓ ପୂର୍ତ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।















Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି